ବର୍ଷ-୨୬, ସଂଖ୍ୟା-୧୨୮
ଭୁବନେଶ୍ୱର
୧୨, ମଇ, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 128
Bhubaneswar
12 May, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




୪୫ ବର୍ଷରେ ରିଦ୍ଧିମା

# ଦୁନିଆର କୌଣସି ଶକ୍ତି ଆମକୁ ନୁଆଁଇ ପାରିବନି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୧।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟରେ ସୋମନାଥ ଅମୃତ ମହୋତ୍ସବରେ ଯୋଗ ଦେଇ ଭାରତର ସାଂସ୍କୃତିକ ଐତିହ୍ୟ, ଆତ୍ମବିଶ୍ୱାସ ଏବଂ ଜାତୀୟ ଶକ୍ତି ବିଷୟରେ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଛନ୍ତି। ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ କହିଥିଲେ, ଇତିହାସରେ ଅନେକ ଆକ୍ରମଣକାରୀ ସୋମନାଥ ମନ୍ଦିର ଉପରେ ଆକ୍ରମଣ କରି ଏହାର ବୈଭବକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେମାନେ କେବେ ସଫଳ ହୋଇ ନଥିଲେ। ଏହା ସହ ପ୍ରଧାନମନ୍ତ୍ରୀ କହିଥିଲେ, ଆଜିର ଦିନ ଆଉ ଏକ କାରଣରୁ ସ୍ୱତନ୍ତ୍ର ରହିଛି। ଆଜିର ଦିନରେ ପୋଖରାନରେ ପରମାଣୁ ପରୀକ୍ଷଣ କରାଯାଇଥିଲା। ଆମ ବୈଜ୍ଞାନିକ ଭାରତର ସାମର୍ଥ୍ୟ ଏବଂ କ୍ଷମତାକୁ ଦୁନିଆ ଆଗରେ ରଖିଥିଲେ। ସାରା ଦୁନିଆରେ ଝଡ ସୃଷ୍ଟି ହୋଇଥିଲା। ସମସ୍ତେ କହିଥିଲେ ଭାରତର କ'ଣ ଅଛି ତା'ର ସ୍ଥିତି କ'ଣ ଏଭଳି କିଛି ଭାରତ ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିଲେ ସାରା ବିଶ୍ୱ। ଅନେକ ପ୍ରକାର କଟକଣା ଲଗାଇଥିଲେ। ସମ୍ଭାବନାର ବହୁ ରାସ୍ତାକୁ ବି ବନ୍ଦ କରିଦେଇଥିଲେ। ହେଲେ ଆମେ ଥିଲୁ କିଛି ଅଲଗା।'

ପରୀକ୍ଷଣ ପରେ ସାରା ଦୁନିଆରୁ ଆସିଥିବା ଚାପକୁ ମନେପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ଉପରେ ବହୁ କଟକଣା ଲଗାଇ ଦିଆଯାଇଥିଲା। ଭାରତକୁ ଚାପ ପକାଇବାକୁ ବହୁତ ଚେଷ୍ଟା କରାଯାଇଥିଲା, କିନ୍ତୁ ଭାରତ ଅଟଳ ରହିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଇଚ୍ଛାଶକ୍ତିକୁ ମନେପକାଇ ପିଏମ୍ ମୋଦି କହିଛନ୍ତି, ୧୧ ମଇ ପରେ ସାରା ଦୁନିଆ ଆମକୁ ଟାର୍ଗେଟ କରିଥାନ୍ତା। ହେଲେ ୧୧ ମଇରେ ବୈଜ୍ଞାନିକମାନେ ନିଜର କାମ କରିସାରିଥିଲେ। ୧୩ ମଇରେ ଦୁଇଟି ପରମାଣୁ ପରୀକ୍ଷଣ ହୋଇଥିଲା। ଯାହାଦ୍ୱାରା ସାରା ଦୁନିଆକୁ ଜଣାପଡିଯାଇଥିଲା ଯେ, ଭାରତର ରାଜନୈତିକ ଇଚ୍ଛାଶକ୍ତି କେତେ ଅଟଳ। ସେ ସମୟରେ ପୁରା ଦୁନିଆର ଚାପ ଭାରତ ଉପରେ ଥିଲା। କିନ୍ତୁ ଅଟଳଜୀଙ୍କ ନେତୃତ୍ୱରେ ବିଜେପି ସରକାର ଅସମ୍ଭବକୁ ସମ୍ଭବ କରିପାରିଥିଲା। ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱାଧୀନତା ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୫୦୦ ରୁ ଅଧିକ ଗଡ଼ଜାତ ରାଜ୍ୟକୁ ଏକତ୍ର କରି ଦେଶକୁ ଏକତ୍ର କରିଥିଲେ ଏବଂ ସୋମନାଥ ମନ୍ଦିର ପୁନଃନିର୍ମାଣ ପାଇଁ ତାଙ୍କର ସଂକଳ୍ପକୁ ମଧ୍ୟ ପୂରଣ କରିଥିଲେ। ମୋତେ ଅନେକ ଥର ସୋମନାଥ ଦର୍ଶନ କରିବାର ସୁଯୋଗ ମିଳିଛି ଏବଂ କିଛି ସମୟ ପୂର୍ବରୁ ସେଠାକୁ ଗସ୍ତ କରିଥିଲି। ଆକ୍ରମଣକାରୀମାନେ ସୋମନାଥକୁ କେବଳ ଏକ ଭୌତିକ ଢାଞ୍ଚା ବୋଲି ଭାବିଥିଲେ, ଏବଂ ଏହାକୁ ବାରମ୍ବାର ଧ୍ୱଂସ କରିଥିଲେ। କିନ୍ତୁ ପ୍ରତ୍ୟେକ ଥର, ସୋମନାଥ ପୁଣି ଠିଆ ହୋଇଥିଲେ କାରଣ ଏହାକୁ ଧ୍ୱଂସ କରିଥିବା ଲୋକମାନେ ଭାରତର ବୈଚାରିକ ଶକ୍ତିକୁ ବୁଝିପାରି ନଥିଲେ। ଭାରତୀୟ ସଂସ୍କୃତି ଭୌତିକ ଶରୀରକୁ ନଶ୍ୱର ବୋଲି ମାନିଥାଏ, କିନ୍ତୁ ଏହା ମଧ୍ୟରେ ଥିବା ଆତ୍ମାକୁ ଅମର ବୋଲି ମାନିଥାଏ। ଶିବ ହେଉଛନ୍ତି ପରମାତ୍ମା, ଏବଂ ଏହା ଭାରତର ଅନନ୍ତ ଚେତନାର ସର୍ବଶ୍ରେଷ୍ଠ ଶକ୍ତି ବୋଲି କହିଛନ୍ତି ପିଏମ୍ ମୋଦି।



# ଭାରତୀୟଙ୍କ ଆତ୍ମସମ୍ମାନର ପ୍ରତୀକ ସୋମନାଥ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୫(ମହାଭାରତ) : ସୋମନାଥ ଯଦି ଭାରତର ପଶ୍ଚିମ ପ୍ରହରୀ, ତେବେ ଲିଙ୍ଗରାଜ ହେଉଛନ୍ତି ପୂର୍ବର ଅବିଚଳିତ ଶକ୍ତି। ସୋମବାର ଲିଙ୍ଗରାଜ ପୀଠରେ ଆୟୋଜିତ 'ସୋମନାଥ ସ୍ୱାଭିମାନ ପର୍ବ' ଯୋଗ ଦେଇ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଏକାମ୍ର କ୍ଷେତ୍ରସ୍ଥ ପ୍ରଭୁ ଲିଙ୍ଗରାଜଙ୍କ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ' ଏକ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଗୁଜରାଟର ପ୍ରଭାସ ପାଟନସ୍ଥିତ ସୋମନାଥ ମନ୍ଦିରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିଚାଳିତ ଭବ୍ୟ ସମାରୋହର ସିଧାପ୍ରସାରଣ ଦେଖିଥିଲେ। ଏକାମ୍ର ପୀଠରେ ଏକ ବିଶେଷ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗୁଜରାଟରୁ ଶ୍ରୀ ସୋମନାଥ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାର ସହ ଦେଖିବା ସହିତ ଲିଙ୍ଗରାଜ ପୀଠର ଶ୍ରଦ୍ଧାଳୁମାନଙ୍କ ସହ ସେହି ମୁହୂର୍ତ୍ତକୁ ବାଣ୍ଟିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାରତୀୟ ସଂସ୍କୃତିର ସୁରକ୍ଷା ଓ ଶୈବପୀଠଗୁଡ଼ିକର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହିତ ପ୍ରଭୁ ସୋମନାଥଙ୍କ ସଂଘର୍ଷମୟ ଇତିହାସକୁ ସ୍ମରଣ କରି କରିଛନ୍ତି। ସୋମନାଥ ମନ୍ଦିରର ପୁନରୁଦ୍ଧାର ଥିଲା ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଭାରତୀୟ ସଭ୍ୟତାର ପୁନଃ ସ୍ଥାପନର ଶୁଭାରମ୍ଭ ଏବଂ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର




ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତର ସାଂସ୍କୃତିକ ପୁନର୍ଜାଗରଣ ଘଟୁଛି। ଆକ୍ରମଣକାରୀମାନେ ବାରମ୍ବାର ମନ୍ଦିର ଧ୍ୱଂସ କରି ଭାରତର ଆତ୍ମାକୁ ମାଟିରେ ମିଶାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସନାତନୀଙ୍କ ରକ୍ତରେ ପ୍ରବାହିତ ଆସ୍ଥା ଯୋଗୁଁ ଏହା ପ୍ରତିଥର ପୁନର୍ଜନ୍ମ ଲାଭ କରିଛି।

ସୋମନାଥ ପନୁରୁଦ୍ଧାରରେ ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଯୋଗଦାନକୁ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି। ତତ୍କାଳୀନ ରାଜନୈତିକ ବାଧାବିଘ୍ନ ଓ ତଥାକଥିତ ଧର୍ମ ନିରପେକ୍ଷତା ନାଁରେ ହୋଇଥିବା ବିରୋଧକୁ ସମାଲୋଚନା କରି ସେ କହିଥିଲେ ଯେ, ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ନୂତନ ଭାରତ' ନିଜର ପରିଚୟକୁ ନେଇ ଗର୍ବିତ। ମୋଦୀଜୀଙ୍କ 'ବିକାଶ ଭି, ବୀରାସତ ଭି' ମନ୍ତ୍ର ଆଜି କାଶୀ ବିଶ୍ୱନାଥ କରିଡରଠାରୁ ଆରମ୍ଭ କରି ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ସବୁଠି ପ୍ରତିଫଳିତ ହେଉଛି। ଓଡ଼ିଶାର ବିକାଶ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ସରକାର ରାଜ୍ୟର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ସରକାର ୩୩୦ କୋଟି ଟଙ୍କା ବିନିଯୋଗରେ ଏକାମ୍ର କ୍ଷେତ୍ରର ବିକାଶ ଏବଂ ୧୦୦୦ କୋଟି ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଭଳି ପ୍ରକଳ୍ପ ଓଡ଼ିଶାକୁ ଭାରତର ସାଂସ୍କୃତିକ ରାଜଧାନୀ ଭାବେ ପ୍ରତିଷ୍ଠା କରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହାସହ 'ଅରେଞ୍ଜ ଇକୋନୋମି' ବା ସଂସ୍କୃତି ଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହନ ଦେଇ ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ତାଙ୍କ ସରକାରର ମୂଳ ଲକ୍ଷ୍ୟ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଭାରତର ସାଂସ୍କୃତିକ ପୁନର୍ଜାଗରଣ ଏବଂ ଶୈବପୀଠଗୁଡ଼ିକର ମହିମା ଉପରେ ଆଲୋକପାତ କରିବା ସହ କହିଥିଲେ ଯେ ଭାରତର ଆତ୍ମସମ୍ମାନ ଯେତେବେଳେ ବିପଦରେ ଥିଲା, ସେତେବେଳେ ସୋମନାଥ ମନ୍ଦିର ଏକ ଆଲୋକ ବର୍ତ୍ତିକା ସଦୃଶ ଉଭା ହୋଇଥିଲା। ଆମ ମାଟିର ପ୍ରତିଟି ଶିଳାଖଣ୍ଡରେ ଇତିହାସ ଓ ଆତ୍ମବିଶ୍ୱାସ ଲୁଚି ରହିଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଲାଗିବନି 'ଭିଡ଼ ହିଂସା' ଧାରା : କ୍ରାଇମବ୍ରାଞ୍ଚ ଡିଜି

ଭୁବନେଶ୍ୱର, ୧୧।୫(ମହାଭାରତ): ରାଜଧାନୀ ଭୁବନେଶ୍ୱରର ବାଲିଅନ୍ତା ସୌମ୍ୟ ମୃତ୍ୟୁ ଘଟଣା ସାରା ରାଜ୍ୟକୁ ଦୋହଲାଇ ଦେଇଛି। ସେହି ବେଳର ଦୃଶ୍ୟ ଯିଏ ବି ଦେଖୁଛି ତାର ଲୋମ ଟାଙ୍କୁରି ଉଠୁଛି। ତେବେ ଏକାଧିକ ଲୋକେ ଏଥିରେ ସାମିଲ ଥିଲେ ସୁଦ୍ଧା ଏହି ମାମଲାରେ 'ଭିଡ଼ ହିଂସା' ବା 'ମବ୍ ଲିଞ୍ଚିଙ୍ଗ୍' ଧାରା ଲାଗ ହେବ ନାହିଁ। କିନ୍ତୁ ହତ୍ୟା ମାମଲାରେ ଯାହା ଦଣ୍ଡ ବିଧାନ ରହିଛି ଏଥିରେ ସମାନ ଦଣ୍ଡ ବିଧାନ ରହିବ ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର। କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି ବାଲିଅନ୍ତା ଘଟଣାକୁ ଅତି ଗୁରୁତର ସହିତ ଗ୍ରହଣ କରାଯାଇଛି। ବିଭିନ୍ନ ଲୋକଙ୍କ ବୟାନ ରେକର୍ଡ କରାଯାଉଛି। ସେଠାରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ହତ୍ୟାକାଣ୍ଡରେ ଜଡ଼ିତ ନ ଥିଲେ। କିଛି ଲୋକ କେବଳ ଛିଡ଼ା ହୋଇ ଦେଖିଥିଲେ।



କିଛି ଲୋକ ମାଡ଼ ମାରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। କିନ୍ତୁ ଏହି ଘଟଣାରେ ଭିଡ଼ ହିଂସା ଧାରା ଲାଗୁ କରାଯିବ ନାହିଁ। ଡିଜି କହିଛନ୍ତି ଯେ ଭିଡ଼ ହିଂସାକୁ ନେଇ ଭାରତୀୟ ନ୍ୟାୟ ସଂହିତାରେ କିଛିଟା କ୍ଲଜ୍ ରହିଛି। ୫ରୁ ଅଧିକ ଲୋକ ଯଦି ଜାତି, ଧର୍ମ, ଯୌନ, ଜନ୍ମ ସ୍ଥାନ, ଭାଷା କିମ୍ବା ବ୍ୟକ୍ତିଗତ ଭାବାବେଗକୁ ନେଇ ଆକ୍ରମଣ କରିଥିବେ ତେବେ ତାହା ଭିଡ଼ ହିଂସା ଅଧୀନରେ ଆସିବ। କିନ୍ତୁ ବାଲିଅନ୍ତା ମାମଲାରେ ଏତଲାରେ ସେଭଳି କିଛି ଅଭିଯୋଗ ଆସି ନାହିଁ। ତେଣୁ ଏଠାରେ ଭିଡ଼ ହିଂସାର ଧାରା ଲାଗୁ ହୋଇପାରିବ ନାହିଁ। କିନ୍ତୁ ଆଗାମୀ ଦିନରେ ତଦନ୍ତ କ୍ରମରେ ଯଦି ଏଭଳି ଅଭିଯୋଗ ଆସେ ତେବେ ଧାରା ଲାଗୁ କରାଯିବ। ତେବେ ଭିଡ଼ ହିଂସା ଏବଂ ଏହି ହତ୍ୟା କାଣ୍ଡରେ ସମାନ ଦଣ୍ଡବିଧାନ ହେବ ବୋଲି ସ୍ପଷ୍ଟ କରିଛନ୍ତି ଡିଜି ଶ୍ରୀଯୁକ୍ତ ମିଶ୍ର।

## ସୁପ୍ରିମକୋର୍ଟରେ ତଥ୍ୟ ରଖିଲା ଟିଏମସି

ନୂଆଦିଲ୍ଲୀ, ୧୧।୫(ମହାଭାରତ) : ନିକଟରେ ଶେଷ ହୋଇଥିବା ବେଙ୍ଗଲ ନିର୍ବାଚନର ରେଜଲ୍ଟ ଉପରେ ଏସ୍ ?ଆଇଆରର ସାଂଘାତିକ ପ୍ରଭାବ ପଡିଥିବା ସୁପ୍ରିମକୋର୍ଟଙ୍କୁ ଜଣାଇଛି ମମତା ବାନାର୍ଜୀଙ୍କ ଟିଏମସି। ଭାରତୀୟ ନିର୍ବାଚନ କରିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏସ୍ ?ଆଇଆରରେ ବେଙ୍ଗଲ ଭୋଟର ତାଲିକାରୁ ୯୦.୮ ଲକ୍ଷ ନାଁ କଟି ଯାଇଛି।ନାଁ କଟିବାର ପ୍ରଭାବ ଦଳ ୨୦୨୧ରେ ଜିତିଥିବା ୩୧ଟି ଆସନରେ ସବୁଠାରୁ ଅଧିକ ପଡିଛି। ୨୦୨୧ରେ ଦଳ ଯେଉଁ ୩୧ଟି ଆସନରେ ଜିତିଥିଲା, ଏଥର ହାରିଛି। ଚଳିତ ବର୍ଷ ସେସବୁ ସ୍ଥାନରେ ବିଜେପି ଜିତିଛି।

ଟିଏମସି ସାଂସଦ ତଥା ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀ ସୁପ୍ରିମକୋର୍ଟଙ୍କ ଆଗରେ ତଥ୍ୟ ଉପସ୍ଥାପନ କରି କହିଛନ୍ତି ଯେ ୩୧ଟି ଆସନରେ ଯେତିକି ମତଦାତାଙ୍କ ସଂଖ୍ୟା ହ୍ରାସ କରାଯାଛି, ତାହା ଗତ ନିର୍ବାଚନରେ ତୃଣମୂଳ କଂଗ୍ରେସର ପ୍ରାର୍ଥୀମାନେ ଜିତିଥିବା ସଂଖ୍ୟା ବା ଭୋଟ ଠାରୁ ଅଧିକ। କିଛି ଆସନରେ ସଂଖ୍ୟା ପ୍ରାୟ ସମାନ ରହିଛି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ଜୟମଲୟ ବାଗଚିଙ୍କ ଖଣ୍ଡପୀଠ ଏହା ଶୁଣିବା ପରେ କହିଛନ୍ତି ଯେ ଯଦି କିଛି ଆସନରେ ଜିତିବା ଓ ହାରିବା ବ୍ୟବଧାନ ଏତେ କମ ରହିଛି, ତା'ହେଲେ ପ୍ରଭାବିତ ଦଳ ଏନେଇ ଗୋଟିଏ ଆବେଦନ କରିପାରିବ। ଗତ ଶୁଣାଣିରେ କୋର୍ଟ ସମାନ ପ୍ରାବଧାନର ପ୍ରସ୍ତାବ ଦେଇଥିଲେ। ନିର୍ବାଚନ କମିଶନ ମଧ୍ୟ ଏପରି ସ୍ଥିତିରେ ଆବେଦନ କରିବାରେ କିଛି ଅସୁବିଧା ନଥିବା କହିଥିଲେ। ନିଜର ପକ୍ଷ ରଖି କଲ୍ୟାଣ ବାନାର୍ଜୀ କହିଛନ୍ତି ଯେ ଗୋଟିଏ ସ୍ଥାନରେ ଟିଏମସି ପ୍ରାର୍ଥୀ ମାତ୍ର ୮୬୨ ଖଣ୍ଡ ଭୋଟରେ ପରାସ୍ତ ହୋଇଛନ୍ତି। କିନ୍ତୁ ଉକ୍ତ ନିର୍ବାଚନ ମଣ୍ଡଳୀରୁ ୫ ହଜାରରୁ ଅଧିକ ନାଁ କାଟି ଦିଆଯାଇଛି।

## ମଇ ମାସରେ ୯ ଦିନ ହେବ ରତ୍ନଭଣ୍ଡାର ଗଣତି

ପୁରୀ ୧୧।୫(ମହାଭାରତ): ମଇ ମାସରେ ଶ୍ରୀ ଜଗନ୍ନାଥ ମନ୍ଦିର ରତ୍ନ ଭଣ୍ଡାରର ଗଣତି କାର୍ଯ୍ୟକ୍ରମ ନିମନ୍ତେ ୯ ଦିନ ଧାର୍ଯ୍ୟ କରାଯାଇଛି। ଆଜି (ସୋମବାର) ଓ ଆସନ୍ତାକାଲି (ମଙ୍ଗଳବାର) ବ୍ୟତୀତ ଅନ୍ୟ ୭ ଦିନ ଏହି ଗଣତି କାର୍ଯ୍ୟକ୍ରମ ହେବ। ଆଜି ଶ୍ରୀମନ୍ଦିର ପ୍ରଶାସନର ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ, ମଇ ମାସର ୧୯, ୨୧, ୨୩, ୨୬, ୨୮, ୨୯ ଓ ୩୦ ତାରିଖରେ ଗଣତି ହେବ। ସୂଚନାଯୋଗ୍ୟ, ପ୍ରାୟ ୫୦ ବର୍ଷ ପରେ ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ଚଳନ୍ତି ଭଣ୍ଡାର (ନିତ୍ୟ ବ୍ୟବହାର ନିମନ୍ତେ ରଖାଯାଇଥିବା ଅଳଙ୍କାର ଆଦି) ଓ ବାହାର ଭଣ୍ଡାର (ପୂଜା ଆଦିରେ ବ୍ୟବହାର ନିମନ୍ତେ ରଖାଯାଇଥିବା ଅଳଙ୍କାର ଓ ସାମଗ୍ରୀ ଆଦି)ର ଗଣତି ମଣତି ଅନୁଷ୍ଠିତ ହୋଇଯାଇଛି। ଏହାପରେ ଚଳିତ ବର୍ଷ ଅପ୍ରିଲ୍ ୧୪ ତାରିଖରୁ ଭିତର ଭଣ୍ଡାର କେବଳ ଗଣତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଚନ୍ଦନଯାତ୍ରା ଆରମ୍ଭ ହେବା ପୂର୍ବରୁ କେବଳ ୨୦ ପ୍ରତିଶତ

## ନୟାଗଡ଼ରେ ଡବଲ୍ ମର୍ଡର

ନୟାଗଡ, ୧୧।୫(ମହାଭାରତ): ନୟାଗଡ଼ ଜିଲ୍ଲାରେ ସୋମବାର ଗୋଟିଏ ଦିନରେ ଜିଲ୍ଲାର ଦୁଇଟି ନୃସଂଶ ହତ୍ୟାଘଟଣାକୁ ପୁଲିସ ସାମ୍ନା କରିଛି। ଓଡଗାଁରେ ବାଲିମାଫିଆମାନେ ଅଜିତ କୁମାରସାହୁ ନାମକ ଜଣେ ବଜରଙ୍ଗ ଦଳର କର୍ମୀଙ୍କୁ ବିଭତ୍ସ ହତ୍ୟାକାଣ୍ଡକୁ ନେଇ ଦିନ ତମାମ ଚର୍ଚ୍ଚା ଥମିନଥିବା ବେଳେ ସନ୍ଧ୍ୟାରେ ଗଣିଆ ଥାନା ଅଧୀନ ବାଲିସାହି–ଏରୁଣ୍ଡିପଥର ରାସ୍ତାରୁ ଜଣେ ଯୁବକଙ୍କ ଅର୍ଦ୍ଧ ଦଗ୍ଧ ମୃତଦେହ ଜବତ ହୋଇଛି।

ଆଜି ଅପରାହ୍ନରେ ବାଲିସାହି–ଏରୁଣ୍ଡିପଥର ରାସ୍ତାରେ ଖଣ୍ଡପଡା ଥାନା ଅଧୀନ ଢୋଲମରା ପଞ୍ଚାୟତର କନ୍ଧମେରି ଗାଁର ରୁଷିଆ ପ୍ରଧାନଙ୍କ ପୁଅ ସଞ୍ଜୟ ପ୍ରଧାନ (୧୮)ଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ଖବର ପାଇ ଗଣିଆ ଥାନା ପୁଲିସ ତୁରନ୍ତ ସେଠାରେ ପହଞ୍ଚିଥିଲା। ପରେ ଥାନା ଇନସପେକ୍ଟର ଚକ୍ରଧର ଛତ୍ରିଆ ସେଠାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପ୍ରଥମେ ଯୁବକଙ୍କ ପରିଚୟ ମିଳିନଥିବା ବେଳେ ହାତରେ କରାଯାଇଥିବା ଟାଟୁରୁ ତାଙ୍କ ନାଁ ସଞ୍ଜୟ ବୋଲି ଜଣାପଡିଥିଲା। ପରେ ପୁଲିସ ଅଧିକ ଖୋଳତାଡ କରିବାରୁ ତାଙ୍କ ଘର ସମ୍ପର୍କରେ ସମସ୍ତ ତଥ୍ୟ ପାଇଥିଲା। ରାତିରେ ଗଣିଆ ଥାନାରେ ତାଙ୍କ ମା' ଡଲି ପ୍ରଧାନ ପହଞ୍ଚି ପୁଅକୁ ହତ୍ୟା କରାଯାଇଥିବା ନେଇ ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ମା' ଡଲିଙ୍କ ସୂଚନା ମୁତାବକ, ସଞ୍ଜୟ ଭୁବନେଶ୍ୱରରେ ରହି କାଠ କାମ କରୁଥିଲେ। ରବିବାର ଅପରାହ୍ନରେ ସେ ଘରକୁ ଆସିଥିବା ନେଇ ତାଙ୍କ ମାଲିକ ଫୋନ୍ ଯୋଗେ କହିଥିଲେ। ଫୋନ୍ ପାଇବା ପରେ ପୁଅ କେତେବେଳେ ଆସିବ ବୋଲି ଡଲି ଅପେକ୍ଷା କରିଥିଲେ। ମାତ୍ର ରାତି ପାହି ସକାଳ ହେଲା ପଛେ, ସଞ୍ଜୟଙ୍କ ଦେଖା ମିଳିଲା ନାହିଁ। ଏହି ହତ୍ୟାକାଣ୍ଡ କେମିତି ଓ କାହିଁକି ଘଟିଲା, ଏହାର ଉତ୍ତର ମଧ୍ୟ ଡଲିଙ୍କ ପାଖରେ ନାହିଁ। ଏତେ କମ୍ ବୟସର ସଞ୍ଜୟଙ୍କ ସହ କାହାର ଶତ୍ରୁତା ଥିଲା ତାଙ୍କୁ ଖଣ୍ଡପଡା ନା ଭୁବନେଶ୍ୱରରେ ହତ୍ୟା କରାଯାଇ, ଏଠାରେ ପୋପାଡି ଦିଆଯାଇଛି ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯଦି ସଞ୍ଜୟଙ୍କୁ ଏଠାରେ ହତ୍ୟା କରାଯାଇଛି, ତେବେ ସେ କାହିଁକି ଏହି ଅଞ୍ଚଳକୁ ଆସିଥିଲେ ଏହି ହତ୍ୟାକାଣ୍ଡକୁ ନେଇ ଏବେ ଏମିତି ମାଳମାଳ ପ୍ରଶ୍ନ ଉଙ୍କି ମାରିଛି ଓ ପୁଲିସ ପାଇଁ ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।



ସେହିପରି ବେଆଇନ ମାଙ୍କଡା ପଥର ବୋଝେଇ ଗାଡିକୁ ଅଟକାଇ ପୁଲିସକୁ ଖବର ଦେବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ପଥର ମାଫିଆମାନେ ମୁଖ୍ୟ ରାସ୍ତାରେ ଆକ୍ରମଣ କରି ହତ୍ୟା କରିବା ସହ ଦୁଇ ହାତ କାଟି ଦେଇଛନ୍ତି। ମୃତ ଯୁବକ ଜଣକ ଓଡଗାଁ ଖେଳପଡିଆ ସାହିର ଅଜିତ କୁମାର ସାହୁ। ଏହି ଘଟଣାରେ ୪ ଜଣ ଗିରଫ ହୋଇଛନ୍ତି। ଅଜିତ, ବଜରଙ୍ଗଦଳର ଜଣେ ସକ୍ରିୟ କର୍ମୀ ଥିଲେ। ପୂର୍ବରୁ ଅନେକ ଥର, ଅଜିତ ବେଆଇନ ମାଙ୍କଡାପଥରଗାଡି ଓ ଗୋଚାଲାଣ ଗାଡିଗୁଡିକୁ ଅଟକାଇ ପୁଲିସକୁ ସୂଚିତ କରିଛନ୍ତି। ଅଜିତଙ୍କ ଭୟରେ ମାଙ୍କଡାପଥର ଓ ଗୋ–ମାଫିଆଙ୍କ ବେପାର ମାନ୍ଦା ହୋଇ ଯାଇଥିଲା। ରବିବାର ରାତି ପ୍ରାୟ ସାଢେ ଦୁଇଟା ସମୟରେ, ଏକ ମାଙ୍କଡା ବୋଝେଇ ଟ୍ରକକୁ ସୁରକ୍ଷା ଦେଇ ଏକ କାର୍‌ରେ ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ସଜ୍ଜିତ ହୋଇ ବାହାରିଥିଲେ। ଓଡଗାଁ ଥାନାଠାରୁ ମାତ୍ର ଦୁଇ କିମି ଦୂର ଓଡଗାଁ କଲେଜ ନିକଟ କଦଳୀବନ୍ଧ ଠାରେ ଅଜିତ ମାଙ୍କଡାପଥର ବୋଝେଇ ଗାଡିକୁ ଅଟକାଇଥିଲେ। ଏହି ସମୟରେ କାର୍ ଭିତରୁ ପ୍ରାୟ ୬ଜଣ ଦୁର୍ବୃତ୍ତ ଖଣ୍ଡାକାତି ବାହାରି ଅଜିତକୁ ଚାରିପଟୁ ଘେରିଯାଇଥିଲେ। ସଂଘବଦ୍ଧ ଭାବେ ଆକ୍ରମଣ କରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଖଣ୍ଡା ଚୋଟରେ ଅଜିତଙ୍କ ବାମ ହାତର ପାପୁଲି ଛିଣ୍ଡି ଖଣ୍ଡେ ଦୂରରେ ପଡ଼ିଥିବା ବେଳେ ଡାହାଣ ହାତ ଭାଙ୍ଗି ଲଟକି ରହିଥିଲା।

# ଅଫିସରଙ୍କୁ ପରିବହନ ବିଭାଗର ଅଜବ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୫(ମହାଭାରତ): ରାଜ୍ୟରେ ସଡକ ସୁରକ୍ଷା ପରିବର୍ତ୍ତେ ଏବେ ରାଜ୍ୟ ପରିବହନ ବିଭାଗ ଚେକିଂ ଆଳରେ ସାଧାରଣ ଲୋକଙ୍କଠୁ ଜୋର ଜବରଦସ୍ତି ଜୋରିମାନା ଆଦାୟ କରିବ। ରାଜ୍ୟରେ ସଡକ ସୁରକ୍ଷା ଓ ସଚେତନତା ପ୍ରତି ସାଧାରଣ ଲୋକ ଓ ଯାତ୍ରୀଙ୍କୁ ସଚେତନ କରାଇବା ପରିବର୍ତ୍ତେ ରାଜ୍ୟ ସଡକ ପରିବହନ କମିଶନରଙ୍କ ଏଭଳି ଟଙ୍କା ଆଦାୟ କରିବାର 'ଫତୱା'କୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।ମୁଖ୍ୟମନ୍ତ୍ରୀଙ୍କ 'ଲୋକ ସରକାର'ରେ ସଡକ ସୁରକ୍ଷା ଓ ଗାଡି ଚେକିଂ ଆଳରେ କୋଟିକୋଟି ଟଙ୍କା ଆଦାୟ କରି ରାଜକୋଷ ଭରଣା କରିବାକୁ ନିଜର ଅଫିସରମାନଙ୍କୁ ପରିବହନ କମିଶନର କିଭଳି ନିର୍ଦ୍ଦେଶ ଦେଲେ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ରାଜ୍ୟର ଦୁର୍ଘଟଣା ପରିସ୍ଥିତି ଓ ବର୍ଦ୍ଧିତ ଯାନବାହନ ସଂଖ୍ୟାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଆରଟିଓ ଅଂଚଳ ଓ ଅଫିସରଙ୍କ ପାଇଁ ମୋଟର ଯାନ ଅପରାଧ ଚିହ୍ନଟ ଓ ଜରିମାନାବାବଦ ରାଜସ୍ୱ ଆଦାୟର ଏକ ନିର୍ଦ୍ଦିଷ୍ଟ ଟାର୍ଗେଟ୍ ପ୍ରଦାନ କରାଯାଇଛି। ରାଜ୍ୟ ପରିବହନ କମିଶନର ମଇ ୮ତାରିଖରେ ସମସ୍ତ ଆଂଚଳିକ ପରିବହନ ଅଧିକାରୀଙ୍କ ସମେତ ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ ଓ ଟ୍ରାଫିକ ଡିଏସପିଙ୍କୁ ଚିଠି ଲେଖି ରାଜସ୍ୱ ଆଦାୟର ଟାର୍ଗେଟ୍ ଦେଇଛନ୍ତି। ପରିବହନ ବିଭାଗ ରାଜ୍ୟରେ ଲୋକଙ୍କୁ ସଡକ ସୁରକ୍ଷା ଓ ସଚେତନତା ପାଇଁ କାର୍ଯ୍ୟ କରୁଛି ନା ନିଜର ରାଜସ୍ୱ ବୃଦ୍ଧିକୁ ପ୍ରାଥମିକତା ଦେଉଛି ତାହାର ନଗ୍ନ ଚିତ୍ରକୁ ରାଜ୍ୟ ପରିବହନ କମିଶନରଙ୍କ ଚିଠି ହିଁ ପ୍ରମାଣିତ କରାଉଛି। ରାଜ୍ୟରେ ସଡକ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଧରିବା ପାଇଁ ଯାଂଚ ବା ଚେକିଂ ନୁହେଁ



ବରଂ ଜରିମାନା ଆଦାୟର ପରିମାଣକୁ ଅଫିସରମାନଙ୍କ ପ୍ରଦର୍ଶନର ମାପକାଠି ଭାବେ ବିବେଚନା କରିବାକୁ ମଧ୍ୟ ବିଭାଗ ପଛାଇନାହିଁ।

ଆଶ୍ଚର୍ଯ୍ୟର କଥା ଚିଠିରେ, ପରିବହନ କମିଶନର ଦର୍ଶାଇଛନ୍ତି ଯେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଓଡିଶା ମୋଟର ଯାନ ବିଭାଗ(ଓଏମଭିଡି)ର ପ୍ରତ୍ୟେକ ଅଫିସରଙ୍କ ନିମନ୍ତେ ଇ-ଚାଲାଣ କାଟିବା ଓ ମୋଟର ଯାନ ରାଜସ୍ୱ ଆଦାୟ କରିବାର ଏକ ନିର୍ଦ୍ଦିଷ୍ଟ ଟାର୍ଗେଟ୍ ସ୍ଥିର କରାଯାଇଛି। ପ୍ରତ୍ୟେକ ଅଂଚଳରେ ଯାନବାହନର ଚଳାଚଳ ଓ ୨୦୨୫-୨୬ ବର୍ଷରେ ଚିହ୍ନଟ ହୋଇଥିବା ନିୟମ ଉଲ୍ଲଂଘନକୁ ଭିତ୍ତି କରି ଏହି ଲକ୍ଷ୍ୟ ସ୍ଥିର କରାଯାଇଛି। ରାଜ୍ୟରେ ଏବେ ଗାଡି ସଂଖ୍ୟା ବହୁଗୁଣିତ ହେବା ସହ ଓଭରଲୋଡିଂ ସମସ୍ୟା ମଧ୍ୟ ବୃଦ୍ଧି ପାଇଛି, ଯାହାକୁ ଦୃଷ୍ଟିରେ ରଖି ଓ ଦୁର୍ଘଟଣା ସ୍ଥିତିକୁ ବିଚାରକୁ ନେଇ ପ୍ରତ୍ୟେକ ଅଧିକାରୀ ଏବଂ ଅଂଚଳ ପାଇଁ ପୃଥକ ପୃଥକ ଟାର୍ଗେଟ୍ ଦିଆଯାଇଛି। ଏପରିକି ଏହି ଟାର୍ଗେଟକୁ ଶତପ୍ରତିଶତ ହାସଲକୁ ସୁନିଶ୍ଚିତ କରିବା ଓ ପ୍ରତ୍ୟେକ ମାସର ଆଚିଭମେଂଟ ସମ୍ବନ୍ଧୀୟ ରିପୋର୍ଟକୁ ପ୍ରତିମାସର ୫ ତାରିଖ ସୁଦ୍ଧା ସମୀକ୍ଷା ପାଇଁ ପଠାଇବାକୁ କୁହାଯାଇଛି। ଏହି କାର୍ଯ୍ୟରେ କୌଣସି ପ୍ରକାରର ଅବହେଳାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରାଯିବ ବୋଲି ମଧ୍ୟ ପରିବହନ କମିଶନର ଚେତାବନୀ ଦେଇଛନ୍ତି। ଏପରିକି ଗତବର୍ଷ ମଧ୍ୟ ଏଭଳି ଟାର୍ଗେଟ୍ ଦିଆଯାଇଥିଲା ଓ କେତେକ ଅଫିସରଙ୍କ ପ୍ରଦର୍ଶନ ସନ୍ତୋଷଜନକ ନଥିଲା ବୋଲି ନିଜ ଚିଠିରେ ଦର୍ଶାଇବାକୁ ପଛାଇ ନାହାନ୍ତି ପରିବହନ କମିଶନର। ଯଦିଓ ନିୟମିତ ଯାନବାହନ ଯାଂଚ ଓ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଜରିମାନା ଲଗାଇବା ଏକ ସ୍ୱାଭାବିକ ପ୍ରକ୍ରିୟା। ତଥାପି ଏଭଳି ଜରିମାନା ନିମନ୍ତେ ଟାର୍ଗେଟ୍ ଧାର୍ଯ୍ୟ କରିବା କେଉଁ ମାନସିକତାର ପରିଚୟ ବୋଲି ପ୍ରଶ୍ନ ଉଠିଛି। ରାଜ୍ୟରେ ସଡକ ସୁରକ୍ଷା ଓ ସଚେତନତା ସହ ନିୟମ ଉଲ୍ଲଙ୍ଘନକାରୀଙ୍କ ଉପରେ ନଜର ରଖିବା ପାଇଁ କ'ଣ ନିୟମିତ ବ୍ୟବସ୍ଥା ନାହିଁ ?

## ପ୍ରସ୍ତୁତ କରନ୍ତୁ ଛୋଲେ କୁଲ୍‌ଚା

**ଆବଶ୍ୟକ ସାମଗ୍ରୀ :** ଚଣା, ମଇଦା, ଦହି, ଲୁଣ, ଲୁହଣୀ, କଟା ସିଝା ଆଳୁ, କଟା ପିଆଜ, କଟା ଟମାଟୋ, ଲଙ୍କା ଗୁଣ୍ଡ, ଗରମ ମସଲା, ଆମଚୁର ପାଉଡର, ଚାଟ୍ ମସଲା, ଲେମ୍ବୁ ରସ ଓ ତେନ୍ତୁଳି ପାଣି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଚଣାକୁ ୩ରୁ୪ ଘଣ୍ଟା ପାଇଁ ପାଣିରେ ବତୁରାଇ ଦିଅନ୍ତୁ । ଏହାପରେ ପ୍ରେସର କୁକରରେ ୪ଟି ହ୍ୱିସିଲ ଦେଇ ସିଝାଇ ଦିଅନ୍ତୁ । ଏହାପରେ ମଇଦାରେ ଦହି, ଲୁଣ ଓ ଲହୁଣୀ ପକାଇ ଏହାକୁ ନରମ ଭାବେ ଦଳି ଦିଅନ୍ତୁ । ଏବେ ଅନ୍ୟ ଏକ ପାତ୍ରରେ ସିଝା ଚଣା, କଟା ସିଝା ଆଳୁ, କଟା ପିଆଜ, କଟା ଟମାଟୋ, ଲଙ୍କା ଗୁଣ୍ଡ, ଗରମ ମସଲା, ଆମଚୁର ପାଉଡର, ଚାଟ୍ ମସଲା, ଲେମ୍ବୁ ରସ ଓ ତେନ୍ତୁଳି ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ପରେ ମିଇଦା ଚକଟାକୁ ବଡ ବଡ ଗୁଳା କରି ବେଲନ୍ତୁ । ଏବେ ଏହାକୁ ଅଳ୍ପ ବଟର ଦେଇ ସେକି ଦିଅନ୍ତୁ । ସେକିଲା ପରେ ଏହାକୁ ମଝିରୁ କାଟି ଏଥିରେ ଚଣା ଓ ଅନ୍ୟାନ୍ୟ ସାମଗ୍ରୀ ପଡି ପ୍ରସ୍ତୁତ ହୋଇଥିବା ମସଲା ଭର୍ତ୍ତି କରନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ଛୋଲେ କୁଲଚ' । ଏହାକୁ ଚଟଣୀ କିମ୍ବା ଦହି ସହିତ ଗରମ ଗରମ ପରଷନ୍ତୁ ।



ଖବର

# ବକ୍ସ ଅଫିସରେ 'ଭୂତ ବଙ୍ଗଲା'ର କ୍ରେଜ




ଅକ୍ଷୟ କୁମାର ଅଭିନୀତ ହରର କମେଡି ଫିଲ୍ମ ଭୂତ ବଙ୍ଗଳା ବକ୍ସ ଅଫିସରେ ଏକ ମାସ ପୂରିବାକୁ ଯାଉଛି । ଏହା ଭଲ ପ୍ରଦର୍ଶନ ଜାରି ରଖିଛି । ରିଲିଜ୍ ପରେ ୨୪ ଦିନ ପୂରଣ କରିଥିବା ଏହି ଚଳଚ୍ଚିତ୍ରଟିର ସପ୍ତାହର କାର୍ଯ୍ୟଦିନ ଗୁଡ଼ିକରେ ଆୟ କମ୍ ରହିଥିଲେ ମଧ୍ୟ ସପ୍ତାହ ଶେଷରେ ପୁଣି ଜୋରଦାର ଆୟ କରିଛି ।ଭୂତ ବଙ୍ଗଳାଏପ୍ରିଲ ୧୭ ତାରିଖରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା । ପ୍ରଥମ ଦିନରେ ଫିଲ୍ମଟି ୧୨.୨୫ କୋଟି ରୋଜଗାର କରିଥିଲା । ଏହା ପୂର୍ବରୁ ପେଡ୍ ରିଭ୍ୟୁ ମାଧ୍ୟମରେ ୩.୭୫ କୋଟି ଆୟ ହୋଇଥିଲା । ପ୍ରଥମ ସପ୍ତାହରେ ଫିଲ୍ମର କଲେକ୍ସନ ୮୪.୪୦ କୋଟି ଥିବା ବେଳେ, ଦ୍ୱିତୀୟ ସପ୍ତାହରେ ଏହା ୪୩.୭୫ କୋଟି ଏବଂ ତୃତୀୟ ସପ୍ତାହରେ ୨୧.୮୫ କୋଟି ରୋଜଗାର କରିଥିଲା ।ଚତୁର୍ଥ ସପ୍ତାହରେ ମଧ୍ୟ ଫିଲ୍ମର ଚାହିଦା କମିନାହିଁ । ୨୨ତମ ଦିନ ଶୁକ୍ରବାରରେ ଫିଲ୍ମଟି ୧.୭୫ କୋଟି ଆୟ କରିଥିଲା । ଶନିବାର ଏହି ଆୟ ବଢ଼ି ୩ କୋଟିକୁ ପହଞ୍ଚିଥିଲା ।ରବିବାର, ଅର୍ଥାତ୍ ୨୪ତମ ଦିନରେ, ଫିଲ୍ମଟି ଆହୁରି ବଡ଼ ଆୟ ସହ ୩.୯୫ କୋଟି ରୋଜଗାର କରିଛି । ଏହା ସହିତ ଫିଲ୍ମର ମୋଟ କଲେକ୍ସନ ୧୫୮.୭୦ କୋଟିରେ ପହଞ୍ଚିଛି ।ଫିଲ୍ମରେ ଅକ୍ଷୟ କୁମାରଙ୍କ ସହ ପରେଶ ରାୱଲ, ରାଜପାଲ ଯାଦବ, ତବୁ ଏବଂ ଭାମିକା ଗବ୍ବି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ହରର ଏବଂ କମେଡି ମିଶ୍ରିତ ଏହି ଫିଲ୍ମ ପ୍ରତି ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ମଧ୍ୟ ଫିଲ୍ମଟି ଧମାକାଦାର ଆୟ କରିଚାଲିଛି । ରିପୋର୍ଟ ଅନୁସାରେ ଭୂତ ବଙ୍ଗଳାର ବିଶ୍ୱବ୍ୟାପୀ କଲେକ୍ସନ ୨୩୬.୬୩ କୋଟିରେ ପହଞ୍ଚିଛି ।

## ଆଲମଣ୍ଡ ଖାଇଲେ ହୃତପିଣ୍ଡର ସୁରକ୍ଷା ହୁଏ

ହୃଦୟ ରୋଗ ଏବଂ ତାହାର ଉପଚାର କିପରି କରାଯାଇ ପାରିବ ଏହାର ସମାଧାନ ନିମନ୍ତେ ପ୍ରତି ବର୍ଷ ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସର ପାଳନ କରାଯାଇଥାଏ । ବର୍ତ୍ତମାନ ସମୟରେ ହୃଦ୍ ରୋଗ ପ୍ରତ୍ୟେକ ଭାରତୀୟଙ୍କ ମୁଖ୍ୟ ସମସ୍ୟା ରୂପେ ଜଣାଯାଇଛି ଦୈନନ୍ଦିନ ଜୀବନ ଆହାର ଓ ପରିବର୍ତ୍ତନ ଶିଳ ଜୀବନ ଶୈଳୀ ଏହାର ମୂଖ୍ୟ କାରଣ । ଆପଣ ଏବଂ ଆପଣଙ୍କ ପରିବାରର ସଦସ୍ୟ ନିଜ ଦୈନନ୍ଦିନ ଆହାରରେ ଏକ ମୁଠା ଆଲମଣ୍ଡ ସେବନ କରି ଏକ ସୁସ୍ଥ ହୃଦୟର ଆରମ୍ଭ କରନ୍ତୁ । ଶୀଲା କୃଷ୍ଣସ୍ୱାମୀ, ପୋଷଣ ଏବଂ କଲ୍ୟାଣ ପରାମର୍ଶଦାତା କହିଛନ୍ତି ଯେ, ଯତ୍ସ୍ୱାସ୍ଥ୍ୟ ହିଁ ସମ୍ପଦ, ନିଜ ହୃଦୟରେ ସନ୍ତୁଳନ ରଖିବା ନିମନ୍ତେ ଆଲମଣ୍ଡର ମୁଖ୍ୟ ଭୂମିକା ରହିଛି । ୨୦୧୫ର ଏକ ଅଧ୍ୟୟନ ଦର୍ଶାଇଥିଲା ଯେ ଜଳଖିଆରେ ଦୈନନ୍ଦିନ ୪୨ ଗ୍ରାମର ଆଲମଣ୍ଡ ସେବନ ହୃଦ ରୋଗର ସଙ୍କଟ ଦୂର କରିଥାଏ । ପରିପୂର୍ଣ୍ଣତାର ଅନୁଭବକୁ ପ୍ରୋତ୍ସାହିତ କରୁଥିବା ଏବଂ ଓଜନ ପରିଚାଳନାରେ ମଧ୍ୟ ସାହାଯ୍ୟ କରୁଥିବା ଆଲମଣ୍ଡ ପ୍ରୋଟିନ୍ ଏବଂ ଫାଇବର'ର ଭଲ ଉତ୍ସ ହୋଇଥିବାରୁ ତାହା ଏକ ଭଲ ବିକଳ୍ପ ଅଟେ ।



# ଟ୍ରାଡିଶନାଲ ଶାଢିକୁ ଦିଅନ୍ତୁ ମଡର୍ନ ଟ୍ୱିଷ୍ଟ

ଟ୍ରାଡ଼ିଶନାଲ ଶାଢିକୁ ମଡର୍ନ ଟ୍ୱିଷ୍ଟ ଦେବାକୁ ଚାହୁଁଥିଲେ ଶାଢି ଲୁକ ଫରଫେକ୍ଟ ଅପ୍ସନ । ଶାଢିକୁ କ୍ୟାରି କରିବାର ଏହି ଟ୍ରେଣ୍ଡ ଏବେ ଜୋର ଧରିଛି । ବିବାହ ହେଉ କି ପାର୍ଟି ଏହି ଲୁକ ଷ୍ଟାଇଲିଶ ସହ କମ୍ଫର୍ଟେବଲ ବି ଲାଗେ ।

ସିଲ୍କ ଶାଢି ସହ ପ୍ୟାଣ୍ଟ: ବିବାହ ଓ ପାର୍ଟି ପାଇଁ ସୁନ୍ଦର ସଲିଡ଼ ବର୍ଡ଼ର ଥିବା ସିଲ୍କ ଶାଢିରେ ଏମ୍ବ୍ରୋଏଡ଼ରି ବ୍ଲାଉଜ ଭଲ ଲାଗିଥାଏ । ତେବେ ଏଥିରେ ମଡ଼ର୍ନ ଟଚ ଦେବାକୁ ଚାହିଁଥିଲେ ଏହି ଶାଢି ସହ ଷ୍ଟ୍ରେଟ ପ୍ୟାଣ୍ଟ ଟ୍ରାଏ କରିପାରିବେ । ଯେମିତିକି ମାଜେଣ୍ଟା କଲରର ସିଲ୍କ ଶାଢି ସହ ରୟାଲ ବ୍ଲୁ କଲରର ଜରି ୱାର୍କ ହୋଇଥିବା ବ୍ଲାଉଜ ଓ ରୟାଲ ବ୍ଲୁ କଲରର ପ୍ୟାଣ୍ଟକୁ ପେୟାର କଲେ ଗ୍ଲାମର୍ସ ଲୁକ ପାଇପାରିବେ । ଆଉ ଆପଣ ସମସ୍ତଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ର ପାଲିଟିଯିବେ । ଏହା ସହିତ ମ୍ୟାଚିଂ ଜୁଏଲାରି ଟ୍ରାଏ କରନ୍ତୁ । ହାଇ ହିଲ୍ସ ବି ପେୟାର କରିପାରିବେ ।



ଧୋତି ପ୍ୟାଣ୍ଟ ସହ ଶାଢି - : ଏହି ଲୁକ ଯେତିକି ଷ୍ଟାଇଲିଶ ସେତିକି କମ୍ଫର୍ଟେବଲ ବି । ଧୋତି ପ୍ୟାଣ୍ଟର କଲର ସହ ମ୍ୟାଚ କରି ପ୍ଲେନ ଶାଢି ଓ ଗରଜିୟସ ଲଟକନ୍ ଲାଗିଥିବା ମେଟାଲିକ ସେକ୍ୱିନ୍ସ ବ୍ଲାଉଜ ପିନ୍ଧନ୍ତୁ , ଏକ ଷ୍ଟାଇଲିଶ ଲୁକ ମିଳିବ ।

ଚୁଡ଼ିଦାର ସହ ବନାରସୀ ଶାଢି: ଲାଇଟ କଲରର ବନାରସୀ ଶାଢି ସହ ଗୋଲ୍ଡେନ କଲର ଚୁଡ଼ିଦାର ପ୍ୟାଣ୍ଟ ଭଲ ଲାଗିଥାଏ । ଅଣ୍ଟା ପାଖରେ ସରୁ ବେଲ୍ଟ ବାନ୍ଧିପାରିବେ । ଏହି ଲୁକ ବେଶ ଗ୍ଲାମର୍ସ ଲାଗେ । ଗୋଲ୍ଡେନ କଲର ହାଇ ହିଲ୍ସ ଏହି ଲୁକକୁ ଆହୁରି ଆକର୍ଷକ କରାଏ ।

ଜିନ୍ସ ସହ ଶାଢି: ଉତ୍ସବ ସମୟରେ ଫେଷ୍ଟିଭ ଲୁକ ସହ ଗର୍ଲିସ ଲୁକ ବାର୍ଜ ରଖିବାକୁ ଚାହୁଁଥିଲେ ଜର୍ଜେଟ ଶାଢି ସହ ଜିନ ପ୍ୟାଣ୍ଟ ଟ୍ରାଏ କରିପାରିବେ । ତା' ସହ ଅଣ୍ଟାରେ ବଡ଼ ବକଲ ଥିବା ଖାକି ବେଲ୍ଟ ଓ ଲମ୍ବା ହାତ ଥିବା ବୋଟ ନେକ ବ୍ଲାଉଜ ପିନ୍ଧିପାରିବେ । ଫିଙ୍ଗି ବ୍ରେସଲେଟ ଓ ଫ୍ଲାଟ ଫୁଟୱାର ଏଥିରେ ଭଲ ମାନିଥାଏ ।

ଷ୍ଟ୍ରେଟ ପ୍ୟାଣ୍ଟ ସହ ଶାଢି : ଷ୍ଟ୍ରେଟ ପ୍ୟାଣ୍ଟ ସହ ଶାଢି ପିନ୍ଧିଲେ ବେଶ ଷ୍ଟାଇଲିଶ ଲାଗେ । ଏହାସହ କ୍ରପଡ଼ ବ୍ଲାଉଜ କିମ୍ବା ଲମ୍ବା ଶାର୍ଟ ଷ୍ଟାଇଲର ବ୍ଲାଉଜ ପିନ୍ଧିପାରିବେ । ହାଇହିଲ୍ସ ଏହି ଲୁକକୁ ଗ୍ଲାମର୍ସ କରାଏ । ତା' ସହ ମ୍ୟାଚିଂ ହେଭି ଜୁଏଲାରି ଭଲ ଲାଗିଥାଏ ।

ଶାଢି ପ୍ୟାଣ୍ଟ ସହ ବେଲ୍ଟ: ବୋଲ୍ଡ କଲରର ପ୍ଲେନ ଶାଢି ଓ ମ୍ୟାଚିଂ କଲାଭଳି ପ୍ୟାଣ୍ଟ ସହ ବଡ଼ ବୋଲ୍ଡ ସିଲ୍କ ବେଲ୍ଟ କିମ୍ବା ଏକ ଲିନ ମେଟାଲିକ ବେଲ୍ଟ ବ୍ୟବହାର କରନ୍ତୁ । ବେଲ୍ଟକୁ ସାମନା ଭାଗରେ ବାନ୍ଧନ୍ତୁ । ବେଲ୍ଟ କଲର ସହ ମ୍ୟାଚିଂ ଜୁଏଲାରି ବ୍ୟବହାର କରନ୍ତୁ । ଶାଢି ଓ ପ୍ୟାଣ୍ଟ ପ୍ଲେନ ପିନ୍ଧିଲେ ହିଁ ବେଲ୍ଟ ଲୁକ ପ୍ରୋମିନେଣ୍ଟ ଲାଗିଥାଏ ।

# ଅଧକପାଳି ବା ମାଇଗ୍ରେନ୍ ପାଇଁ ଘରୋଇ ଉପଚାର

ଅଧକପାଳି ମୁଣ୍ଡବିନ୍ଧା ବା ମାଇଗ୍ରେନ ଯାହାର ହୋଇଥାଏ ସେ ହିଁ କେବଳ ତାର କଷ୍ଟ ଅନୁଭବ କରିପାରେ । ଏବେ ଅଧିକାଂଶ ଲୋକ ଏହି ରୋଗରେ ପୀଡିତ । ଯେତେବେଳେ ଏଭଳି ମୁଣ୍ଡବିନ୍ଧା ହୋଇଥାଏ ସେତେବେଳେ କଣ କରିବେ କଣ ନାହିଁ କିଛି ବୁଝାପଡିନଥାଏ । ସ୍ମାର୍ଟଫୋନ୍, ଟିଭି, କମ୍ପ୍ୟୁଟର ଏବଂ ଡେସ୍କରେ ଅଧିକାଂଶ ସମୟ ବସି କାମ କରୁଥିବା ଲୋକମାନଙ୍କ ଠାରେ ଏଭଳି ସମସ୍ୟା ବେଶୀ ଦେଖାଦେଇଥାଏ । ଅଧକପାଳି ମୁଣ୍ଡବିନ୍ଧା ସହଜରେ କମିନଥାଏ । ଫଳରେ ଆମେ ପେନ୍ କିଲର ଔଷଧ ସେବନ କରିବାକୁ ପ୍ରାଥମିକତା ଦେଇଥାଉ । ଔଷଧ ସେବନ ଦ୍ୱାରା କିଛି ସମୟ ପର୍ଯ୍ୟନ୍ତ ତ ମୁଣ୍ଡବିନ୍ଧାରୁ ରକ୍ଷା ମିଳିଥାଏ ମାତ୍ର ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥାଏ । ଏଠାରେ ଆମେ ଏଭଳି ଏକ ଉପାୟ କହୁଛୁ ଯାହା ଫଳରେ ମାଇଗ୍ରେନ ଜନିତ ମୁଣ୍ଡବିନ୍ଧା କଷ୍ଟରୁ ଆପଣ ସବୁବେଳ ପାଇଁ ରକ୍ଷା ପାଇପାରିବେ । ବାଦାମ, ଗୋଲମରିଚ, କ୍ଷୀର ଆପଣଙ୍କର ଏଭଳି ମୁଣ୍ଡବିନ୍ଧା ସମସ୍ୟାର ସମାଧାନ କରିପାରିବ । ୭ରୁ ୮ଟି ବାଦାମକୁ ରାତିରେ ଭିଜାଇ ଦିଅନ୍ତୁ । ସକାଳୁ ତାର ଚୋପା ଛଡାଇ ବାଦାମକୁ ଭଲଭାବେ ପେଶୀ ଦିଅନ୍ତୁ । ଜରୁରୀ ନୁହେଁ ଯେ ଆପଣ ୭ରୁ ୮ଟି ବାଦାମ ହିଁ ନେବେ । କମ୍ ବାଦାମ ମଧ୍ୟ ଆପଣ ନେଇପାରିବେ । ଯଦି ଆପଣଙ୍କ ଆଖିକୁ ଭଲଭାବେ ଦେଖାଯାଉନାହିଁ ତେବେ ସେଥିରେ ଗୋଲମରିଚ ମଧ୍ୟ ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ୨୫୦ଗ୍ରାମ କ୍ଷୀରରେ ମିଶାଇ ଦିଅନ୍ତୁ । ଏହାକୁ ଚୂଲାରେ ବସାଇ ଫୁଟାନ୍ତୁ । ୪ରୁ ୫ଥର ଫୁଟିବା ପରେ ଏଥିରେ ଏକ ଚାମଚ ଦେଶୀ ଘିଅ ଏବଂ ଦୁଇ ଚାମଚ ଚିନି ମିଶାଇ ଦିଅନ୍ତୁ । ଥଣ୍ଡା କରି ଏହି ମିଶ୍ରଣକୁ ପିଅନ୍ତୁ । ଏହାକୁ ପିଇବା ଦ୍ୱାରା ଆପଣଙ୍କର ମୁଣ୍ଡବିନ୍ଧା କମିଯିବ । ଏହା ଦ୍ୱାରା ଆପଣଙ୍କ ସ୍ମରଣ ଶକ୍ତି ମଧ୍ୟ ବଢିବ । ଏହାକୁ ଲଗାତର ପିଇବାକୁ ପଡିବ । ଖାଲି ପେଟରେ ଏହି କ୍ଷୀରକୁ ପିଇବା ପରେ ୨ଘଣ୍ଟା ପର୍ଯ୍ୟନ୍ତ କିଛି ଖାଆପିଆ କରନ୍ତୁ ନାହିଁ । ଏହାକୁ ପିଇବା ଦ୍ୱାରା ତିନି ଚାରି ଦିନରେ ମୁଣ୍ଡବିନ୍ଧା ସଂପୂର୍ଣ୍ଣ ଭଲ ହୋଇଯିବ । ବାଦାମକୁ ଭଲଭାବେ ପେଶୀ ଖାଇବା ଜରୁରୀ ଅଟେ । ଏହା ଦ୍ୱାରା ବାଦାମ ପୁରା ହଜମ ହୋଇଯିବା ସହ ସଂମ୍ପୂର୍ଣ୍ଣ ଲାଭ ମିଳିଥାଏ । ଏହା ସ୍ମରଣ ଶକ୍ତି ବଢାଇବା ସହ ଆଖିର ଅନେକ ରୋଗ- କମ୍ ଦେଖାଯିବା, ଆଖି ଥକିଯିବା, ଆଖିରୁ ପାଣି ବାହାରିବା ଆଦି ସମସ୍ୟା ଦୂର ହୋଇଯିବ । ବାଦାମରେ ଆଣ୍ଟିଅକ୍ସିଡେଣ୍ଟ ଭରି ରହିଛି । ଯାହା ଅବସାଦ ଦୂର କରିଥାଏ । ମସ୍ତିସ୍କକୁ ଶିଥିଳ ରଖିଥାଏ । ଡିପ୍ରେସନ୍ ମଧ୍ୟ ଦୂର ହୋଇଥାଏ । ଡାଇବେଟିସ୍ ରୋଗୀମାନଙ୍କ ପାଇଁ ବାଦାମ ବହୁତ ଉପଯୋଗୀ ହୋଇଥାଏ । ଶରୀରରେ ଇନସୁଲିନ ମାତ୍ରାକୁ ନିୟନ୍ତ୍ରିତ କରି ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରଖିଥାଏ । ବାଦାମରେ ପ୍ରୋଟିନ, ଫାଇବର ଏବଂ ମ୍ୟାଗ୍ନେସିୟମ ଭରପୁର ରହିଥାଏ । ଶରୀରରେ ଆଲଫା-୧ ଏଚଡିଏଲ ଲେଭଲକୁ ବାଦାମ ବଢାଇଥାଏ । କୋଲୋଷ୍ଟୋରଲକୁ ନିୟନ୍ତ୍ରିତ କରି ହୃଦ୍ ରୋଗରୁ ରକ୍ଷା କରିଥାଏ । ବାଦାମରେ ଭିଟାମିନ୍-ଇ ଥାଏ । ଏହା ତ୍ୱଚାକୁ ପୋଷଣ ଦେଇଥାଏ ଫଳରେ ତ୍ୱଚାକୁ ଶୁଖିଲା ହେବାରୁ ରକ୍ଷା କରିଥାଏ । ଏଥିରେ ଅଧିକ ମାତ୍ରାରେ ଫାଇଭର ରହିଥାଏ । ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ । ୪-୫ଟି ବାଦାମ ଖାଇବା ପରେ ଗୋଟିଏ ଗ୍ଲାସ୍ ପାଣି ପିଅନ୍ତୁ । ଏହା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ । ପେଟରେ ହେଉଥିବା କ୍ୟାନସରର ମଧ୍ୟ ଭୟ କମ୍ ରହିଥାଏ ।



## ଘରେ ଏସବୁ କାମ କରିଲେ ଛାଡି ପଳାଇବେ ଲକ୍ଷ୍ମୀ

ଅନେକ ସମୟରେ ଆମେ ଦେଖୁ ଘରେ ଅଯଥାରେ ଅଶାନ୍ତି ଲାଗିରହିଥାଏ । ଅର୍ଥର ସଙ୍କଟ ମଧ୍ୟ ଦେଖାଦେଇଥାଏ । ଆମେ ଭାବିଥାଉ ଏହା ଘରର ବାସ୍ତୁ ଦୋଷ ପାଇଁ ହେଉଛି । ମାତ୍ର ଏହା କେବଳ ଘରର ବାସ୍ତୁ ଦୋଷରୁ ହୋଇନଥାଏ । ଘରର ସଦସ୍ୟ ମାନଙ୍କର ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଯୋଗୁଁ ମଧ୍ୟ ଘରେ ଏଭଳି ଅଶାନ୍ତି ଲାଗିରହିଥାଏ । ତେଣୁ ଘରେ ଅଶାନ୍ତି ନହେବା ପାଇଁ ଏଭଳି ଅଶୁଭ କାମ ସବୁ କେବେ କରନ୍ତୁ ନାହିଁ । ଘରେ କେବେ ହେଲେ ବି ଖଟ ଉପରେ ବସି ଖାଆନ୍ତୁନାହିଁ । ଏଭଳି କରିବା ଦ୍ୱାରା ଘରେ ସବୁବେଳେ ଅଶାନ୍ତି ବୃଦ୍ଧି ପାଇଥାଏ । ଘରଲୋକଙ୍କ ପାଖରେ କେବେ ହେଲେ ବି ଅର୍ଥ ରହେନାହିଁ । ଘରର ମୁଖ୍ୟ ଦ୍ୱାରରେ କେବେ ହେଲେ ଅଳିଆ ଆବର୍ଜନା ରଖନ୍ତୁ ନାହିଁ । ଏଭଳି କରିବା ଦ୍ୱାରା ପଡୋଶୀମାନେ ଶତ୍ରୁ ହୋଇଯିବେ । ରାତିରେ ଅଇଁଠା ବାସନ ରଖନ୍ତୁ ନାହିଁ । ବାସନକୁ ଧୋଇକରି ରଖନ୍ତୁ । ରାତିରେ ଅଇଁଠା ବାସନ ରଖିବା ଦ୍ୱାରା ଅର୍ଥହାନି ହୋଇଥାଏ । ଘରେ କେବେ ହେଲେ ଝାଡୁକୁ ଛିଡା କରି ରଖନ୍ତୁନାହିଁ । ଝାଡୁରେ କେବେହେଲେ ଗୋଡ ଲଗାନ୍ତୁନାହିଁ । ଘରେ ଝାଡୁକୁ ସବୁବେଳେ ଲୁଚାଇ ରଖନ୍ତୁ । ନଚେତ୍ ଘରେ ଦାରିଦ୍ର୍ୟ ଦେଖାଦେବ । କେବେ ଆରତୀ, ଦୀପ, ହୋମ ଅଗ୍ନିକୁ ମୁହଁରେ ଫୁଙ୍କି ଲିଭାନ୍ତୁ ନାହିଁ ।





# ନଗରନକ୍ସା

ମହାନଗରର ନିଜ ଭାଷା






## କାନାଡା ବାଣିଜ୍ୟ, ଖଣିଜ ସମ୍ପଦ ଉପରେ ଆଲୋଚନା



**ଭୁବନେଶ୍ୱର, ୧୧।୫ (ମହାଭାରତ):** ଭାରତରେ ଅବସ୍ଥାପିତ କାନାଡାର ହାଇକମିଶନର କ୍ରିଷ୍ଟୋଫର କୁଟର ନିଜ ପତ୍ନୀଙ୍କ ସହ ଗୁରୁବାର ଲୋକସେବା ଭବନଠାରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ସିଏମଡ଼ି ଓପିଟିସିଏଲ୍ ଭାସ୍କର ଜ୍ୟୋତି ଶର୍ମା ମଧ୍ୟ ଉପସ୍ଥିତ ଥିଲେ।

ଏହି ଆଲୋଚନାରେ ଭାରତ ଓ କାନାଡା ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗକୁ ସଦୃଢ଼ କରିବା ପାଇଁ ବିଭିନ୍ନ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯେଉଁଥିରେ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଧ୍ୟାନ ରହିଥିଲା। ଏହି ପ୍ରମୁଖ କ୍ଷେତ୍ରଗୁଡ଼ିକ ମଧ୍ୟରେ କୃଷି-ରପ୍ତାନି, ବୈଷୟିକ ସହଯୋଗ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଅନ୍ତର୍ଭୁକ୍ତ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖଣିଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ଅଗ୍ରଣୀ ଭୂମିକା ଉପରେ ଆଲୋକପାତ କରି କହିଥିଲେ ଯେ, ଦେଶର ମୋଟ କ୍ରୋମାଇଟ୍ ଭଣ୍ଡାରର ୯୨% ଓଡ଼ିଶାରେ ରହିଛି ଏବଂ ଉପକୂଳବର୍ତୀ ଅଂଚଳରେ ପ୍ରଚୁର ପରିମାଣରେ 'ରେୟାର ଆର୍ଥ' ଖଣିଜ ସମ୍ପଦ ରହିଛି। ବିଶେଷ କରି ଖଣି ଏବଂ ମୂଲ୍ୟଯୁକ୍ତ ଶିଳ୍ପରେ ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜିନିବେଶର ସମ୍ଭାବନା ଉପରେ ବିସ୍ତୃତ ଭାବେ ଆଲୋଚନା ମଧ୍ୟ କରାଯାଇଥିଲା। କାନାଡା ପ୍ରତିନିଧି ଦଳ ଓଡ଼ିଶାର ଅଟୋମୋବାଇଲ୍ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଉଭୟ ପକ୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ଏବଂ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ପାଇଁ ବୈଷୟିକ ଭାଗିଦାରୀର ସୁଯୋଗ ନେବା ସମ୍ପର୍କରେ ଆଲୋଚନା କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରତିନିଧି ଦଳକୁ ଓଡ଼ିଶାର ଇତିହାସ, ଏହାର ସମୃଦ୍ଧ ଐତିହ୍ୟ ଏବଂ ସାମ୍ପ୍ରତିକ କୃଷି ସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ ପରମ୍ପରା ଏବଂ ଆଧୁନିକ ବିକାଶ ମଧ୍ୟରେ ରାଜ୍ୟର ସନ୍ତୁଳିତ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ସିଂହଦେଓ କହିଛନ୍ତି ଯେ, ଓଡ଼ିଶା ଏହିଭଳି ବିଶ୍ୱସ୍ତରୀୟ ଭାଗିଦାରୀକୁ ସ୍ୱାଗତ କରୁଛି।

ବିଶ୍ୱବ୍ୟାଙ୍କର 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍' ରିପୋର୍ଟରେ ଏକ 'ଅଚିଭର୍ ରାଜ୍ୟ ଭାବରେ ଓଡ଼ିଶା ନିଜର ସରଳ ନୀତି, ର୍ଭିଭୂମି ଓ ଶିଳ୍ପ-ଉପଯୋଗୀ ପରିବେଶ ଦ୍ୱାରା ବିଶ୍ୱରୁ ପୁଞ୍ଜିନିବେଶକାରୀଙ୍କୁ ଆକର୍ଷିତ କରୁଛି। ଭାରତରେ ପ୍ରସ୍ତାବିତ ତିନୋଟି ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ ମଧ୍ୟରୁ ଦୁଇଟି ଓଡ଼ିଶାର ପାରାଦୀପ ଏବଂ ଗୋପାଳପୁରରେ ସ୍ଥାପନ କରାଯିବ। ଏହି ହବ୍ ଗୁଡ଼ିକ ରାଜ୍ୟକୁ ପାରମ୍ପରିକ ଶକ୍ତିରୁ ଅକ୍ଷୟ ଶକ୍ତି ଆଡ଼କୁ ଅଗ୍ରସର ହେବାରେ ସାହାଯ୍ୟ କରିବ ଏବଂ ଓଡ଼ିଶାକୁ ଗ୍ରୀନ୍ ଟେକ୍ନୋଲୋଜି ଓ କାର୍ବନମୁକ୍ତ ଅଭିଯାନରେ ଦେଶର ଅଗ୍ରଣୀ ଭାବେ ସ୍ଥାପିତ କରିବ। ସ୍ୱଚ୍ଛ ଶକ୍ତି ଓ ଶିଳ୍ପ ସହଯୋଗ ସମ୍ବନ୍ଧୀୟ ପ୍ରକଳ୍ପରେ ପୁଞ୍ଜିନିବେଶ କରିବାକୁ କାନାଡା ଆଗ୍ରହ ପ୍ରକାଶ କରିଛି। ଏହି ସବୁ କ୍ଷେତ୍ରରେ ଅଧିକ ସହଯୋଗ ପାଇଁ ଆଗାମୀ ଦିନରେ ଆଲୋଚନା ଜାରି ରହିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି।

## କୋଟିଆରେ ପଟ୍ଟା, ଭତା ବାଣ୍ଟିଲେ ମନ୍ତ୍ରୀ



**ଭୁବନେଶ୍ୱର, ୧୧।୫ (ମହାଭାରତ):** ଆଇନ ତଥ ପୂର୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଦିନ କୋରାପୁଟର ସୀମାନ୍ତ ଅଂଚଳ କୋଟିଆରେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତା ଏବଂ ପଟ୍ଟା ବଂଟନ କରିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଲେଖିଛନ୍ତି - କୋଟିଆ ମାଟିରେ ଜନସେବାର ସଙ୍କଳ୍ପ କୋରାପୁଟ ଗସ୍ତ ଅବସରରେ ସୀମାନ୍ତ କୋଟିଆ ଠାରେ ଆୟୋଜିତ ଏକ ଭବ୍ୟ ସମାବେଶରେ ଯୋଗଦେଲି। କୋଟିଆର ପ୍ରତ୍ୟେକ ନାଗରିକଙ୍କ ନିକଟରେ ସରକାରୀ ସୁବିଧା ପହଂଚାଇବା ଆମର ପ୍ରାଥମିକତା।

ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତା ଏବଂ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ 'ଏଫଆରଏ' ପଟ୍ଟା ବଂଟନ କଲି। ଲୋକଙ୍କ ମୁହଁରେ ହସ ଓ ସେମାନଙ୍କ ସ୍ୱାଭିମାନର ସୁରକ୍ଷା ହିଁ ଆମ ସରକାରର ପ୍ରାଥମିକତା। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଜୟପୁରର ବିଧାୟକ ଶ୍ରୀ ତାରା ପ୍ରସାଦ ବାହିନୀପତି, ପଟ୍ଟାଙ୍ଗିର ବିଧାୟକ ଶ୍ରୀ ରାମ ଚନ୍ଦ୍ର କାଡ଼ାମ୍, କୋରାପୁଟର ବିଧାୟକ ଶ୍ରୀ ରଘୁରାମ ମାଛ, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ସ୍ଥାନୀୟ ପ୍ରାଶାସନିକ ଅଧିକାରୀ ଓ ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ସିଆରଆଇଏଫ୍ ଅଧୀନରେ ଓଡ଼ିଶାକୁ ୧୦ ସଡକ ପ୍ରକଳ୍ପ

## ପ୍ରଧାନମନ୍ତ୍ରୀ ଓ ସଡକ ପରିବହନ ମନ୍ତ୍ରୀଙ୍କୁ ଧନ୍ୟବାଦ

**ଭୁବନେଶ୍ୱର, ୧୧।୫ (ମହାଭାରତ):** ଓଡିଶାର ସଡକ ଭିତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିମନ୍ତେ ୭୬୯ କୋଟି ଟଙ୍କାରୁ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଓ ଧନ୍ୟବାଦ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ଗୁଡିକ ବିଶେଷ କରି ରାଜ୍ୟର ଉପାନ୍ତ ଓ ଦୁର୍ଗମ ଅଂଚଳରେ ଯୋଗାଯୋଗ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତନ ଆଣିବ ବୋଲି ପ୍ରକାଶ କରି ଓଡିଶାରେ ଭିତିଭୂମି ଉନ୍ନୟନ ପାଇଁ କେନ୍ଦ୍ର ସରକାରଙ୍କ ନିରନ୍ତର ସହଯୋଗ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୨୦୨୬-୨୭ ବର୍ଷ ପାଇଁ କେନ୍ଦ୍ରୀୟ ସଡକ ଓ ଭିତିଭୂମି ପାଣ୍ଠି (ସିଆରଆଇଏଫ୍) ଦ୍ୱାରା ଅନୁମୋଦନ ହୋଇଥିବା ଏହି ସବୁ ପ୍ରକଳ୍ପ ଗୁଡିକ ମଧ୍ୟରେ ୫୨.୬୯ କୋଟିରୁ ଅଧିକ ଟଙ୍କାରେ ଝାରସୁଗୁଡା ଜିଲ୍ଲାର ଦଳଗାଁ-ତିଳିଆ ଏବଂ ଚାରପାଲି ଡଙ୍ଗାଘାଟ ରାସ୍ତା ସହ ରାମପେଲା ଆପ୍ରୋଚ୍ ବ୍ରିଜ ନିର୍ମାଣ, ୧୪୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଟାଟା ବେଞ୍ଚ ଛକରୁ ଏମ୍‌କେସିଜି ପର୍ଯ୍ୟନ୍ତ ଫ୍ଲାଇଓଭର, ୧୬୮.୨୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗିରିରୋଡ ଛକରୁ ପୁରୁଣା ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଫ୍ଲାଇଓଭର, ୩୮.୪୬ କୋଟିରୁ ଅଧିକ ଟଙ୍କାରେ କୋରାପୁଟ୍ ଜିଲ୍ଲା ସେମିଳିଗୁଡା-ହାଣ୍ଡିପୁଟ ରାସ୍ତା ଉନ୍ନତି କରଣ, ୧୫.୨୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ କୋରାପୁଟ୍ ଜିଲ୍ଲା ଲମ୍‌ତାପୁଟ୍-ମାଛକୁଣ୍ଡ ରାସ୍ତା ଉନ୍ନତିକରଣ, ୩୨.୬୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନବରଙ୍ଗପୁର ଜିଲ୍ଲା ଉମରକୋଟ୍-ଚନ୍ଦାହାଣ୍ଡି-ମାଲଗାଁ ରାସ୍ତା ପ୍ରଶସ୍ତିକରଣ, ୪୫.୫୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ଅଡବା-ପାଣିଗଣ୍ଡା ରାସ୍ତା ପ୍ରଶସ୍ତିକରଣ, ୨୪.୮୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ରାମଗିରି-ଜିରାଙ୍ଗ-ନାରାୟଣପୁର ରାସ୍ତା ସୁଦୃଢ଼ୀକରଣ, ୬୧.୧୧ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନୂଆପଡା ଜିଲ୍ଲା ଖରିଆର ରୋଡ୍-ଆମୋଦୀ-ବେଲଟୁକୁରି ରାସ୍ତା ପ୍ରଶସ୍ତିକରଣ ଏବଂ ୧୮୪.୯୭ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱର ରାସ୍ତା ଉନ୍ନତିକରଣ କାର୍ଯ୍ୟ କରାଯିବ।

## କାକଟପୁର, ରାୟଗଡ଼ା, ବେଗୁନିଆ ନେତା ବିଜେପିରେ ସାମିଲ

**ଭୁବନେଶ୍ୱର, ୧୧।୫ (ମହାଭାରତ):** ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଗୁରୁବାର ଦିନ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ, ରାୟଗଡା ଜିଲ୍ଲା ଓ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନମଣ୍ଡଳୀର ବହୁ ସରପଂଚ, ନାଏବ ସରପଂଚ, ପଂଚାୟତ ସମିତି ସଭ୍ୟ, ୱାର୍ଡସଭ୍ୟ, ବରିଷ୍ଠ ଓ ଯୁବନେତା ବିଜେଡି ଓ କଂଗ୍ରେସ ଛାଡି ଆନୁଷ୍ଠାନିକଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମକୁ ସଂକଳ୍ପ ନେବାକୁ ହେବ ବୋଲି କହିଛନ୍ତି।

ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତର ସାମାଜିକ କର୍ମୀ ପ୍ରତାପଚନ୍ଦ୍ର ପରିଡା, ସରପଂଚ ଦୀପକ ପରିଡା, ପୂର୍ବତନ



ସରପଂଚ ରମାରଞ୍ଜନ ମହାନ୍ତି, ପଂଚାୟତ ସମିତି ସଭ୍ୟ ଅମିୟ ରଞ୍ଜନ ସେଠୀ, ପୂର୍ବତନ ସରପଂଚ ପ୍ରଫୁଲ୍ଲ କୁମାର ସେନାପତି, ଯୁବ ବିଜେଡି ସଭାପତି ରଘୁନାଥ ନାୟକ, ନାଏବ ସରପଂଚ ପ୍ରଭିଷାଣୀ ନାୟକ, ୱାର୍ଡ ମେମ୍ବର ପ୍ରଭାତ କୁମାର ନାୟକ, ଦେବାଶିଷ ମହାନ୍ତି, ବାପିନା ମହାନ୍ତି, କୈଳାସ ବିଶ୍ୱାଳ, କାକଟପୁର ବ୍ଲକ ପାଟସୁନ୍ଦରପୁର ପଂଚାୟତ ସମିତି ସଭ୍ୟ ମନୋଜ କୁମାର ନାୟକ, ପୂର୍ବତନ ସରପଂଚ ପ୍ରଦୀପ୍ତ କୁମାର ଦଳେଇ, ପ୍ରହଲ୍ଲାଦ ସାହୁ, କାକଟପୁର ବ୍ଲକ ଅବଦାନ ପଂଚାୟତର ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଲତାହରଣ ପଂଚାୟତ ପୂର୍ବତନ ବିଜେଡି ସଭାପତି ଗଙ୍ଗାଧର ନାୟକ, ନୟାହାଟ ଇଶାଣପୁର ସରପଂଚ ବିନୋଦିନୀ ପାଲ, ନାଏବ ସରପଂଚ ମିଲି ଜେନା, ବିଜେଡି ନେତା ବସନ୍ତ ପାଲ, ମଂଟୁ ଦଳେଇ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ଏବଂ ୱାର୍ଡ ମେମ୍ବରମାନେ ନିଜ ନିଜ ଶତାଧିକ ସମର୍ଥକଙ୍କ ସହ ବିଜେପିରେ ଯୋଗଦେଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନମଣ୍ଡଳୀ ବୋଲଗଡ ବ୍ଲକ ଅନ୍ତର୍ଗତ ଗେଡିଆ ପଲ୍ଲି ପଂଚାୟତର ସରପଂଚ କବିତା ମଞ୍ଜରୀ ତ୍ରିପାଠୀ, ନାଏବ ସରପଂଚ ଲକ୍ଷ୍ମୀଧର ସ୍ୱାଇଁ, ୱାର୍ଡ ମେମ୍ବର ବାସନ୍ତୀ ସାହୁ, ଧରଣୀଧର ମହାପାତ୍ର, ସୁବାସିନି ସେଠୀ; କଲାଙ୍ଗ ଗ୍ରାମ ପଂଚାୟତର ପୂର୍ବତନ ସରପଂଚ କିଶୋର ଚନ୍ଦ୍ର ହୋତା, ସମିତି ସଭ୍ୟ ପ୍ରହଲ୍ଲାଦ ସୁବୁଦ୍ଧି, ବୁଧି ବାମନ ପୃଷ୍ଟି, ସୁଶାନ୍ତ ରାଉତ, ବିଜୟ ସ୍ୱାଇଁ, ବାଦଲ ଷଡଙ୍ଗୀ; ବୋଲଗଡ ପଂଚାୟତର ପୂର୍ବତନ ସରପଂଚ ପ୍ରହଲ୍ଲାଦ ଦଳେଇ ପ୍ରମୁଖ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ରାୟଗଡା ଜିଲ୍ଲା ପୂର୍ବତନ ବିଜେଡି ସମ୍ପାଦକ ଆର୍. କାଶୀ ନାଇଡୁଙ୍କ ସମେତ ବହୁ ସମର୍ଥକ ଓ ପୂର୍ବତନ ସରପଂଚ ମିନାରାଓ ହିମିରିକା ପ୍ରମୁଖ ବିଜେପିରେ ଯୋଗଦେଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି।

## ମହିଳା ସଂରକ୍ଷଣ ଆଇନ ଲାଗୁ ଦାବୀରେ ମଶାଲ ଶୋଭାଯାତ୍ରା

**ଭୁବନେଶ୍ୱର,୧୧।୫ (ମହାଭାରତ):** ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଜିଲ୍ଲାରେ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଇନ୍ ଦାବୀରେ ମଶାଲ ଶୋଭାଯାତ୍ରା କରାଯାଇଛି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତି ମିନାକ୍ଷୀ ବାହିନୀପତି ଏହି କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଶ୍ରୀୟା ମହାନ୍ତିଙ୍କ ନେତୃତ୍ୱରେ ମଙ୍ଗଳବାର ଏକ ମଶାଲ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମହିଳା କଂଗ୍ରେସର କର୍ମକର୍ତାମାନେ ବିକ୍ଷୋଭ କରିଥିଲେ।

ଏହି ଅବସରରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମହାନ୍ତି କହିଛନ୍ତି ଯେ, ଲୋକସଭା ଏବଂ ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନ ଲାଗୁରେ ବିଜେପି ଓ ମୋଦୀ ସରକାର ବାଧକ ସାଜିଛନ୍ତି।




୨୦୨୩ ମସିହାରେ ଏହାକୁ ଆଇନରେ ପରିଣତ କରିବା ପାଇଁ କଂଗ୍ରେସ ସମେତ ସମସ୍ତ ଅଣ ବିଜେପି ଦଳ ସମର୍ଥନ ଦେଇଥିଲେ ମଧ୍ୟ ମୋଦୀ ସେରକାର ଏହାକୁ କାର୍ଯ୍ୟକାରୀ କରିବାରେ ଅକ୍ଷମ ହୋଇଛନ୍ତି। ବର୍ତମାନ ଲୋକସଭାରେ ଥିବା ୫୪୩ ଆସନ ଏବଂ ବିଭିନ୍ନ ବିଧାନସଭାର ସ୍ଥିତ ଅବସ୍ଥାକୁ ନେଇ କ'ଣ ପାଇଁ ୩୩ ପ୍ରତିଶତ ମହିଳା ସଂରକ୍ଷଣ କରାଯାଉନାହିଁ। ଡିଲିମିଟେସନ ସହିତ ମହିଳା ସଂରକ୍ଷଣ ଆଇନ୍ ଯୋଡି ଦିଆଯାଉଛି। ବିଜେପି କଂଗ୍ରେସ ମହିଳା ସଂରକ୍ଷଣର ବିରୋଧି ବୋଲି ଯେଉଁ ଅପପ୍ରଚାର କରୁଛି ତାହା ଦୁର୍ଭାଗ୍ୟଜନକ। ମହିଳା ସଂରକ୍ଷଣ ସପକ୍ଷରେ କଂଗ୍ରେସ ରହିଛି ଏବଂ ଏହାକୁ ତୁରନ୍ତ ଲାଗୁ କରିବା ପାଇଁ ଆନ୍ଦୋଳନ ଜାରି ରଖିଛି। ମହିଳାମାନଙ୍କ ପ୍ରତି ବିଜେପି ଦଳ, ମୋଦି ସରକାର ଓ ମୋହନ ସରକାର ଆଚରଣ ଓ ଉଚ୍ଚାରଣ କଣ ତାହା ସାରା ଦେଶ ଦେଖୁଛି। ଆଉ ଡ୍ରାମା ନ କରି ତୁରନ୍ତ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନ ଲାଗୁ କରିବା ପାଇଁ ମହିଳା କଂଗ୍ରେସ ଦାବୀ କରିଛି। କାର୍ଯ୍ୟକ୍ରମରେ ସୁରେଶ କୁମାର ରାଉତରାୟ, ପ୍ରକାଶଚନ୍ଦ୍ର ଜେନା, ମନୋରଞ୍ଜନ ଦାସ, ମାନସ ଆଚାର୍ଯ୍ୟ, ସୁନୀତା ବିଶ୍ୱାଳ, ଶ୍ରୀୟାସ୍ମିତା ପଣ୍ଡା, ଜୟସ୍ମିତା ମହାନ୍ତି,ଚଇତାଳି ପଟ୍ଟନାୟକ, ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## କଂଗ୍ରେସର ଗାନ୍ଧିପଥେ ନ୍ୟାୟ ପଦଯାତ୍ରା

**ଭୁବନେଶ୍ୱର, ୧୧।୫ (ମହାଭାରତ):** ଜିନ୍ଦଲ ତଥା ସମସ୍ତ ଶିଳ୍ପସଂସ୍ଥାଙ୍କ ଲୋକମାନଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାର ତଥା ସରକାରଙ୍କ କମ୍ପାନୀପ୍ରିତୀ ବିରୋଧରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ବହୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଓ ଶହ ଶହ ସଂଖ୍ୟାରେ କଂଗ୍ରେସ କର୍ମକର୍ତା ଓ ସାଧାରଣ ଜନତା ଗାନ୍ଧିପଥେ ନ୍ୟାୟ ପଦଯାତ୍ରା ଜଗତସିଂହପୁର ଜିଲ୍ଲାର ଡିଙ୍କିଆରୁ ରାଜଧାନୀ ଅଭିମୁଖେ ବାହାରିଥିଲା। ଏହି ଅବସରରେ ଗଣମାଧ୍ୟମଙ୍କୁ ଏକ ବିବୃତି ଦେଇ ପିସିସି ସଭାପତି ଶ୍ରୀ ଦାସ କହିଲେ ଯେ, ରାଜ୍ୟର ସମସ୍ତ ଖଣି ଅଞ୍ଚଳରେ ବିସ୍ଥାପନକୁ ନେଇ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି ଏହାକୁ ନେଇ କଂଗ୍ରେସ ଗାନ୍ଧୀପଥେ ନ୍ୟାୟ ପଦଯାତ୍ରା ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରିଛି। ଖଣିଜ ସମ୍ପଦ ଉତ୍ତୋଳନ ରାଜସ୍ୱ ଆଦାୟ ଏବଂ ସୁବିସ୍ଥାପନରେ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ନୀତି ନିୟମ ଏପର୍ଯ୍ୟନ୍ତ ହୋଇପାରିନାହିଁ। ସରକାର ଲକ୍ଷ ଲକ୍ଷ



କୋଟି ଟଙ୍କା ଖଣି ଖାଦାନରୁ ପାଉଥିବା ବେଳେ ବିସ୍ଥାପିତ ଏବଂ ପ୍ରଭାବିତ ହେଉଥିବା ବ୍ଲକ ଅଂଚଳରେ କାହିଁକି ୨୦-୩୦ ହଜାର ଟଙ୍କା ଖର୍ଚ୍ଚ କରୁନାହାନ୍ତି। ଜେଏସଡବ୍ଲୁ ହେଉ ଅନୁଗୁଳ, ତାଳଚେର, କଳିଙ୍ଗନଗର, ଲାଞ୍ଜିଗଡ, ରାୟଗଡା ଉତ୍କଳ ଆଲୁମିନା ଆଦି ଅଂଚଳରେ ଆଜି ପର୍ଯ୍ୟନ୍ତ ବିସ୍ଥାପନର ସମସ୍ୟା ସମାଧାନ ହୋଇ ପାରିନାହିଁ। ଯେଉଁ ଯେଉଁ ସ୍ଥାନରେ ଖଣି କିମ୍ବା ଶିଳ୍ପ ପ୍ରତିଷ୍ଠା ହୋଇଛି ଶୋଷଣ ଏବଂ ଅତ୍ୟଚାର କ୍ରମାଗତ ଚାଲିଛି। ଲୋକେ ଶିଳ୍ପକୁ ବିରୋଧ କରୁନାହାନ୍ତି।

## ରାଜ୍ୟବ୍ୟାପୀ ଚଢ଼ଉ : ବିପୁଳ ଗଞ୍ଜେଇ ଜବତ

**ଭୁବନେଶ୍ୱର, ୧୧।୫ (ମହାଭାରତ):** ସାରା ରାଜ୍ୟରେ ମାଦକ ଦ୍ରବ୍ୟ ଚୋରା ଚାଲାଣ ଓ ନିଶାଦ୍ରବ୍ୟ କାରବାର ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଚାଲିଥିବା "ନିଶା ମୁକ୍ତ ଓଡ଼ିଶା" ଅଭିଯାନରେ ବିଗତ କିଛି ଦିନ ମଧ୍ୟରେ ବଡ଼ ସଫଳତା ମିଳିଛି। ଗଜପତି ଜିଲ୍ଲାର ଆର. ଉଦୟଗିରି ଓ ଅଡବା ଥାନା ପୋଲିସ ପକ୍ଷରୁ ବିଗତ କିଛି ଦିନ ମଧ୍ୟରେ କିରାମା, ସମ୍ବଲପୁର, କେଶରୀଗୁଡା ଓ ରାଇପଙ୍କା ଗ୍ରାମପଂଚାୟତ ଅଂଚଳରେ ନିରନ୍ତର ଚଢ଼ାଉ କରାଯାଇଥିଲା। ଏହି ଅଞ୍ଚଳଗୁଡିକରେ ମୋଟ ୨୧ ଟି ଚଢ଼ାଉ କରାଯାଇ ପ୍ରାୟ ୨୧ ମେଟ୍ରିକ ଟନ ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ଘଟଣାରେ ୦୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୦ରୁ ୧୨ ଜଣ ଅଭିଯୁକ୍ତ ଏବେ ମଧ୍ୟ ଫେରାର ଅଛନ୍ତି। ସେଥିସହ ଅପରାଧରେ ବ୍ୟବହୃତ ୦୩ଟି ଯାନବାହନ ମଧ୍ୟ ଜବତ କରାଯାଇଛି।

ସେହିପରି ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ଥାନା ଅଂଚଳରେ ଚାଲିଥିବା ନିଶାଦ୍ରବ୍ୟ ଓ ଅବୈଧ ମଦ ବିରୋଧୀ ଅଭିଯାନରେ ମଧ୍ୟ ବଡ଼ ସଫଳତା ମିଳିଛି। ଗୁଜା ଗ୍ରାମରେ ବେଆଇନ ଗଞ୍ଜେଇ ଓ ଦେଶୀ ମହୁଲି ମଦ କାରବାର ସମ୍ପର୍କରେ ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ଅଭିଯାନ ସମୟରେ ମୋଟ ୦୧ କ୍ୱିଣ୍ଟାଲ ୫୮ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ସରକାରୀ ମୂଲ୍ୟାଙ୍କନ ଅନୁଯାୟୀ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ୮୫ ହଜାର ଟଙ୍କା। ଏହାସହ ୨୦୦ ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ କରାଯାଇଥିବା ବେଳେ ପ୍ରାୟ ୫୦୦୦ ଲିଟର ମହୁଲି ପୋଚ ନଷ୍ଟ କରାଯାଇଥିଲା।

ସେହିପରି ବରଗଡ଼ ଜିଲ୍ଲାର ଝାରବନ୍ଧ ଥାନା ପୋଲିସ ମଧ୍ୟ ଗଞ୍ଜେଇ ଚୋରା ଚାଲାଣ ବିରୋଧରେ ବଡ଼ ସଫଳତା ହାସଲ କରିଛି। ଗତ ୦୫ ତାରିଖ ରାତିରେ ପାଇକମାଲ ଥାନା କର୍ମଚାରୀମାନେ ନିୟମିତ ପାଟ୍ରୋଲିଂ କରୁଥିବା ସମୟରେ ଝାରବନ୍ଧ ଅଂଚଳରେ ଏକ ଟ୍ରକ ତଲାସି କରି ୧୯୧୪ କେଜି ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ପୋଲିସ ୦୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଅଧିକ ତଦନ୍ତ ଜାରି ରହିଛି।

## ଜୟପୁରରେ ବିଧାନସଭାର କମିଟି ସମ୍ପର୍କିତ ବୈଠକ

**ଭୁବନେଶ୍ୱର, ୧୧।୫ (ମହାଭାରତ):** ବିଧାନସଭାର କମିଟି ସମ୍ପର୍କିତ ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଅଛି। ମଧ୍ୟପ୍ରଦେଶର ବାଚସ୍ପତି ଶ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ଅଧ୍ୟକ୍ଷତାରେ ତଥା ରାଜସ୍ଥାନ ବିଧାନସଭା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହିମାଚଳପ୍ରଦେଶ, ସିକ୍କିମ ସମେତ ଓଡ଼ିଶାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ଲୋକସଭାର ବାଚସ୍ପତି ଶ୍ରୀ ଓମ୍ ବିର୍ଲାଙ୍କ ଦ୍ୱାରା ୭ଟି ବିଧାନସଭାର ବାଚସ୍ପତିଙ୍କୁ ନେଇ ଏହି କମିଟି ଗଠନ କରାଯାଇଛି। ଆଗାମୀ ଦିନରେ କମିଟି ବ୍ୟବସ୍ଥାକୁ କିପରି ଅଧିକ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରାଯାଇପାରିବ ସେ ସମ୍ପର୍କରେ ଏହି କମିଟି ନୀତିଗତ ଭାବରେ ନିଷ୍ପତି ଗ୍ରହଣ କରିବେ।

ଏହି ସମ୍ମିଳନୀରେ ଯୋଗ ଦେଇ



ବାଚସ୍ପତି ଶ୍ରୀମତୀ ପାଢ଼ୀ ନିଜର ମତ ଉପସ୍ଥାପନ କରି କହିଲେ ଯେ, ଭାରତର ସଂସଦୀୟ ପରମ୍ପରା ବ୍ୟବସ୍ଥାରେ ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର। ଏଥି ପ୍ରତି ଜନସାଧାରଣଙ୍କର ଆଶା-ଆକାଂକ୍ଷା ଓ ବିଶ୍ୱାସକୁ ବଳବତର ରଖିବା ଆମ ସମସ୍ତଙ୍କର କର୍ତବ୍ୟ। ଏ କ୍ଷେତ୍ରରେ ଆମର ଉତରଦାୟିତ୍ୱବୋଧ ରହିବା ଆବଶ୍ୟକ। ବିଧାନସଭା କମିଟି ବ୍ୟବସ୍ଥା, ସରକାରଙ୍କର ବିଭିନ୍ନ ଯୋଜନା ଏବଂ ଏହାର ସଫଳ ରୂପାୟନର ତଦାରଖ କରିବା ସହ ସୁଚିନ୍ତିତ ପରାମର୍ଶ ଦେଇଥାନ୍ତି।

ଆମ ରାଜ୍ୟରେ ୪ ଟି ଫାଇନାନସିଆଲ୍ କମିଟି, ୧୦ ଟି ଡିପାର୍ଟମେଂଟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି, ୧୦ ଟି ହାଉସ୍ କମିଟି, ୫ ଟି ଷ୍ଟାଟ୍ୟୁଟାରୀ କମିଟି ଓ ୬ ଟି ଆଡ ହକ୍ କମିଟି ଏହିପରି ମୋଟ ୩୫ ଟି କମିଟି ରହିଛି। ଏହି କମିଟିଗୁଡିକର କାର୍ଯ୍ୟ ଓ ପରିସର ଖୁବ ବ୍ୟାପକ ଓ ଗୁରୁତ୍ୱପୂର୍ଣ୍ଣ। ଏହି କମିଟିଗୁଡିକ ଉଲ୍ଲେଖନୀୟ କାର୍ଯ୍ୟ କରୁଅଛନ୍ତି। ଆଗାମୀ ଦିନରେ ବିଧାନସଭାର ଏହି କମିଟିଗୁଡିକ କିପରି ଅଧିକ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିବ ସେଥିପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡ଼ିବ। ବିଧାନସଭା କମିଟିଗୁଡିକର ସମୀକ୍ଷା ସମ୍ପର୍କିତ ପ୍ରଥମ ବୈଠକ ଭୋପାଳଠାରେ ୨୦୨୫ ମସିହା ଜୁଲାଇ ୧୪ ତାରିଖରେ ଅନୁଷ୍ଠିତ ହୋଇଥିବା ବେଳେ ପରବର୍ତି ସମୟରେ ଏହାର ନିର୍ଣ୍ଣାୟକ ବୈଠକ ଆହୂତ ହୋଇ ସଭ୍ୟମାନଙ୍କର ସୁପାରିଶଗୁଡିକୁ ଭିତି କରି ଏକ ଉତମ ମାର୍ଗଦର୍ଶିକା ଚୂଡ଼ାନ୍ତ କରାଯିବ। ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ମଧ୍ୟପ୍ରଦେଶର ବାଚସ୍ପତି ଶ୍ରୀ ତୋମାର ବାଚସ୍ପତିମାନଙ୍କୁ ପରାମର୍ଶ ଦେଇ କହିଲେ ଯେ, ସମସ୍ତ ରାଜ୍ୟଗୁଡିକ ବିଧାନସଭାର କମିଟି ଗଡିକର ଆଗାମୀ ଦିନର ରୂପରେଖ, କାର୍ଯ୍ୟ ପରିସର ଓ ଏହାର ବ୍ୟାପକତା ସମ୍ପର୍କରେ ନିଜର ସୁଚିନ୍ତିତ ପରାମର୍ଶ ଉପସ୍ଥାପନ କରିବା ଉଚିତ।

ମହାଭାରତ
ସାରାଂଶ ଚଳନ୍ତି ସମୟର ଅବଶିଷ୍ଟାଂଶ



# ଇସିଙ୍କ ବିରୋଧରେ ଅଭିଯୋଗ

ଏସଆଇଆର ଯୋଗୁ ଅନେକ ସଂଖ୍ୟାଲଘୁ ଅନୁପ୍ରବେଶକାରୀଙ୍କ ନାମ ଭୋଟର ତାଲିକାରୁ ପଟିଲା ଯାହା ଯଥାର୍ଥ ଥିଲା। ଏସଆଇଆର ଯୋଗୁ ଅନେକ ମୃତ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଛି। ନଚେତ ସେମାନଙ୍କ ନାମରେ ଜାଲ ଭୋଟ ହୋଇଥାଆନ୍ତା। ଏହା ଟିଏମସିର ଭୋଟ ବ୍ୟାଙ୍କକୁ ଦୁର୍ବଳ କରିଛି। ତେଣୁ ସ୍ୱାଭାବିକ ଭାବେ ମମତା ଏବଂ ତାଙ୍କ ସମର୍ଥକମାନେ ଅଭିଯୋଗ କରି ଆସୁଛନ୍ତି ଯେ, ନିର୍ବାଚନ କମିଶନ ବିଜେପିକୁ ସୁହାଇବା ପରି କାର୍ଯ୍ୟ କରୁଛନ୍ତି। ଏହା ଏକ ଅନ୍ଧ ଅଭିଯୋଗ। ପଶ୍ଚିମବଙ୍ଗରେ ନିର୍ବାଚନ ବେଳେ ସର୍ବାଧିକ ହିଂସା ହୋଇଥାଏ। ଭୋଟ ଗ୍ରହଣରେ ଅନେକ ସମୟରେ ଜାଲିଆତି ହୋଇଥାଏ। ଏଥିରେ ଶାସକ ଦଳର ସମର୍ଥକ ହିସାବରେ ହେଉ ଅଥବା ବାଧ୍ୟବାଧକତାରେ ହେଉ ଅନେକ ସରକାରୀ କର୍ମଚାରୀ ଏବଂ ପୋଲିସ ସହଯୋଗ କରନ୍ତି। ଏହାକୁ ରୋକିବା ନିମନ୍ତେ ଏଥର ପଶ୍ଚିମବଙ୍ଗରେ ନିର୍ବାଚନ ବେଳେ ବହୁ ସଂଖ୍ୟକ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ମୁତୟନ କରାଗଲା। ଏହା ଫଳରେ ଭୋଟ ଗ୍ରହଣ ଅନେକାଂଶରେ ନିରପେକ୍ଷ ହୋଇପାରିଲା ଏବଂ ଶାନ୍ତି ଶୃଙ୍ଖଳାର ସହ ଏହା ସମ୍ପନ୍ନ ହେଲା। ମୁକ୍ତ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ନିମନ୍ତେ ଏହା ଜରୁରୀ ଥିଲା। କାରଣ ରାଜ୍ୟ ପୋଲିସ ଉପରେ ବିଶ୍ୱାସ ନାହିଁ। ଏହା ଟିଏମସିକୁ ସୁହାଇବା ପରି କାର୍ଯ୍ୟ କରିଥାଆନ୍ତା। ନିର୍ବାଚନ ପରିଚାଳନା ଲାଗି କେନ୍ଦ୍ରୀୟ ଫୋର୍ସ ମୁତୟନରେ ଅସୁବିଧା କ'ଣ ରହିଲା ? ଟିଏମସି ଭୋଟ ଜାଲିଆତି କରିପାରିଲାହିଁ ବୋଲି କେନ୍ଦ୍ରୀୟ ଫୋର୍ସ ମୁତୟନକୁ ବିରୋଧ ଏବଂ ସମାଲୋଚନା କରିବାର କ'ଣ ଯଥାର୍ଥତା ରହିଛି ? ପଶ୍ଚିମବଙ୍ଗର ଜନ ସଂଖ୍ୟା ୮ କୋଟିରୁ ଅଧିକ। ସେଥିରେ ୩ ଲକ୍ଷ ଅର୍ଦ୍ଧସାମରିକ ବାହିନୀ ମୁତୟନ କ'ଣ ଅଧିକ ହୋଇଗଲା ? ବାସ୍ତବରେ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ନିରପେକ୍ଷ ନିର୍ବାଚନ ପରିଚାଳନା ଲାଗି ୨୦ ଲକ୍ଷ କେନ୍ଦ୍ରୀୟ ଫୋର୍ସର ଆବଶ୍ୟକତା ରହିଛି। ଏତେ ସଂଖ୍ୟକ କେନ୍ଦ୍ରୀୟ ଫୋର୍ସ ଏବଂ ପର୍ଯ୍ୟବେକ୍ଷକଙ୍କ ନିଯୁକ୍ତି ସତ୍ତ୍ୱେ ଅନେକ ସ୍ଥାନରେ ଭୋଟ ଗ୍ରହଣ ବେଳେ ଗଡ଼ବଡ଼ ହୋଇଥିବା ଅଭିଯୋଗ ହୋଇଛି। ଏଥିଲାଗି ନିର୍ବାଚନ କମିଶନ କେତେକ ବୁଥରେ ସାନି ମତଦାନ କରିଛନ୍ତି। ଫାଲଟା ଆସନର ସମସ୍ତ ୨୮୫ ବୁଥରେ ସାନି ମତଦାନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଭୋଟ ଗଣତିରେ ମଧ୍ୟ କେନ୍ଦ୍ରୀୟ କର୍ମଚାରୀ ନିୟୋଜିତ ହେବେ ବୋଲି ନିର୍ବାଚନ କମିଶନ(ଇସିଆଇ) ନିଷ୍ପତ୍ତି ନେଇଛନ୍ତି। ଏହାକୁ ଟିଏମସି ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲା। କିନ୍ତୁ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଛନ୍ତି। ଭାରତର ନିର୍ବାଚନ କମିଶନ ଏକ ସ୍ୱାଧୀନ ଏବଂ ସ୍ୱୟଂଶାସିତ ଗଣତାନ୍ତ୍ରିକ ସଂସ୍ଥା। ଭାରତରେ ମୁକ୍ତ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ଲାଗି ଇସିଆଇକୁ ପୁରା କ୍ଷମତା ଏବଂ ଦାୟିତ୍ୱ ପ୍ରଦାନ କରାଯାଇଛି। ଗଣତନ୍ତ୍ରର ସୁରକ୍ଷା ଲାଗି ଏହା ଜରୁରୀ। ଏଥିରେ ସରକାର ବା ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ। ଭୋଟ ଗଣତିରେ କେନ୍ଦ୍ରୀୟ କର୍ମଚାରୀ ନିୟୋଜିତ ହେବାରେ କ'ଣ ଅସୁବିଧା ରହିଲା ? ଯଦି ଏହା ଦ୍ୱାରୋ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିଲା, ତେବେ ତାହାକୁ ସ୍ୱାଗତ କରିବାରେ କିଛି ଅସୁବିଧା ନାହିଁ। ଦିର୍ବାଚନ କମିଶନଙ୍କ ବିରୋଧରେ ମମତାଙ୍କ ଏଭଳି ଅନ୍ଧ ଅଭିଯୋଗ ବାସ୍ତବରେ ସନ୍ଦେହଜନକ। ଲାଗୁଛି ଡାଲ ମେ କୁଛ କାଲା ହେ। ଏହାକୁ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳମାନେ ସମର୍ଥନ କରିବା ଏବଂ ଇସିଙ୍କ ବିରୋଧରେ ଅନ୍ଧ ଅଭିଯୋଗ ଆଣିବା ନିନ୍ଦନୀୟ। ନିର୍ବାଚନ କମିଶନଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣି କଂଗ୍ରେସ ଏବଂ ଟିଏମସି ପ୍ରମାଣିତ କରିଛନ୍ତି ଯେ, ଗଣତନ୍ତ୍ର ଏବଂ ସମ୍ବିଧାନ ଉପରେ ସେମାନଙ୍କର ବିଶ୍ୱାସ ନାହିଁ। ଯାହା ସେମାନଙ୍କୁ ସୁହାଉନାହିଁ, ତାହା ଅଗଣତାନ୍ତ୍ରିକ।

# ଜୈବପ୍ରଯୁକ୍ତି ଓ ଛାତ୍ର ଛାତ୍ରୀଙ୍କ କର୍ମନିଯୁକ୍ତି

॥ ପ୍ରଫେସର ହୃଦୟନାଥ ଆଟୋଇ ॥

> "ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୂପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି।

ଜୈବପ୍ରଯୁକ୍ତି ବିଦ୍ୟାରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କ ପାଇଁ କେଉଁ ସବୁ ନିଯୁକ୍ତି ଓ ଉଚ୍ଚତର ଶିକ୍ଷାର ସୁଯୋଗ ରହିଛି ସେ ରହିଛି ସେ ବିଷଷୟରେ ଆଲୋକପାତ କରିବା ଏ ପ୍ରବନ୍ଧର ଲକ୍ଷ୍ୟ। ସ୍ନାତୋକର ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ମୁଖ୍ୟତଃ ୪ ପ୍ରକାର ବିକଳ୍ପ ରହିଛି। ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ଛାତ୍ର ଛାତ୍ରୀମାନେ ଏମ.ଫୀଲ ଓ ପିଏଚଡି ଶିକ୍ଷା ଲାଭ ପାଇଁ ଯୋଗଦେଇ ପାରିବେ। ମାତ୍ର ଏମ.ଫୀଲ ଏ ବର୍ଷରୁ ୟୁଜିସି ଦ୍ୱାରା ବନ୍ଦ୍ କରି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଜାତୀୟ ଗବେଷଣା ଅନୁଷ୍ଠାନ ଯଥା ଏନଆଇଟି, ସିଟିସିଆରଆଇ, ଆଇଏମଟି, ଆରପିଆରସି, ସିଡିଆରଆଇ, ଏନବିଆରଆଇ ଇତ୍ୟାଦି ପ୍ରତିଷ୍ଠାନରେ ଉଦ୍ଦିଷ୍ଟ ଲାବରଟୋରୀରେ ଅଥବା ପ୍ରୋଜେକ୍ଟ ବା ରିସର୍ଚ ସହାୟକ ହିସାବରେ ଯୋଗଦାନ କରି ପାରିବେ। ବିଭିନ୍ନ ଜୈବ ପ୍ରଯୁକ୍ତି ଶିଳ୍ପ ଯଥା-ବାୟୋକନ, ଇଣ୍ଡୋହାଇବ୍ରିଡସିଡ, ଭାରତ ବାୟୋଟେକ, ରିଲଆନସ, ଲାଇଫ୍ ସାଇନ୍ସ, ବିଭିନ୍ନ ଫର୍ମାସ୍ୟୁଟିକାଲ ଶିଳ୍ପ ଯଥା ଡକ୍ଟର ରେଡ଼ି, ଟୋରେଟଂ ତଥା ବିଭିନ୍ନ ମେଡିକାଲ ଡାଇଗ୍ନୋଷ୍ଟିକ୍ ସେଟଂର, ଫୁଡ ଇଣ୍ଡଷ୍ଟ୍ରିଜ୍, ଫିସ୍ ପ୍ରୋସେସିଂ ଇତ୍ୟାଦିରେ ବୈଜ୍ଞାନକି ବା ଟେକ୍ନିକାଲ କର୍ମଚାରୀ ଓ ଗୁଣବତା ନିୟନ୍ତ୍ରକ ଅଧିକାରୀ ଭାବେ କାର୍ଯ୍ୟ କରି ପାରିବେ।

ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୂପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି। ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଜାତୀୟ ସ୍ତରୀୟ ପରୀକ୍ଷା ଯେପରିକି ସିଏସଆଇଆର ବା ୟୁଜିସି ନାସନାଲ ଏଲିଜିବିଲିଟି ଟେଷ୍ଟ ଫର୍ (ଏନଇଟି)ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିଥାଏ। ଏତଦବ୍ୟତୀତ ଗ୍ରାଜୁଏଟ ଆର୍ପଟିଚ୍ୟୁଟ ଟେଷ୍ଟ ଫରି ଇଞ୍ଜିନିୟରିଂ (ଜିଏଇଟି) , ଇଣ୍ଡିଆନ କାଉଁସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ ନାସନାଲ ଏଲିଜିବିଲିଟି ଟେଷ୍ଟ (ଆଇସିଏଆର), ବାୟୋଟେକ୍ନୋଲୋଜି ଏଲିଜିବିଲିଟି ଟେଷ୍ଟ (ବିଇଟି), ଡିପାର୍ଟମେଣ୍ଟଂ ଅଫ୍ ବାୟୋଟେକ୍ନୋଲୋଜି ଟେଷ୍ଟ (ଡିବିଟି) ଇତ୍ୟାଦିରେ ଉତୀର୍ଣ୍ଣ ହେବା ପରେ ନିହାତି ଛାତ୍ର ଛାତ୍ରୀମାନେ ୟୁନିଭରସିଟି, ଇଞ୍ଜିନିୟରିଂ କଲେଜ, ଏନଆଇଟି ଓ ଆଇଆଇଟି ମାନଙ୍କରେ ଗବେଷଣା କରିବାକୁ ଯୋଗ ଦେଇଥାଆନ୍ତି। ଏହି ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଛାତ୍ର ଛାତ୍ରୀମାନଙ୍କୁ ଗବେଷଣା କରିବାକୁ ସରକାରଙ୍କଠାରୁ ଛାତ୍ରବୃତି ସହିତ ଅନୁସନ୍ଧାନ ସହାୟତା ରାଶି ମଧ୍ୟ ମିଳିଥାଏ। ବର୍ତମାନ ସିଏସଆଇଆର ଓ ୟୁଜିସି ଉତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ପ୍ରଥମ ଦୁଇ ବର୍ଷ ୩୧ ହଜାର ଟଙ୍କା ଏବଂ ଘରଭଡା ବାବଦକୁ ସ୍ଥାନ ଅନୁସାରେ ୫% ରୁ ୧୫% ପାଇଥାଆନ୍ତି। ମାତ୍ର ପରବର୍ତୀ ୩ ବର୍ଷ ବରିଷ୍ଠ ରିସର୍ଚ ସ୍କଲାର ହିସାବରେ ୩୫ ହଜାର ଟଙ୍କା ସହିତ ଘରଭଡା ମଧ୍ୟ ପାଇଥାଆନ୍ତି। ଏତଦବ୍ୟତତ ଗବେଷଣା କରିବା ପାଇଁ ଅନୁସନ୍ଧାନ ସହାୟତା ରାଶି ବର୍ଷକୁ ୨୫ ହଜାର ଟଙ୍କା ପାଇଥାଆନ୍ତି। ସିଏସଆଇଆର ନେଟ ପରୀକ୍ଷାରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ପ୍ରଥମ କିଛି ମେଧାବୀ ଛାତ୍ର ଛାତ୍ରୀଙ୍କୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫେଲୋସିପ୍ ମିଳିଥାଏ। ଏହି ଫୋଲୋସିପ ର ମୂଲ୍ୟ ପ୍ରଥମ ଦୁଇ ବର୍ଷ ୩୬ ହଜାର ଓ ପରବର୍ତୀ ୩ ବର୍ଷ ୪୨ ହଜାର ପ୍ରତିମାସ ମିଳିଥାଏ। ସିଏସଆଇଆର ଫେଲୋସିପ୍ ଦୁଇ ପ୍ରକାରର ଅଛି। ଯଥା କେବଳ ଏଲିଜିବିଲିଟି ଫର ଲେକ୍‌ଚରସିପ୍ ଓ ଅନ୍ୟଟି ଜେଆରଏଫ। ଏହି ପରୀକ୍ଷାରେ ଉତୀର୍ଣ୍ଣ ଲିଷ୍ଟର ପ୍ରଥମ କିଛି ପିଲାଙ୍କୁ ଫେଲୋସିପ ମିଳିଥାଏ। ଯେଉଁମାନଙ୍କୁ ସରକାରଙ୍କ ଠାରୁ ସିଧା ସଳଖ ଉପରୋକ୍ତ ଫେଲୋସିପ ମିଳିଥାଏ। ମାତ୍ର ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପଛୁଆ କିଛି ପିଲାଙ୍କୁ କେବଳ ଲେକଚରସିପ ଆୱାର୍ଡ କରାଯାଇଥାଏ। ସେହି ଛାତ୍ରଛାତ୍ରୀମାନେ ସାରା ଦେଶରେ କଲେଜ ଓ ୟୁନିଭରସିଟିରେ ଲେକଚର ହେବାକୁ ଯୋଗ୍ୟ ହୋଇ ଥାଆନ୍ତି।

ଏତଦବ୍ୟତୀତ ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ଜାତୀୟ ପ୍ରୋଜେକ୍ଟରେ ଯୋଗ ମଧ୍ୟ କରିଥାଆନ୍ତି ଓ ସମପରିମାଣର ଫେଲୋସିପ ରିସର୍ଚ ପ୍ରୋଜେକ୍ଟ ଫେଲୋସିପରୁ ପାଇଥାଆନ୍ତି। ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସ୍ନାତୋକତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାଙ୍କୁ ପିଏଚଡି ଶିକ୍ଷା ଲାଭ କରିବା ପାଇଁ ରିସର୍ଚ ଫେଲୋସିପ ଡିଏସଟି ଇନସ୍ପାୟାର ଦିଆଯାଇଥାଏ। ଏହାର ଫେଲୋସିପ ବାବଦକୁ ପ୍ରଥମ ଦୁଇ ବର୍ଷ ୩୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ୨୦ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଏହାର ବରିଷ୍ଠ ରିସର୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ମିଳିଥାଏ। ଏତଦବ୍ୟତୀତ ସ୍ନାତୋକତର ଉତୀର୍ଣ୍ଣ କିଛି ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ରିସର୍ଚ ଫେଲୋସିପ ଯେପରିକି ଆମ ରାଜ୍ୟ ଓଡିଶାରେ ବିଜୁ ପଟ୍ଟନାୟକ ରସର୍ଚ ଫେଲୋସିପ୍ ଦିଆଯାଇଥାଏ। ବିଜୁ ପଟ୍ଟନାୟକ ରିସର୍ଚ ଫେଲୋସିପ ଜରିଆରେ ମାସକୁ ୧୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୫ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ ଫେଲୋସିପ ବାବଦକୁ ୧୫ ହଜାର ଟଙ୍କା ଓ କଟିଂଜେନ୍ସି ପ୍ରଦାନ କରାଯାଇଥାଏ। ସେହିପରି ଆଇସିଏଆର ଏନଇଟିରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ମାସିକ ୩୧ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ଫେଲୋସିପ ମିଳିଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ଫେଲୋସିପ ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜିଏଟିଇ ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଇଆଇଟି ତଥା ଏନଆଇଟି ଓ ଇଞ୍ଜିନିୟରିଂ କଲେଜ୍‌ରେ ସ୍କଲାରସିପ ସହିତ ଏମଟେକ୍ ପଢିବା ଅଥବା ପ୍ରୋଜେକ୍ଟରେ ଜେଆରଏଫ/ପ୍ରୋଜେକ୍ଟ ଫେଲୋ ହିସାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିଥାଏ। ସେମାନେ ପ୍ରୋଜେକ୍ଟ ସ୍ଥିରିକୃତ ନିୟମ ହିସାବରେ ଫେଲୋସି ପାଇଥାଆନ୍ତି। ବାୟୋଟେକ୍ନୋଲୋଜି କନସରଟିୟମ(ବିସିଆଇଏଲ), ନୂଆଦିଲ୍ଲୀ ମଧ୍ୟ ୬ ମାସର ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ପାଇଁ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଚୟନ କରି ବିଭିନ୍ନ ଇଣ୍ଡଷ୍ଟ୍ରିଜ ମାନଙ୍କୁ ପଠାଇଥାଏ। ଏମାନେ ମାସକୁ ୧୦ ହଜାର ଟଙ୍କା ଫେଲୋଶିପ ପାଇଥାଆନ୍ତି। ଏତଦବ୍ୟତୀତ କଟିଂଜେନ୍ସି ବାବଦକୁ ଇଣ୍ଡଷ୍ଟ୍ରିମାନଙ୍କୁ କିଛି ଅର୍ଥ ମିଳିଥାଏ। ପରବର୍ତୀ ସମୟରେ ଏହି ଛାତ୍ର ଛାତ୍ରୀମାନେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିଥାଆନ୍ତି। ଉପରଲିକ୍ଷିତ ଆଲୋଚ ସୁଯୋଗ ବ୍ୟତୀତ ବିଭିନ୍ନ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ଷ୍ଟାର୍ଟ ଅପ ବା ଏଂଟରପ୍ରେନ୍ୟୁର ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ପାଇ ପାରନ୍ତି। ଏଥିପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କ ଓ ସରକାରୀ ପ୍ରୋଗାମରୁ ସହାୟତା ମିଳିଥାଏ। ଜୀବ ବିଜ୍ଞାନ ପାଠ୍ୟକ୍ରମରେ ଜୈବପ୍ରଯୁକ୍ତି ବିଦ୍ୟା ଏକ ବୈଷୟିକ ବିଭାଗ ଯାହା ଅନ୍ୟାନ୍ୟ ମୌଳିକ ବିଭାଗ ଯଥା ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଠାରୁ ଅଧିକ ଯୁଗୋପଯୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ପସନ୍ଦର ବିଭାଗ। କାରଣ ଏଥିରେ ନିଯୁକ୍ତି, ଗବେଷଣା ଓ ଉଚ୍ଚତର ଶିକ୍ଷା ନିମନ୍ତେ ପ୍ରଭୂତଃ ସୁବିଧା ସୁଯୋଗ ରହିଛି। ମାତ୍ର ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିଥାଏ ଓ ବିଭିନ୍ନ ଗବେଷଣାଗାର ଥିବା ବଡବଡ ଲାବୋରୋଟୋରିରୁ ଅଧିକରୁ ଅଧିକ ତାଲିମ ନେଇ ଦକ୍ଷତା ହାସଲ କରିବାକୁ ପଡିଥାଏ। ଏହି ଛାତ୍ରଛାତୀମାନେ ବିଦେଶ ବିଶ୍ୱବିଦ୍ୟାଳୟ ଓ ରିସର୍ଚ ଅନୁଷ୍ଠାନ ମାନଙ୍କରେ ଗବେଷଣା ଓ ଉଚ୍ଚତର ଶିକ୍ଷାଲାଭ କରିବାକୁ ପ୍ରୋତ୍ସାହନ ମିଳିଥାଏ।

ଜୈବପ୍ରଯୁକ୍ତି ବିଦ୍ୟା ମୁଖ୍ୟ
ମହାରାଜା ଶ୍ରୀମରାଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦାଳୟ, ବାରିପଦା।

# ସତ୍ୟନାରାୟଣ ପାଲାରେ ଶ୍ରୀଜଗନ୍ନାଥ

॥ ଅଲେଖ ଚନ୍ଦ୍ର ସାମଲ ॥

ଶ୍ରୀଜଗନ୍ନାଥ ହେଉଛନ୍ତି ହିନ୍ଦୁମାନଙ୍କର ଧର୍ମଧାରଣା, ଚିନ୍ତା ଓ ଚେତନାର ପ୍ରାଣବିନ୍ଦୁ । ହିନ୍ଦୁ ମାନଙ୍କର ଉଜ୍ଜ୍ୱଳ କାମନା ପୂରଣ ନିମିତ୍ତ ଅର୍ଚ୍ଚନାରେ ମଧ୍ୟ ସେଇ ମହାପ୍ରଭୁଙ୍କର ପ୍ରଭୁତ୍ୱ ଅନୁଭୂତ ହୋଇଥାଏ । ବହୁ ପ୍ରାଚୀନ କାଳରୁ 'ସତ୍ୟନାରାୟଣ' ପୂଜା ପଦ୍ଧତି ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । ସ୍କନ୍ଦ ପୁରାଣର ରେବାଖଣ୍ଡରେ 'ସତ୍ୟନାରାୟଣ'ଙ୍କ ପ୍ରସଙ୍ଗ ଚାରିଗୋଟି ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଏହି ପୁରାଣରେ ପ୍ରଦତ୍ତ ମତ ଅନୁଯାୟୀ ସତ୍ୟନାରାୟଣ ନିଜ ପୂଜା ସମ୍ବନ୍ଧରେ ନାରଦଙ୍କୁ ନାରଦ ଶୁକଦେବଙ୍କୁ ଓ ଶୁକ ନୈମିଷ୍ୟାରଣ୍ୟରେ ସନକାଦି ମୁନୀ ମାନଙ୍କୁ କହିଥିଲେ । ସ୍କନ୍ଦ ପୁରାଣର ବର୍ଣ୍ଣିତ ସତ୍ୟନାରାୟଣ ପୂଜା କଥାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କାମନା ପୂରଣ ପାଇଁ ସତ୍ୟନାରାୟଣ ପୂଜା ଏକ ଫଳପ୍ରଦ ମାଧ୍ୟମ ଅଟେ । ତାଙ୍କରି ଆଶୀର୍ବାଦର ସୁଖ, ସମ୍ପଦ, ସନ୍ତାନ, ସୌଭାଗ୍ୟ ପ୍ରଭୃତ ପ୍ରାପ୍ତି ହୋଇଥାଏ । ସ୍କନ୍ଦ ପୁରାଣର ରେବାଖଣ୍ଡରେ କୁହାଯାଇଛି -'ଯସ୍ମିନ୍ କସ୍ମିନ୍ ଦିନେ ମର୍ତ୍ତ୍ୟୋ ଭକ୍ତି ଶ୍ରଦ୍ଧା ସମନ୍ୱିତଃ, ସତ୍ୟନାରାୟଣଂ ଦେବଂ ଯଜେତ୍ ତୁଷ୍ଟୋ ନିଶାମୁଖେ, ପ୍ରସାଦ ଭକ୍ଷୟେତ ଭକ୍ତ୍ୟା ନୃତ୍ୟାଗୀତାଦିଙ୍କ ଚରେତ ଏବଂ କୃତ୍ୱା ମନୁଷ୍ୟାଣାଂ ବାଞ୍ଛାସିଦ୍ଧି ଭବେତ୍ ଧ୍ରୁବମ୍' ।।

କାଳକ୍ରମେ ସତ୍ୟନାରାୟଣଙ୍କ ମୁହଁ ମୁସଲମାନ ମାନଙ୍କର 'ପୀର' ଶବ୍ଦ ମିଳିତ ହୋଇ ସତ୍ୟପୀର ଶବ୍ଦ ଓ ଦେବତାଙ୍କର ମହିମା ପ୍ରସାରିତ ହେଲା । ମିଛ ଦୁନିଆରେ 'ନାରାୟଣ' ହିଁ ଏକମାତ୍ର ସତ୍ୟ ଏବଂ ସତ୍ୟ ମଧ୍ୟରେ ହିଁ ତାଙ୍କର ସ୍ୱରୂପ ପ୍ରକଟିତ ହୋଇଥାଏ । ପରାସୀ ଭାଷାରେ 'ପୀର' ଶବ୍ଦ ଅଲୌକିକ ଶକ୍ତି ସମ୍ପନ୍ନ ଧର୍ମ ପ୍ରତିଷ୍ଠାତାଙ୍କୁ ବୁଝାଇଥାଏ । 'ନାରାୟଣ' ଓ ଧର୍ମ ପ୍ରତିଷ୍ଠାତା ଉଭୟ ଦୃଷ୍ଟିକୋଣରୁ ଚିନ୍ତା କଲେ ରୂପେ ବିଦିତ । 'ହୟଶୀର୍ଷ ପଞ୍ଚରାତ୍ର' ମତରେ ବିଷ୍ଣୁ ପୌଷ ମାସରେ 'ନାରାୟଣ' ଭାବେ ପୂଜିତ ହୁନ୍ତି । ବିଷ୍ଣୁ ଓ ଜଗନ୍ନାଥ ଅଭିନ୍ନ ସତ୍ତା ହୋଇଥିବାରୁ ଜଗନ୍ନାଥଙ୍କୁ ନାରାୟଣ ରୂପେ ଗ୍ରହଣ କରି ନେବାରେ ଶାସ୍ତ୍ରିୟ ଦ୍ୱନ୍ଦ ସୃଷ୍ଟି ହୁଏ ନାହିଁ । ନୀଳାଦ୍ରି ମହୋଦୟରେ ଜଗନ୍ନାଥଙ୍କୁ ନାରାୟଣ ରୂପେ ବର୍ଣ୍ଣନା କରାଯାଇ କୁହାଯାଇଛି - 'ଜଗନ୍ନାଥ ନମସ୍ତେଽସ୍ତୁ ଜଗତାଂ ପତୟେ ନମଃ, ନାରାୟଣ ଜଗଦ୍ଧାମ ଶ୍ୟାମ ସୁନ୍ଦର ରମ୍ୟପତେ ।' ବାମଦେବ ସଂହିତାରେ ଜଗନ୍ନାଥଙ୍କର ନାରାୟଣ ସ୍ୱରୂପ ସଂପର୍କରେ କୁହାଯାଇଛି - 'ଯୋଽୟଂ ନାରାୟଣେଶ କେବଃ ସତ୍ତିହଂ ନିଳ କନ୍ଦରଃ, ମାୟା ବିଚାର୍ଯ୍ୟଚିତେ ନାହଂ କରୋମି ଚ କରୋତି ସଃ ।।'

'ପୀର' ଶବ୍ଦର ଅର୍ଥ ମଧ୍ୟରେ ଜଗନ୍ନାଥଙ୍କର ରୂପକୁ ଚିନ୍ତା କରାଯାଏ । ଧର୍ମ ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦେଇ ଶ୍ରୀକୃଷ୍ଣ ରୂପି ଜଗନ୍ନାଥ ଗୀତାରେ କହିଛନ୍ତି 'ଯଦା ଯଦାହି ଧର୍ମସ୍ୟ... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭାବାମୀ ଯୁଗେ ଯୁଗେ । ନାରାୟେଣ ଏବଂ ଧର୍ମ ପ୍ରତିଷ୍ଠାତା ଭାବେ ଗୃହିତ ଜଗନ୍ନାଥ ସତ୍ୟନାରାୟଣ ଓ ସତ୍ୟପୀର ଭାବରେ ପ୍ରତିଭାତ ହୁଅନ୍ତି । ପାଲା ପୃଷ୍ଠ ଭୂମୀରେ ଇତିହାସ ଅନୁଧ୍ୟାନ କଲେ ସତ୍ୟପୀର, ନାରାୟଣ ବା ବିଷ୍ଣୁ ଏକ ଦେବତା ଭାବେ କାଳକ୍ରମେ ହିନ୍ଦୁ ମୁସଲମାନ ଉଭୟ ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ହେଲେ । ଜଗନ୍ନାଥ, ବିଷ୍ଣୁ ହୋଇଥିବାରୁ ସତ୍ୟନାରାୟଣ ପାଲାରେ କାମନା ପୁରାଣକାରୀ ଦେବତା ଭାବରେ ଗୃହୀତ ହେଲେ । କବି କର୍ଣ୍ଣ 'ମଦ୍ଦାରାହୀ' ଓ ଜନ୍ମ ପାଲାରେ ଜଗନ୍ନାଥଙ୍କ ଏବଂ ସତ୍ୟପୀର ଏକ ଦେବତା ବୋଲି ସତ୍ୟପୀରଙ୍କ ଦ୍ୱାରା ପ୍ରକାଶ କରିଛନ୍ତି । ଯଥା - ଆମି ସେହି ଦେବତା ଅଲେଖ ନିରାକାର ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ରସାତଳେ କରଣ ଆମାର ଜଗନ୍ନାଥ ରୂପେ ଆମି ଓଡ଼ିଶାତେ ଆଉ ହିନ୍ଦୁ ମୁସଲମାନ ସବୁ କରି ଏକାକାର ରାମ ରହିମାନ ଜାନ କୋରାଣ ପୁରାନେ ଦେଖିବ କେମନ ରୂପ ମାନେ କି ନମାନେ ଦାରିଆତେ ଦାରୁବ୍ରହ୍ମ ରୂପେତ ଭାସେନ ପଦ୍ମଫୁଲ ରୂପ ହଇଆ ସତ୍ୟନାରାୟଣ ବଉଧ ରୂପ ତେ ନୀଳାଚଳେ ବିଜେ କରି ପତିତ ପାବନ ରୂପେ ପତିତ ଉଦ୍ଧାରୀ ।

ନୃତ୍ୟ ନାରାୟଣ ପାଲାରେ ଗଣେ, ନାରାୟଣେ, ରୁଦ୍ରେ, ଅମ୍ବିକେ, ଭାସ୍କର, ପ୍ରଭୃତି ପଞ୍ଚଦେବତା ପୂଜା ସମ୍ପାଦିତ ହୋଇଥାଏ । ଏହି ଜଗନ୍ନାଥ ପଞ୍ଚଦେବତାଙ୍କର ସମ୍ମିଳିତ ବିଗ୍ରହ ଅଟନ୍ତି । ଜଗନ୍ନାଥଙ୍କୁ ଗଣେଶ ବୋଲି କହିବାର ଅଭିପ୍ରାୟ ଏହି ଯେ, ଜଗନ୍ନାଥ ସମସ୍ତ ଜ୍ଞାନର ଶ୍ରଷ୍ଟା ଅଟନ୍ତି । ଗଣେଶଙ୍କ ପରି ସେ ମଧ୍ୟ ଜ୍ଞାନଦାତା ଅଟନ୍ତି । ଏଣୁ ଭାଗବତ୍‌ରେ ଉଲ୍ଲେଖ ଅଛି - 'ତୁ ଯାକୁ ହୁଅଇ ସଦୟ, ଜ୍ଞାନ ତା ଉଦରୁ ଉଦର ।' ସ୍ନାନପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ଗଣେଶଙ୍କ ଭକ୍ତ ଗଣପତି ଭଟ୍ଟଙ୍କୁ ଶ୍ରୀଜଗନ୍ନାଥ ଗଜାନନ ବେଶରେ ଦର୍ଶନ ଦେଇ କୃତାର୍ଥ କରିଥିଲେ । ଦାଢ଼୍ୟତା ଭକ୍ତିରେ ଗଣପତି ଭଟ୍ଟଙ୍କର ଚିନ୍ତାଧାରା ବର୍ଣ୍ଣନା କରି ଭକ୍ତ ରାମଦାସ ଲେଖିଛନ୍ତି - 'ଦେଖିଲେ ପ୍ରଭୁ ଭଗବାନ ହୋଇ ଅଛନ୍ତି ଗଜାନନ, ଲମ୍ବି ଅଛନ୍ତି ଥୋର ହସ୍ତ ଶୋଭା ଦିଶଇ ଏକଦନ୍ତ, ଅଦ୍ଭୂତ ବିଶ୍ୱରୂପ ଧରି ଭୃତ୍ୟକୁ ଡାକୁଛନ୍ତି ହରି, ଏହା ଶୁଣିଣ ମହାଯଦି ବୋଲେ ନମସ୍ତେ ଗଣପତି' । ଗଣପତି ଭଟ୍ଟ ନିଜର ଭୁଲ ବୁଝିପାରି ଜଗନ୍ନାଥଙ୍କୁ ନମସ୍କାର କରି ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାରେ ଗଜାନନ ବେଶ ଧାରଣ କରିବା ନିମିତ୍ତ ପ୍ରାର୍ଥନା କରିଥିଲେ । ଭକ୍ତର ପ୍ରାର୍ଥନା ରକ୍ଷାକରି ପ୍ରତ୍ୟେକ ବର୍ଷ ସ୍ନାନବେଦିରେ ଶ୍ରୀଜଗନ୍ନାଥ ଶ୍ରୀଗଣେଶ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇ ନିଜର ଗଣେଶ ସ୍ୱରୂପ ପ୍ରମାଣ କରିଛନ୍ତି । ବିଷ୍ଣୁ ଶ୍ରୀଜଗନ୍ନାଥ ଓ ଶିବତତ୍ତ୍ୱ ଏକ ତଥା ଅଭିନ୍ନ ଅଟନ୍ତି । ଯେ ରୁଦ୍ର ସେ ସ୍ୱୟଂ ବିଷ୍ଣୁ । ଯେ ବିଷ୍ଣୁ ସେହି ପୁଣି ଶିବ ବା ରୁଦ୍ର । ପବନ ଆକାଶ ମଧ୍ୟରେ ଯେପରି ପ୍ରଭେଦ ନାହିଁ, ସେହିପରି ବିଷ୍ଣୁ ଓ ରୁଦ୍ରଙ୍କ ମଧ୍ୟରେ ପ୍ରଭେଦ ନାହିଁ । ବ୍ରହ୍ମ ପୁରାଣ ମତରେ - 'ଯୋ ରୁଦ୍ରଃ ସଃ ସ୍ୱୟଂବିଷ୍ଣୁଃ ସ ମହେଶ୍ୱରଃ, ଉଭୟୋ ରନ୍ତରଂ ନାସ୍ତି ପବନା କାଶୟୋରିବ' । ଜଗନ୍ନାଥ କେବଳ ଗଣେଶ, ନାରାୟଣ ଓ ରୁଦ୍ର ନୁହଁନ୍ତି, ଜଗନ୍ନାଥ ମଧ୍ୟ ଦୁର୍ଗା ଅଟନ୍ତି । ମହାନିର୍ବାଣ ତନ୍ତ୍ର ପ୍ରମାଣ କରେ - 'ତାରା ସାକ୍ଷାତ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ, ନିଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣ କାଳିକା' । ଏହା ବ୍ୟତୀତ ଜଗନ୍ନାଥଙ୍କୁ ଭାସ୍କର ଅର୍ଥାତ୍ ସୂର୍ଯ୍ୟ ରୂପେ ବିବେଚନା କରାଯାଇଛି । କାରଣ ଶ୍ରୀଜଗନ୍ନାଥଙ୍କର ଶ୍ରୀଅଙ୍ଗରେ ନବଗ୍ରହମାନଙ୍କର ଅବସ୍ଥାନ ପରିକଳ୍ପନା କରାଯାଇଛି ଏବଂ ଜଗନ୍ନାଥଙ୍କର ନେତ୍ରକୁ ସୂର୍ଯ୍ୟ ବା ଭାସ୍କର ରୂପେ ପରିକଳ୍ପିତ ହୋଇଛି । ଶାସ୍ତ୍ରରେ କୁହାଯାଇଛି - ଚନ୍ଦ୍ର, ସୂର୍ଯ୍ୟ ଯେ ବେନିନେତ୍ରେ, ମଙ୍ଗଳ ସ୍ଥିତି ନାଶା ଫୁଟେ । ଗୀତାରେ ନିଜର ସ୍ୱରୂପ ବ୍ୟକ୍ତକରି ଶ୍ରୀକୃଷ୍ଣ କହିଛନ୍ତି 'ଆଦିତ୍ୟାନା ମହଂ ବିଷ୍ଣୁ ଜ୍ୟୋତିଷାଂ ରବି ରଂଶୁମାନ, ମରାଚି ର୍ମରୁତା ମସ୍ମି ନକ୍ଷତ୍ରାଣାମହଂ ଶଶି' ୧୦/୨୧ ଏହି ଶ୍ଳୋକରୁ ପ୍ରତ୍ୟୟମାନ ହୁଏ ଯେ ଉଜ୍ଜ୍ୱଳ ବସ୍ତୁମାନଙ୍କ ମଧ୍ୟରେ କିରଣମୟ ସୂର୍ଯ୍ୟ ଅଟନ୍ତି । ଏହା ବ୍ୟତୀତ ଦୀନକୃଷ୍ଣ ଦାସଙ୍କ କରଚିତ ରସକଲ୍ଲୋଳର କାବ୍ୟରେ ବର୍ଣ୍ଣିତ ଅଛି - କମ୍ବୁକଣ୍ଠେ କଉସ୍ତୁଭ ମଣି ନାୟକ, କଳୁଷ ଅନ୍ଧାରକୁ ଦିନ ନାୟକ । ଏହି ପରି ଭାବେ ଶ୍ରୀଜଗନ୍ନାଥଙ୍କୁ ପଞ୍ଚଦେବତାଙ୍କର ସମ୍ମିଳିତ ରୂପ ଭାବେ ଚିନ୍ତା କରାଯାଇଛି ଏବଂ ଶାସ୍ତ୍ରରେ କୁହାଯାଇଛି 'ଜଗନ୍ନାଥଃ ସ୍ୱୟଂ ବିଷ୍ଣୁ ବଳଭଦ୍ରଃ ତ୍ରିଲୋଚନଃ, ଭଦ୍ରାଦେବୀ ପରା ସାକ୍ଷାତ ମାଧବୋ ଗଣଦୈବତଃ, ଚକ୍ରତେଜୋମୟଃ ସୂର୍ଯ୍ୟଃ ଯଞ୍ଚ ଦେବଂ ସ୍ମରାମ୍ୟହମ୍' । ଭକ୍ତ କବି ଜଗନ୍ନାଥ ଦାସଙ୍କ ଲିଖିତ ସତ୍ୟନାରାୟଣ ଭାଗବତ ପାଲା, ଜଗନ୍ନାଥଙ୍କର ସତ୍ୟନାରାୟଣ ସ୍ୱରୂପ ସ୍ପଷ୍ଟ ଭାବେ ପ୍ରମାଣିତ କରିଥାଏ । ଏହି ପାଲାରେ ଉଲ୍ଲେଖ ଅଛି - 'ନମଇଁ ଗୋବିନ୍ଦ ଚରଣ- ଅନାଦି ପ୍ରଭୁ ନାରାୟଣ, ଭକ୍ତ ନିମନ୍ତେ ଜନ୍ମପାଉ-ଧରନ୍ତି ନାନା ରୂପେ ଦେହି ଦୁଷ୍ଟ ନିବାରୀ ସନ୍ଥପାଳି-ଭକତ ବନ୍ଧୁ ବନମାଳୀ, ନିଜ ଭୁବନେ ଅବଧାନ-ହୋଇଲା କଳି ଆଗମନ, ବଉଧ ରୂପେ ନରହରି-ବିଜୟ କଲେ ନୀଳଗିରି, ସେ କାଳେ ସତ୍ୟନାରାୟଣ-ହୋଇଲେ ପ୍ରଭୁ ଭଗବାନ।'

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍) ଜୟପୁର
ଡିଭିଜନ, ଦୂରଭାଷ : ୯୪୩୭୨୫୬୭୧୨୩

# 'ଅମାବାସ୍ୟାର ଚନ୍ଦ୍ର'ର ସ୍ରଷ୍ଟା

॥ ବାଦଲ ଭୂୟାଁ ॥

ଯିଏ ପାପ ପୁଣ୍ୟକୁ ସମାଜର ତତ୍କାଳୀନ ମୂଲ୍ୟବୋଧରେ ବିଚାର ନକରି ମନୁଷ୍ୟତାର ନିକିତିରେ ତଉଲି ଯାଇଛି, ସେହିପରି ମହାନ ବ୍ୟକ୍ତିଙ୍କ ହାତରେ ମୋର ଏ କାଉନ୍‌କୁ ସମର୍ପି ଦେଉଛି' - ବାରିଷ୍ଟର ଗୋବିନ୍ଦ ଦାସ। ସର୍ବଭାରତୀୟ ଆଇନ ବୃତ୍ତି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିବା ସହ ଜଣେ ପ୍ରଥିତଯଶା ସାହିତ୍ୟ ସ୍ରଷ୍ଟା ଭାବେ ସୁପରିଚିତ ବାରିଷ୍ଟର ଗୋବିନ୍ଦ ଦାସ ତାଙ୍କ ବହୁ ଚର୍ଚ୍ଚିତ ଓ ପ୍ରଚୁର ପାଠକୀୟ ଆଦୃତି ପାଇଥିବା ଅମାବାସ୍ୟାର ଚନ୍ଦ୍ର ପୁସ୍ତକର ଆଦ୍ୟ କଥନରେ ନିଜେ ଏହାକୁ ଲେଖିଛନ୍ତି। ସୁପ୍ରିମକୋର୍ଟ ବାରରେ ସେ ଥିଲେ ପ୍ରଥମ ଓଡ଼ିଆ ଯିଏ କି ଓକିଲାତି ଜୀବନ ଆରମ୍ଭ କରିଥିଲେ।

ଜୀବନ କାଳରେ ସେ ଆଇନ ଜଗତରେ ଯେତିକି ପ୍ରସିଦ୍ଧ, ସାହିତ୍ୟ ଦୁନିଆରେ ସେତିକି ପରିଚିତ ଥିଲେ। ଅମାବାସ୍ୟାର ଚନ୍ଦ୍ର ତାଙ୍କର ସାହିତ୍ୟିକ ପ୍ରତିଭାର ସାର୍ଥକ ଅଭିବ୍ୟକ୍ତି। ୧୯୬୪ରେ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ୨୦୦୮ରେ ତାଙ୍କର ପରଲୋକ ବେଳକୁ ଏହାର ପଚିଶତମ ସଂସ୍କରଣ ବଜାରରେ ମିଳୁଥିଲା। ଆଲୋଚକ ଡ. ବାଉରୀବନ୍ଧୁ କରଙ୍କ ଭାଷାରେ 'ଉପନ୍ୟାସଟିର ଭଗବତୀ ଚରଣ ବର୍ମାଙ୍କ ଚିତ୍ରଲେଖା ସହ ଅଦ୍ଭୁତ ଭାବେ ମେଳ ଥିଲେ ସୁଦ୍ଧା ସେ ଏ ଉପନ୍ୟାସ ସକାଶେ ଅଗଣିତ ଓଡ଼ିଆ ପାଠକର ଶ୍ରଦ୍ଧାଭାଜନ ହୋଇଛନ୍ତି। ଏଥିରେ ସବୁଠାରୁ ଆକର୍ଷଣୀୟ ଚରିତ୍ର ହେଉଛି କାଉଲ।

କାଉଲର ଜୀବନବୃତ୍ତାନ୍ତ ମାଧ୍ୟମରେ ସାମ୍ପ୍ରତିକ ରାଜନୀତିକ ନେତାମାନଙ୍କ ଚରିତ୍ର ରୂପ ନେଇଛି। କାଉଏ ଜୁଆଡ଼ି, ଲମ୍ପଟ, ମଦ୍ୟପ, କିନ୍ତୁ ନେତା ହେବା ପରେ ସେ ପଣ୍ଡିତଜୀ ପ୍ରମୁଖଙ୍କ ମୁଖରେ ପ୍ରଶଂସିତ। ସାମ୍ପ୍ରତିକ ସମାଜରେ ଯେତେ ଅନୀତି, ଦୁର୍ନୀତି କଲେ ସୁଦ୍ଧା ନେତାଟିଏ ହୋଇପାରିଲେ ସବୁ ସମ୍ମାନ ଆପେ ଆପେ ଆସି ଅଜାଡ଼ି ହୋଇପଡ଼େ, ଏହାହିଁ ଏଥିରେ ସୂଚିତ। ଲାସ୍ଟ, ଭଗ୍ନାଂଶ, ସୂର୍ଯ୍ୟାସ୍ତ, ଦେଶେ ଦେଶେ। ଜାତକ, ମିଶ୍ର ରାଗ ଆଦି ତାଙ୍କର ଅନ୍ୟ ଶ୍ରେଷ୍ଠ କୃତି। ସାନ ଗୋଟିଏ ଜୀବନ ତାଙ୍କ ଆତ୍ମଚରିତ। ବାରିଷ୍ଟର ଦାସଙ୍କ ରଚନା ଶୈଳୀର ବିଶେଷତ୍ୱ, ବାକ୍ୟବିନ୍ୟାସ କୌଶଳ ଆଦି ତାଙ୍କ ଉପନ୍ୟାସଗୁଡ଼ିକୁ ସୁଖପାଠ୍ୟ କରିଛି। ଯୌବନରେ ସେ ସମାଜବାଦୀ ଆଦର୍ଶ ଓ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲେ। ସୋସିଆଲିଷ୍ଟ ଦଳରେ ଯୋଗ ଦେଇଥିଲେ। ଛାତ୍ର ଆନ୍ଦୋଳନରେ ବି ସାମିଲ ହୋଇଥିଲେ। ଜେଲ ଯାଇଥିଲେ। ସମାଜବାଦୀ ବ୍ୟକ୍ତିତ୍ୱ ଥିବାରୁ କିଛି କାଳ କୃଷକ ପତ୍ରିକା ସଂପାଦନ କରିଥିଲେ।

ବାପା ଚାହୁଁଥିଲେ, ସେ ଭାରତୀୟ ପ୍ରଶାସନ ସେବା ଅଧିକାରୀ ହୁଅନ୍ତୁ। ସୋସାଲିଷ୍ଟ ପାର୍ଟିର କର୍ମକର୍ତ୍ତା ଚାକିରି କଲେ, ଲୋକେ ହସିବେ। ତେଣୁ ବାପାଙ୍କ ପାଖରେ ସର୍ତ୍ତ ରଖିଲେ - ଆଇଏଏସ୍ ପରୀକ୍ଷା ଦେଇ ସଫଳ ହେବେ। କିନ୍ତୁ ଚାକିରି କରିବେନାହିଁ। ସେ ଆଇଏଏସ୍ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାକ୍ଷାତକାର ଦେବାକୁ ଯାଇନଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ସାରି ଲଣ୍ଡନ ଯାଇଥିଲେ। ପ୍ରସିଦ୍ଧ ଲିଙ୍କନସ୍ ଇନ୍‌ରୁ ବାରଆଟ ଲ ଡିଗ୍ରୀ ଲାଭ କରି, ୧୯୫୩ ମସିହାରେ ଓଡ଼ିଶା ହାଇକୋର୍ଟ ବାରରେ ଆଇନଜୀବୀ ଜୀବନ ଆରମ୍ଭ କରିଥିଲେ। ୧୯୮୦ ଓ ୧୯୯୮ରେ ରାଜ୍ୟର ଆଡ୍‌ଭୋକେଟ ଜେନରଲ ହୋଇଥିଲେ। ବ୍ୟକ୍ତିଗତ ଜୀବନରେ ଥିଲେ ଶୃଙ୍ଖଳିତ ଓ ଶାନ୍ତ ସ୍ୱଭାବର। ୧୯୩୦ ଜୁନ ୩୦ ତାରିଖ ଦିନରେ ଯାଜପୁର ଅନ୍ତର୍ଗତ କଲ୍ୟାଣପୁରର ତିସାଣିଆ ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

## ଯୁବକଙ୍କୁ ଗଛରେ ବାନ୍ଧି ଉତ୍ତମ ମଧ୍ୟମ ଦେଲେ ଗ୍ରାମବାସୀ

କପ୍ତିପଦା, (ମହାଭାରତ) : ରାତିରେ ଗ୍ରାମରେ ପଶି ଯୁବତୀଙ୍କୁ ଦୁର୍ବ୍ୟବହାର ଉଦ୍ୟମ କରିବା ପଡିଲା ମହଙ୍ଗା। ଯୁବକଙ୍କୁ ଗଛରେ ବାନ୍ଧି ଗ୍ରାମବାସୀ ଦେଲେ ଉତ୍ତମ ମଧ୍ୟମ। ଉଦଳା ଥାନା ପାଟଣାଣିପୁର ପଞ୍ଚାୟତ ବରହମପୁର ଗ୍ରାମରେ ଘଟିଛି ଏଭଳି ଘଟଣା। ବାରିପଦା ଅଞ୍ଚଳର ଦୁଇ ଜଣ ଯୁବକ ରାତିରେ ବରହମପୁର ଗ୍ରାମରେ ପଶିଥିଲେ। ଏହି ସମୟରେ ଗ୍ରାମରେ ଏକ ଆଦିବାସୀ ପରିବାରରେ କାର୍ଯ୍ୟକ୍ରମ ଚାଲିଥିଲା। ସେଠାରେ ପହଞ୍ଚି ଦୁଇ ଜଣ ଯୁବତୀଙ୍କୁ ଦୁର୍ବ୍ୟବହାର କରିବାକୁ ଉଦ୍ୟମ କରିବା ସହିତ ଯୁବତୀଙ୍କୁ ହଇରାଣ କରିଥିଲେ। ଯାହାକୁ ନେଇ ତାତିଥିଲେ ଉପସ୍ଥିତ ଲୋକେ। ଦୁଇ ଯୁବକଙ୍କୁ କାବୁ କରିବାକୁ ଚେଷ୍ଟା କରିଥିବା ବେଳେ ଜଣେ ଫେରାର ହୋଇଯାଇଥିଲା। ଅନ୍ୟ ଜଣେ ଯୁବକଙ୍କୁ ଗ୍ରାମବାସୀ କାବୁ କରି ଦଉଡିରେ ଗଛରେ ବାନ୍ଧିଥିଲେ ଏବଂ ମାଡ଼ ମଧ ମାରିଥିଲେ। ଖବର ପାଇ ଦୀର୍ଘ ସମୟ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବନ୍ଧା ଯାଇଥିବା ଯୁବକଙ୍କୁ ଉଦ୍ଧାର କରିଥିଲା। ଯୁବକ ଜଣଙ୍କ ନିଜ ସ୍ତ୍ରୀ କୁ ଖୋଜି ଖୋଜି ଭୁଲରେ ଆସି ଗ୍ରାମରେ ପଶିଥିଲା ବୋଲି ପୋଲିସ କହୁଛି।

## ଗାଧୋଇବାକୁ ଯାଇ ବୁଡିଗଲେ ନାବାଳକ

କପ୍ତିପଦା, (ମହାଭାରତ) : ସାଙ୍ଗ ମାନଙ୍କ ସହିତ ଗାଧୋଇବାକୁ ନଦୀକୁ ଯାଇଥିଲେ। ହେଲେ ନଦୀରେ ବୁଡି ଚାଲିଗଲା ନାବାଳକଙ୍କ ଜୀବନ। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା କୁଆଗୋଠଣା ଧୁଡାସାହି ଗ୍ରାମରେ। ଗ୍ରାମର ବଳରାମ ହେମ୍ବ୍ରମଙ୍କ ୧୨ ବର୍ଷ ର ନାବାଳକ ସୁନାରାମ ହେମ୍ବ୍ରମ ସାଙ୍ଗ ମାନଙ୍କ ସହିତ ଘର ନିକଟରେ ପ୍ରବାହିତ କାଳ ନଦୀ କୁ ଗାଧୋଇବାକୁ ଯାଇଥିଲେ। ସାଙ୍ଗ ମାନେ ଗାଧୋଇ ସାରି ଘରକୁ ଫେରି ଆସିଥିବା ବେଳେ ସୁନାରାମ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ନଦୀରେ ସେ ବୁଡି ଯାଇଥିବା ଜାଣିବାକୁ ପାଇଥିଲେ। ନଦୀରୁ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଚିକିତ୍ସା ନିମନ୍ତେ କପ୍ତିପଦା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଗାଧୋଇବା ସମୟରେ ପାଣିରେ ଗୋଡ଼ ଖସି ଯାଇ ସେ ବୁଡି ଯାଇଥିବା ଅନୁମାନ କରାଯାଉଛି। ଖବର ପାଇ କପ୍ତିପଦା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଯୁବକଙ୍କ ଜଳାପୋଡ଼ା ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

ଗଣିଆ, (ମହାଭାରତ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ବାଲିସାହି ନିକଟସ୍ଥ ଏରୁଣ୍ଡିପଥର ରାସ୍ତା କଡ଼ରୁ ଜଣେ ଯୁବକଙ୍କ ଜଳାପୋଡ଼ା ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ଖେଳିଯାଇଛି। ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ କେହି ଦୁର୍ବୃତ୍ତ ଯୁବକଙ୍କୁ ହତ୍ୟା କରି ପୋଡ଼ି ଦେଇଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ବାଲିସାହି ନିକଟ ଏକ ନିଛାଟିଆ ସ୍ଥାନରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଶରୀରର ଅଧିକାଂଶ ଭାଗ ପୋଡ଼ି ଯାଇଥିବାରୁ ପ୍ରଥମେ ମୃତକଙ୍କ ପରିଚୟ ମିଳିବା କଷ୍ଟକର ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଗଣିଆ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ତେବେ ସନ୍ଧ୍ୟା ସମୟରେ ମୃତ ଯୁବକଙ୍କ ମା' ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଛନ୍ତି। ମୃତ ଯୁବକ ଜଣକ ଖଣ୍ଡପଡ଼ା ବ୍ଲକ କନ୍ଧମିରିଗି ଗ୍ରାମର ବୋଲି ଜଣାପଡ଼ିଛି। ପରିଚୟ ମିଳିବା ପରେ ପୋଲିସ ଏହି ଦିଗରେ ନିଜର ତଦନ୍ତ ପ୍ରକ୍ରିୟାକୁ ଆହୁରି ଜୋରଦାର କରିଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଉଛି। ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରାଯାଇଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ନା ଆତ୍ମହତ୍ୟା, ତାହା ସାଇଣ୍ଟିଫିକ୍ ରିପୋର୍ଟ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ହତ୍ୟାକାଣ୍ଡର କାରଣ ଏବଂ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି ସଠିକ୍ ସୂଚନା ମିଳିପାରି ନାହିଁ।

## ଏନଏଲସି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଆମ୍ବୁଲାନ୍ସ ପ୍ରଦାନ




ସମ୍ବଲପୁର, (ଅଟଳ ବିହାରି ପଣ୍ଡା) : ଏନଏଲସି ଇଣ୍ଡିଆ ଲିମିଟେଡ୍ ତାଲାବିରା ଏବଂ ଓସିପି ଓଡିଶା ଏହାର ସିଏସଆର ପଦକ୍ଷେପ ଅଧୀନରେ ୧୧ ମଇ ୨୦୨୬ ରେ ସମ୍ବଲପୁର ଜିଲ୍ଲା ପ୍ରଶାସନକୁ ଗୋଟିଏ ମୌଳିକ ଜୀବନ ସହାୟକ ଆମ୍ବୁଲାନ୍ସ ପ୍ରଦାନ କରିଛି, ଯାହା ସ୍ଥାନୀୟ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଛି। ସମ୍ବଲପୁରରେ ଆୟୋଜିତ ଏକ ଆନୁଷ୍ଠାନିକ ଉତ୍ସବରେ ଧର୍ମେନ୍ଦ୍ର ପ୍ରଧାନ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରୀ, ପଞ୍ଚାୟତିରାଜ, ପାନୀୟ ଜଳ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏବଂ ଜଗଦୀଶ ଚନ୍ଦ୍ର ମଜୁମଦାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ପ୍ରକଳ୍ପ ମୁଖ୍ୟ, ତାଲାବିରା ଏବଂ ଓସିପି, ଏନଏଲସି ଇଣ୍ଡିଆ ଲିମିଟେଡଙ୍କ ଦ୍ୱାରା ଆମ୍ବୁଲାନ୍ସକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଧାୟକ ଜୟନାରାୟଣ ମିଶ୍ର ଏନଏଲସି ଇଣ୍ଡିଆ ଲିମିଟେଡର ଏହି ଅଞ୍ଚଳରେ ନିରନ୍ତର ଏବଂ ଅର୍ଥପୂର୍ଣ୍ଣ ସମ୍ପ୍ରଦାୟ ବିକାଶ କାର୍ଯ୍ୟକଳାପ ପାଇଁ ପ୍ରଶଂସା କରିଥିଲେ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଗଠନ ଦ୍ୱାରା ସୃଷ୍ଟି ହୋଇଥିବା ସକାରାତ୍ମକ ପ୍ରଭାବକୁ ସ୍ୱୀକାର କରିଥିଲେ।

## ବଣୁଆ ହାତୀ ଲାଞ୍ଜ ଧରିବା ସହ ପିଟିବା ଘଟଣାରେ ଯୁବକ ଗିରଫ

ପାଟଣା, (ମହାଭାରତ): କିଛି ଦିନ ତଳେ ତା ୪ ମେ ରିଖ ବଣୁଆ ହାତୀ ମାନ ଙ୍କୁ ମଲ୍ଲିପଶି ବିଟ୍ ଅନ୍ତର୍ଗତ ଯୋଡ଼ାଟାଙ୍ଗର ଭାଲୁଘର ସାହିରେ ହାତୀଙ୍କୁ ଦେଖଣାକାରୀ ସାଜିଥିବା ଯୁବକ ଠେଙ୍ଗା,ଲାଞ୍ଜ ରେ ଧରିବା ଭଳି ପିଟିବା,ଡ୍ରୋନ ସାହାଯ୍ୟରେ ବଣୁଆ ହାତୀ ପଲଙ୍କ ଭିଡିଓ ଉତ୍ତୋଳନ କରି ସାମାଜିକ ଗଣ ମାଧ୍ୟମରେ ପ୍ରକାଶ କରିବା ଭଳି ଅପରାଧ ଆଇନକୁ ହାତରେ ନେବା ବନ୍ୟପ୍ରାଣୀ ସୁରକ୍ଷା ଆଇନ ହର ଧାରା ୯ କିମ୍ବା ୫୨ କୁ ଉଲଂଘନ କରିବା ଅପରାଧ ରେ ଆଉ ଜଣେ ଙ୍କୁ ପାଟଣା ବନ ବିଭାଗ ଗିରଫ କରି ଛି। ଗିରଫ ଯୁବକ ଜଣକ ତୋରାଣି ପୋଖରୀ ଗ୍ରାମ ର ଯାଦବ ମହାନ୍ତଙ୍କ ପୁଅ ଶିବଶଙ୍କର ମହାନ୍ତ ବୋଲି ଜଣା ପଡ଼ିଛି। ଏହି ଯୁବକକୁ ବନବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି।

# ଚୋରା ମାଙ୍କଡ଼ା ପଥର ଚାଲାଣକୁ ବିରୋଧ କରିବାରୁ ଯୁବକଙ୍କୁ ନିର୍ମମ ହତ୍ୟା ପୋଲିସର ଅବହେଳା ପାଇଁ ଓଡ଼ଗାଁରେ ଗଡିଲା ମୁଣ୍ଡ

ନୟାଗଡ, ( ମହାଭାରତ ) : ନୟାଗଡ଼େର ଚାଞ୍ଚଲ୍ୟ। ପଥର ମାଫିଆଙ୍କ ଆକ୍ରମଣରେ ଘଟିଛି ଜଘନ୍ୟ ହତ୍ୟା କାଣ୍ଡ। ଓଡ଼ଗାଁ ଥାନା ଅଞ୍ଚଳରେ ଚୋରା ମାଙ୍କଡ଼ା ପଥର ଖଣି କୁ ବିରୋଧ କରିବାରୁ ଗଡ଼ିଲା ଯୁବକଙ୍କ ମୁଣ୍ଡ। ଅଭିଯୋଗ ଅନୁଯାୟୀ ଓଡ଼ଗାଁ ଥାନା ଅଞ୍ଚଳ ରେ ବିଭିନ୍ନ ସ୍ଥାନ ରେ ଚୋରା ମାଙ୍କଡ଼ା ପଥର ଖଣି ଚାଲି ଥିବା ବେଳେ ଏହାକୁ ସ୍ଥାନୀୟ ଲୋକ ମାନେ ବିରୋଧ କରି ଆସୁଥିଲେ। କଦଳୀ ବନ୍ଧ ଠାରେ ମାଙ୍କଡ଼ା ପଥର ବୋଝେଇ ଗାଡ଼ି କୁ ଅଟକାଇ ପିସିଆର୍ ପୋଲିସ କୁ ଖବର ଦେଇଥିଲେ ମଧ ପୋଲିସ ଘଟଣାସ୍ଥଳକୁ ଆସି ନଥିଲା। ପରେ ଖଣି ମାଫିଆ ମାନେ ଜାଣିବାକୁ ପାଇଥିଲେ କି ତାଙ୍କ ଚୋରା ମାଙ୍କଡା ପଥର ଗାଡି କୁ ନେଇ



ଅଭିଯୋଗ ହେଉଛି। ମାଫିଆ ମାନେ ଏକ ଗାଡ଼ିରେ ଆସି ଅଭିଯୋଗ କରିଥିବା ଓଡ଼ଗାଁ ର ଦୁଇ ଜଣ ଯୁବକ ସନ୍ତୋଷ ପ୍ରଧାନ ଏବଂ ଅଜିତ ସାହୁ ଙ୍କୁ ଆକ୍ରମଣ କରିଥିବା ବେଳେ, ଘଟଣା ସ୍ଥଳରୁ ନିଜ ଜୀବନ ବଞ୍ଚାଇବାକୁ ଯାଇ ସନ୍ତୋଷ ଖସି ଯାଇଥିଲେ। କିନ୍ତୁ ଓଡ଼ଗାଁ ଖେଳ ପଡିଆ ସାହି ର ଅଜିତ ସାହୁ ଙ୍କୁ ମାଫିଆ ମାନେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଦୃର୍ବୁତ୍ତ ଙ୍କ ମାରଣାସ୍ତ୍ର ରେ ଅଜିତ ଙ୍କ ଗୋଟିଏ ହାତ ସମ୍ପୂର୍ଣ୍ଣ କାଟି ଦେଇଥିବା ବେଳେ, ଡାହାଣ ହାତ ର ପାପୁଲି ଠାରୁ କାଟି ଦେଇଛନ୍ତି। ଏଥି ସହ ଶରୀର ର ଅନେକ ସ୍ଥାନ ରେ କ୍ଷତ ଚିହ୍ନ ମଧ ରହିଛି। ଘଟଣାସ୍ଥଳରେ ହିଁ ଅଜିତ ଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଓଡ଼ଗାଁ ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳ ରେ ପହଞ୍ଚି ଅଜିତ ଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣା ତଦନ୍ତ ତଦନ୍ତ କରିଛନ୍ତି। ସେପଟେ ଘଟଣାସ୍ଥଳରେ ପହଞ୍ଚିଥିଲେ ସେଣ୍ଟ୍ରାଲ ରେଞ୍ଜ ଆଇଜି ସତ୍ୟଜିତ୍ ନାୟକ। ନୟାଗଡ ଏସ୍ପି ଏବଂ ଅତିରିକ୍ତ ଏସ୍ପି ଙ୍କ ସହ ଓଡ଼ଗାଁ ପୋଲିସ କୁ ସାଙ୍ଗରେ ଧରି ଘଟଣାସ୍ଥଳରେ ପହଞ୍ଚିତଦନ୍ତ ଆରମ୍ଭ କରିଛନ୍ତି ସେଣ୍ଟ୍ରାଲ ରେଞ୍ଜ ଆଇଜି ସତ୍ୟଜିତ୍ ନାୟକ। କେମିତି ଏବଂ କେଉଁ ଅବସ୍ଥାରେ ଅଜିତ ଙ୍କୁ ଦୃର୍ବୁତ୍ତ ମାନେ ହତ୍ୟା କଲେ ତାକୁ ନେଇ କରୁଛନ୍ତି ଛାନଭିନ। କେଉଁ ମାଙ୍କଡ଼ ଖଣିର ସେ ଦୃର୍ବୁତ୍ତ ମାନେ ତାକୁ ନେଇ ଛାନଭିନ କରିଛନ୍ତି ସେଣ୍ଟ୍ରାଲ ରେଞ୍ଜ ଆଇଜି ସତ୍ୟଜିତ୍ ନାୟକ। ଗ୍ରାଉଣ୍ଡ ରେ ପହଞ୍ଚି ଅଜିତ ଙ୍କୁ ହତ୍ୟା କରିଥିବା ସ୍ଥାନ, ମାଙ୍କଡା ପଥର ଖାଲି ହୋଇଥିବା ସ୍ଥାନ କୁ ତନ ତନ କରି ବୁଲି ଦେଖିବା ସହ ବିଭିନ୍ନ ଦିଗରୁ ତଦନ୍ତ କରିଛନ୍ତି ଆଇଜି ସତ୍ୟଜିତ୍ ନାୟକ। ସେପଟେ ଓଡ଼ଗାଁ ଥାନା ପୋଲିସ ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅନ୍ୟ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ପୋଲିସ ର ସ୍ୱତନ୍ତ୍ର ଟିମ୍ ଗଠନ ହେବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସେପଟେ ଏହି ଘଟଣାକୁ ନେଇ ବିବାଦ ରେ ଥିବା ଓଡ଼ଗାଁ ଥାନା ର ଏଏସ୍ଆଇ ନିରଞ୍ଜନ ଦେହୁରୀ ଙ୍କୁ ଜିଲ୍ଲା ପୋଲିସ କାର୍ଯ୍ୟାଳୟ କୁ ବଦଳି କରାଯାଇଛି।

## ଲୋକଙ୍କୁ ଆଘାତ କରି ଆତଙ୍କ ସୃଷ୍ଟି କରୁଥିବା ମାଙ୍କଡକୁ କାବୁ କଲା ବନ ବିଭାଗ

ବାରଙ୍ଗ, (ମହାଭାରତ) : ଫୁଲନଖରା ଉପଖଣ୍ଡ ଅନ୍ତର୍ଗତ ଗଙ୍ଗେଶ୍ୱରଗଡ ବିଟ ଅଧୀନରେ ଥିବା କୁରାଙ୍ଗ ପ୍ରଧାନ ପଞ୍ଚାୟତର କୁରୁଣ୍ଡି ଗ୍ରାମରେ ବହୁଦିନ ଧରି ଲୋକଙ୍କୁ ଆକ୍ରମଣ କରୁଥିବା ଏକ ମାଙ୍କଡ ଆତଙ୍କ ସୃଷ୍ଟି କରିଆସୁଥିଲା। ଏହି ମାଙ୍କଡ ଗ୍ରାମର ବିଭିନ୍ନ ସ୍ଥାନରେ ବୁଲିବା ସହ ଲୋକଙ୍କ ଘର ଭିତରେ ପଶି ବହୁ ଜିନିଷ ନଷ୍ଟ କରୁଥିବା ଦେଖା ଦେଇଥିଲା। ଗାଡ଼ିରେ ଯାତାୟାତ କରୁଥିବା ଲୋକଙ୍କୁ,ଛୋଟ ଛୋଟ ପିଲା, ମହିଳା ଓ ବୃଦ୍ଧମାନଙ୍କୁ ଆକ୍ରମଣ କରୁଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଜୀବନଯାପନ କରୁଥିଲେ। ବିଶେଷକରି ଘର ଛାତ ଉପରେ ଲୁଗା ଶୁଖାଇବା, ବାହାରେ ଯିବା କିମ୍ବା ଛୋଟ ପିଲାମାନଙ୍କୁ ଖେଳିବାକୁ ପଠାଇବା ମଧ କଷ୍ଟକର ହୋଇପଡ଼ିଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ, ଗତ କିଛି ମାସ ମଧ୍ୟରେ ଅନେକ ଲୋକ ଏହି ମାଙ୍କଡ ଆକ୍ରମଣରେ ଆହତ ହୋଇଥିଲେ। କେତେକ ଲୋକଙ୍କୁ



ଚିକିତ୍ସା ପାଇଁ ମେଡିକାଲକୁ ଯିବାକୁ ମଧ ପଡ଼ିଥିଲା। ଏନେଇ ବନ ବିଭାଗକୁ ଲିଖିତ ଓ ମୌଖିକ ଭାବେ ଅଭିଯୋଗ କରାଯାଇଥିଲେ ମଧ ମାଙ୍କଡଟିକୁ ଧରିବାରେ ବିଳମ୍ବ ହୋଇଥିଲା। ଗତକାଲି ବନ ବିଭାଗର ଏକ ଟିମ୍ କୁରୁଣ୍ଡି ଗ୍ରାମରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ମାଙ୍କଡଟିକୁ କାବୁ କରିବାକୁ ଅଭିଯାନ ଆରମ୍ଭ କରିଥିଲେ। ଦୀର୍ଘ ସମୟର ଚେଷ୍ଟା ପରେ ମାଙ୍କଡଟିକୁ ସୁରକ୍ଷିତ ଭାବେ ଧରାଯାଇଥିଲା। ଏହାପରେ ଗ୍ରାମବାସୀ ଆଶ୍ୱସ୍ତ ହେବା ସହ ବନ ବିଭାଗ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଗ୍ରାମବାସୀଙ୍କ ମତରେ, ବିଳମ୍ବରେ ହେଲେ ମଧ ବନ ବିଭାଗର ଏହି ପଦକ୍ଷେପ ଗ୍ରାମରେ ପୁଣିଥରେ ସୁରକ୍ଷା ଓ ଶାନ୍ତିର ପରିବେଶ ଫେରାଇ ଆଣିଛି। ସେମାନେ ଆଗାମୀ ଦିନରେ ଏଭଳି ଘଟଣା ଉପରେ ବନ ବିଭାଗ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ମାଥିଲିର ଧୁଙ୍ଗିଆପୁଟରେ ମୁଖ୍ୟ ଶିବିର ସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ମାଲକାନଗିରି, (ମହାଭାରତ) : ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲାର ସମସ୍ତ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶିବିରଟି ମାଥିଲି ବ୍ଲକର ଧୁଙ୍ଗିଆପୁଟ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଡୋଲାମଣି ପ୍ରଧାନ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସେନାପତି ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ।ମାଥିଲି ବ୍ଲକ ବ୍ୟତୀତ ଜିଲ୍ଲାର ଅନ୍ୟ ବ୍ଲକଗୁଡ଼ିକରେ ମଧ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କାଳିମେଳା ବ୍ଲକର ବାଡିଗେଟା, ମାଲକାନଗିରି ବ୍ଲକର ଝାରପାଲି, ଚିତ୍ରକୋଣ୍ଡା ବ୍ଲକର ବଡ଼ପଡ଼ା, ଖଇରପୁଟ ବ୍ଲକର ଗୋବିନ୍ଦପାଲି, କୋରୁକୋଣ୍ଡା ବ୍ଲକର ମାରିୱାଡ଼ା ଏବଂ ପୋଡ଼ିଆ ବ୍ଲକର ବାପନପାଲି ପଞ୍ଚାୟତରେ ଅଭିଯୋଗ ଶୁଣାଣି କରାଯାଇଥିଲା। ଏହି ଅବସରରେ ମୋଟ ୫୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ଏବଂ ୩୫ଟି ଗ୍ରାମ ଭିତ୍ତିକ ସାମୂହିକ ସମସ୍ୟା ରହିଥିଲା।ଶିବିର ପରିସରରେ ବିଭିନ୍ନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସହାୟତା କ୍ୟାମ୍ପ ଆୟୋଜିତ ହୋଇଥିଲା। ମାଥିଲି ବିଡିଓ ପ୍ରମୋଦ ବେହେରା ଏବଂ ସହକାରୀ ଜିଲ୍ଲାପାଳ ପ୍ରୀତମ ଦେବତା ସମଗ୍ର କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଓ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ।

## ଶିଳ୍ପ ଓ ଭିତ୍ତିଭୂମି ସମୀକ୍ଷା ପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପ୍ରତିନିଧି ଦଳର ପାରାଦୀପ ବନ୍ଦର ପରିଦର୍ଶନ



ପାରାଦୀପ, (ମହାଭାରତ) : ଭାରତ ସରକାରଙ୍କ ଶିଳ୍ପ ଅଂଶୀଦାରମାନଙ୍କ ସହିତ ସିଧାସଳଖ ଜଡିତ ହେବା ଏବଂ କ୍ଷେତ୍ରୀୟ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିବା ପାଇଁ କେନ୍ଦ୍ର ସରକାରଙ୍କ କ୍ଷେତ୍ର ପ୍ରସାର କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳର ଯୁଗ୍ମ ସଚିବ ସୁଶ୍ରୀ ଜୁହି ମୁଖାର୍ଜୀଙ୍କ ନେତୃତ୍ୱରେ ସୋମବାର ଦିନ ପାରାଦୀପ ବନ୍ଦର ପ୍ରାଧିକରଣ ପରିଦର୍ଶନ କରିଥିଲେ। ପ୍ରତିନିଧି ଦଳ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ପରିଦର୍ଶନ କରିଥିଲେ ଏବଂ ବନ୍ଦର ଭିତ୍ତିଭୂମି, ଲଜିଷ୍ଟିକ୍ସ, ବାଣିଜ୍ୟ ସୁବିଧା, ଶିଳ୍ପ ଅଭିବୃଦ୍ଧି, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ସହିତ ଜଡିତ ପ୍ରମୁଖ ପ୍ରସଙ୍ଗ ଉପରେ ବନ୍ଦରର ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନା, ଉପାଧ୍ୟକ୍ଷ ଟି.ଭେନୁ ଗୋପାଳ, ଟ୍ରାଫିକ ପରାମର୍ଶଦାତା ଏ.କେ.ବୋଷ, ବିଭାଗୀୟ ମୁଖ୍ୟ ଏବଂ ବନ୍ଦରର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତିନିଧିମଣ୍ଡଳକୁ ସ୍ୱାଗତ କରିଥିଲେ। ଆଲୋଚନା ସମୟରେ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଭାରତର ସାମୁଦ୍ରିକ ବାଣିଜ୍ୟ ଇକୋସିଷ୍ଟମରେ ବନ୍ଦରର ରଣନୈତିକ ଗୁରୁତ୍ୱ ଏବଂ ପ୍ରମୁଖ କାର୍ଗୋ ପରିମାଣ ପରିଚାଳନା, ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ ଏବଂ ପୂର୍ବ ଉପକୂଳର ଲଜିଷ୍ଟିକ୍ସ ନେଟୱାର୍କକୁ ସୁଦୃଢ଼ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରିଥିଲେ। ଆଲୋଚନାରେ ଭିତ୍ତିଭୂମି ବିକାଶ ପଦକ୍ଷେପ, ବହୁମୁଖୀ ସଂଯୋଗୀକରଣ, ଯାନ୍ତ୍ରିକୀକରଣ, କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜ ଏବଂ ବନ୍ଦରରେ ଦକ୍ଷତା ଏବଂ ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରିବା ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପ୍ରତିନିଧିମଣ୍ଡଳୀ ର ଗସ୍ତ ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ଅଂଶୀଦାରମାନଙ୍କ ମଧ୍ୟରେ ଗଠନମୂଳକ ଆଲୋଚନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା, ଯାହା ସାମୁଦ୍ରିକ ଏବଂ ଶିଳ୍ପ କ୍ଷେତ୍ରର ଭୂମିଗତ ବାସ୍ତବତା ଏବଂ ଭବିଷ୍ୟତର ଆବଶ୍ୟକତାକୁ ଭଲ ଭାବରେ ବୁଝିବାରେ ସକ୍ଷମ କରିଥିଲା। ପାରାଦୀପ ବନ୍ଦର ପ୍ରାଧିକରଣ ବିଶ୍ୱସ୍ତରୀୟ ବନ୍ଦର ଭିତ୍ତିଭୂମି, ଦକ୍ଷ ପଣ୍ୟ ପରିଚାଳନା ଏବଂ ସ୍ଥାୟୀ ବିକାଶ ପଦକ୍ଷେପ ମାଧ୍ୟମରେ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ପ୍ରତି ତାହାର ପ୍ରତିବଦ୍ଧତାକୁ ପୁନଃଦୋହରାଇଛନ୍ତି।

## କାଙ୍ଗାରୁ କୋର୍ଟରେ ଦଳିତ ପରିବାରକୁ ନିର୍ଯ୍ୟାତନା : ୧୦ ମାସ ହେଲା ଏକଘରିଆ ଗାଁରେ ନିଆଁ ପାଣି ସହ ଦୋକାନରୁ ସଉଦା କିଣିବା ପାଇଁ ଲାଗିଛି ରୋକ୍

ନୟାଗଡ, ( ମହାଭାରତ ) : ଗାଁ ରେ ଗାଁ ମୁଖିଆଙ୍କ ନିର୍ଦ୍ଦେଶ ନ ମାନିବା ରୁ କଙ୍ଗାରୁ କୋର୍ଟ କରି ଦଳିତ ପରିବାରକୁ ନିର୍ଯ୍ୟାତନା। ଏଭଳି ଅଭିଯୋଗ ଆସିଛି ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବୋରଗାଁ ରୁ। ଗାଁ ଲୋକଙ୍କ କଥା ନ ମାନିବାରୁ ମନୋଜ କୁମାର ଦଳେଇଙ୍କ ପରିବାର କୁ କଙ୍ଗାରୁ କୋର୍ଟ କରି ୧୦ ମାସ ହେଲା ଏକଘରିଆ କରାଯାଇଛି। ଗାଁରେ ନିଆଁ ପାଣି ଦୋକାନ ରୁ ସଉଦା କିଣିବା ପାଇଁ ବାଛନ୍ଦ କରାଯାଇଛି। ଏପରିକି ଗାଁର କୌଣସି ଲୋକଙ୍କ ମନୋଜଙ୍କ ପରିବାର ସହ କଥା ହେଉନାହାନ୍ତି। କଥା ହେଲେ ୫ ହଜାର ଟଙ୍କା ଜୋରିମାନା କରାଯାଇଛି। ଗାଁ ମୁଖିଆଙ୍କ ନିର୍ଦ୍ଦେଶରେ ମନୋଜଙ୍କ ଘର ଆଗରେ ତାର ବାଡ଼ ବୁଲାଇ ଅବରୋଧ କରାଯାଇଛି। ଗାଁରେ ଏଭଳି କଙ୍ଗାରୁ କୋର୍ଟ କରି ତାଙ୍କ ପରିବାର ଲୋକଙ୍କୁ



ନିର୍ଯ୍ୟାତନା ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରିବାରୁ ତାଙ୍କ ପରିବାର ଲୋକଙ୍କୁ ଗାଁର କିଛି ଅସାମାଜିକ ଯୁବକ ଅଶ୍ଳୀଳ ଭାଷାରେ ଗାଳି କରୁଥିବା ସେ ଅଭିଯୋଗ କରିଛନ୍ତି। ମନୋଜଙ୍କ ଅଭିଯୋଗ ହେଲା ସେ ଗାଁ ନିକଟରେ କୁକୁଡ଼ା ଫାର୍ମ ପାଇଁ ଘର କରିବାରୁ ଏହାକୁ ଗାଁର କିଛି ଲୋକ ବିରୋଧ କରିଛନ୍ତି। ସେଠାକୁ ବିଦ୍ୟୁତ ସଂଯୋଗ କରିବାରୁ ଏଥି ପାଇଁ ଗାଁ ସଭାରେ ତାଙ୍କୁ ୭ ଶହ ଟଙ୍କା ଜୋରିମାନା ଦେବାକୁ ପଡିଛି। ଏହା ପରେ ମଧ ଗାଁ ମୁଖିଆଙ୍କ କଥାରେ କଙ୍ଗାରୁ କୋର୍ଟ କରି ତାଙ୍କ କୁକୁଡ଼ା ଫାର୍ମ ହାଉସକୁ ବନ୍ଦ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କୁକୁଡ଼ା ଫାର୍ମ ପାଇଁ ଅନୁମତି ମିଳିଥିବା ବେଳେ ଗାଁ ଲୋକ କିନ୍ତୁ ଏହାକୁ ବିରୋଧ କରୁଛନ୍ତି। ନ୍ୟାୟ ପାଇଁ ଫତେଗଡ଼ ଥାନା ରୁ ଆରମ୍ଭ କରି ଖଣ୍ଡପଡା ଏସଡିପିଓ, ନୟାଗଡ଼ ଏସ୍ପି, ଜିଲାପାଳ, ଆଇଜି ଏବଂ ଡିଜିପି ଙ୍କ ପାଖରେ ମଧ ଅଭିଯୋଗ କରିଥିବା ମନୋଜ କହିଛନ୍ତି। କିନ୍ତୁ ତାଙ୍କୁ ନ୍ୟାୟ ମିଳୁନଥିବା ସେ ଅଭିଯୋଗ କରିଛନ୍ତି। ସେପଟେ ଗାଁ ୱାର୍ଡ ମେମ୍ବର ସରୋଜ ଦାସ ଅଭିଯୋଗ ଖଣ୍ଡନ କରିଛନ୍ତି। ଉପ-ଜିଲ୍ଲାପାଳ କହିଛନ୍ତି ଗାଁ ଲୋକ ଆଇନକୁ ହାତକୁ ନେବା ଠିକ ନୁହେଁ। ଅଭିଯୋଗ ମିଳିଛି ତଦନ୍ତ କରାଯିବ।

## ସହରରେ ବଢୁଛି ଶବ୍ଦ ପ୍ରଦୂଷଣ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ଦିନକୁ ଦିନ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଉଛି। ବାହାଘର ହେଉ ବ୍ରତ ଘର ହେଉ , ଠାକୁରାଣୀ ପର୍ବ ଏହିଭଳି ବିଭିନ୍ନ କାର୍ଯ୍ୟକ୍ରମରେ ଡି ଜେ ବଜା ଯାଉଛି। ଡି ଜେ ବାଜିବା ଦ୍ୱାରା ଏତେ ଶବ୍ଦ ହେଉଛି ବୟୋଜ୍ୟେଷ୍ଠ ବ୍ୟକ୍ତି, ରୋଗୀ ହୃଦରୋଗୀ ଓ ଛୋଟ ଶିଶୁଙ୍କର ଏହି ଶବ୍ଦ ଦ୍ୱାରା ବହୁତ ଅସୁବିଧା ହେଉଛି। କେତେବେଳେ କାହାର ପ୍ରାଣ ବାୟୁ ଚାଲି ଯିବ କହି ହେବ ନାହିଁ। ଡି ଯେ ଦ୍ୱାରା ଘର ଛାତ କବାଟ ଦୋହଲି ବାରେ ଲାଗିଛି। ପୋଲିସ ତଦାରଖ କରିବା କଥା ଯିଏ ଅନୁମତି ଦେଉଛନ୍ତି ଜିଲ୍ଲା ପ୍ରଶାସନ ତଦାରଖ କରିବା କଥା ରାସ୍ତାରେ ଏତେ ଶବ୍ଦ ଓ ଟ୍ରାଫିକ ସମସ୍ୟା ସୃଷ୍ଟି ହଉଛି। ମଦ ପିଇ ମାତାଲ୍ ହୋଇ ରାସ୍ତା ଅବରୋଧ ସାଙ୍ଗକୁ ଜନ ଗହଳି ସ୍ଥାନରେ ବଜାର ମଝିରେ, ମୁଖ୍ୟ ରାସ୍ତା ଉପରେ ବାଣ ଫୁଟେଇ ଆତସ ବାଜି କରିବା ଦ୍ୱାରା ଜନସାଧାରଣ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ଓ ରାସ୍ତା ଅବରୋଧ କରି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଘରର କଲର ଦର ଦାମ ଏବେ ଆକାଶ ଛୁଆଁ



ନୟାଗଡ, ( ମହାଭାରତ ) : ଅନ୍ତର୍ଜାତୀୟ ରେ ପ୍ରୋଷ୍ଟେଟ ଓଏଲ୍ ବଢ଼ିବା ପରେ ଘର ର କଲର ଦର ଦାମ ଏବେ ଆକାଶ ଛୁଆଁ ହୋଇଛି । ଏସିଆନ୍ ପେଣ୍ଟ ବ୍ରୋଗର୍ କଲର ଠାରୁ ଆରମ୍ଭ କରି ସମସ୍ତ ନାମୀ ଦାମୀ ରଙ୍ଗ ଦର ବୃଦ୍ଧି ପାଇଛି । ରଙ୍ଗ ଲିଟର ପିଛା ୨୦ ରୁ ୨୨ ଟଙ୍କା ବଢ଼ିଛି ।ପୂର୍ବ ଏହି ରଙ୍ଗ ଦର ୨୮୦ ଟଙ୍କା ମଧ୍ୟରେ ରହିଥିବା ବେଳେ ଏବେ ବଢ଼ି ତାହା ୩୦୦ ଟଙ୍କା ବୃଦ୍ଧି ପାଇଛି । ଅନ୍ୟ କମ୍ପାନୀର ରଙ୍ଗ ଦର ମଧ୍ୟ ବୃଦ୍ଧି ପାଇଛି । ଗୋଟିଏ ଗୋଟିଏ ୧୦ ଲିଟର ଏବଂ ୨୦ ଲିଟର ବାଲ୍ଟିରେ ୨ ଶହ ରୁ ୩ ଶହ ଟଙ୍କା ବୃଦ୍ଧି ପାଇଛି । ଗତ ମାର୍ଚ୍ଚ ମାସ ୧୦ ତାରିଖରେ ରଙ୍ଗ ଦରରେ ବୃଦ୍ଧି ପାଇଥିବା ବେଳେ ଆଗକୁ ମଧ୍ୟ ଆହୁରି ରଙ୍ଗ ଦର ବୃଦ୍ଧି ପାଇବ ବୋଲି ରଙ୍ଗ ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଛିୟ ଅଏଲ୍ ବେସ୍ ପଏଣ୍ଟ ରେଟ୍ ଦଶ ପ୍ରତିଶତ ଏବଂ ଓ୍ଵଦେର୍ ବେସ୍ ପଏଣ୍ଟ ରେଟ୍ ସାତ ପ୍ରତିଶତ ଦର ବଢ଼ିଛି । ଏହି ରେଟ କମ୍ପାନୀ ପକ୍ଷରୁ ବଢାଯାଇଥିବା ବ୍ୟବସାୟୀ ଙ୍କ ପକ୍ଷରୁ କୁହାଯାଇଛି । ମଧ୍ୟ ପ୍ରାଚ୍ୟ ରେ ଚାଲି ଥିବା ଯୁଦ୍ଧ ପାଇଁ ଗ୍ୟାସ ସଙ୍କଟ ରହିଥିବା ରୁ ରଙ୍ଗ ପ୍ରସ୍ତୁତ କରିବା ପାଇଁ ର ମ୍ୟାଟ୍ରିଆଲ୍ ଏବଂ ଟ୍ରାନ୍ସପୋଟିଙ୍ଗ୍ ରେ ଦର ବୃଦ୍ଧି ପାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି । ହଠାତ ଗୋଟିଏ ଗୋଟିଏ ରଙ୍ଗ ବାଲ୍ଟିରେ ୨ ଶହ ରୁ ୩ ଶହ ଟଙ୍କା ଦର ବୃଦ୍ଧି ପାଇଥିବା ରୁ ସାଧାରଣ ଲୋକଙ୍କ ଉପରେ ଏହାର ପ୍ରଭାବ ପକାଇଛିୟ ସେପଟେ ରଙ୍ଗ କାମ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ଶହ ଶହ ଶ୍ରମିକ କାମ ନପାଇ ଜୀବିକା ହରାଇଛନ୍ତି । ରଙ୍ଗ ଦର ବୃଦ୍ଧି କୁ ନେଇ ମାର୍କେଟରେ ବ୍ୟବସାୟ ମାନ୍ଦା ରହିଥିବା ବେଳେ ଆଗକୁ କିଭଳି ନିଜର ସ୍ୱପ୍ନ ଘର କରିବେ ତାକୁ ନେଇ ଚିନ୍ତାରେ ଲୋକ ମାନେ । ସେପଟେ ଘର ରଙ୍ଗ କାମ ବନ୍ଦ ହୋଇ ଯାଇଥିବାରୁ କଲର ମିସ୍ତ୍ରୀ ଏବଂ ଶ୍ରମିକଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡିଛି । କାମ ନ ପାଇ ହାତ ବାନ୍ଧି ବସିଛନ୍ତି ଶହ ଶହ ଶ୍ରମିକ ଏବଂ ମିସ୍ତ୍ରୀୟ ଏହା କେବଳ ନୟାଗଡ଼ ଜିଲ୍ଲାରେ ନୁହେଁ ସାରା ଦେଶରେ ରଙ୍ଗ ଦର ବୃଦ୍ଧି ପାଇଥିବା ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଛି ।

## ପାରାଦୀପ ମର୍ଣ୍ଣିଙ୍ଗ କ୍ଲବ ପକ୍ଷରୁ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ



ପାରାଦୀପ(ମହାଭାରତ): ପାରାଦୀପ ବନ୍ଦରର କିଛି ଅଧିକାରୀ ଓ କର୍ମଚାରୀ ନିଜକୁ ସୁସ୍ଥ ରଖିବା ପାଇଁ ତଥା ପାରାଦୀପରେ ଫୁଟବଲ ଖେଳର ପ୍ରସାର ତଥା ନୂତନ ଖେଳାଳି ସୃଷ୍ଟି କରିବା ଲକ୍ଷରେ ଦୀର୍ଘ ୨୫ ବର୍ଷ ତଳେ ବନ୍ଦରର ପୂର୍ବତନ ଡିସି କ୍ୟାପଟେନ ଗୌରୀ ପ୍ରସାଦ ବିଶ୍ୱାଳଙ୍କ ଆବାହକତ୍ୱରେ ଗଠିତ ମର୍ଣ୍ଣିଙ୍ଗ କ୍ଲବ ଆନୁକୂଲ୍ୟରେ ଚାଳିତ ମେ ୯ ତାରିଖ ଦିନ ପୋର୍ଟ ଟ୍ରଷ୍ଟ ହାଇ ସ୍କୁଲ ପଡ଼ିଆରେ ସ୍ଥାନୀୟ ଫୁଟବଲ ଦଳକୁ ନେଇ ଏକ-ଦିବସୀୟ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି ।ଇତି ମଧ୍ୟରେ ବନ୍ଦରରୁ ଅଧିକାଂଶ ଅଧିକାରୀ ଓ କର୍ମଚାରୀ ଅବସର ଗ୍ରହଣ କରି ପାରାଦୀପ ଛାଡ଼ି ସାରିଛନ୍ତି । କିନ୍ତୁ କ୍ଲବରେ ଥିବା କିଛି ପୁରୁଣା ସଦସ୍ୟ ବନ୍ଦରର ପରାଉ ଟୁଡୁ, ଅଜୟ ବେହେରା, ନିରୋଜ ପଟ୍ଟନାୟକ, ବିରବଲ୍ ଟୁଡୁ, ସୁନି ଲାକ୍ରା, ପ୍ରଦୀପ୍ତ ପାଣି, ଡକ୍ଟର ବିବେକ ଲେଙ୍କା , ଜଳଧର ବରାଳ ଓ ଖେଳାଳି ପାର୍ଥ ସାରଥୀ ପ୍ରଧାନ, ଶ୍ରୀରାମ ମାରାଣ୍ଡି, ଉମେଶ ଚୌଧୁରୀ ପ୍ରମୁଖ ଆଜିବି କ୍ଲବକୁ ଜୀବିତ ରଖିବା ସଙ୍ଗେ ସବୁଦିନ ସକାଳୁ ଫୁଟବଲ ଖେଳିବା ସହ ନୂତନ ଖେଳାଳି ସୃଷ୍ଟି କରିବାରେ ଚେଷ୍ଟା ଜାରି ରଖିଛନ୍ତି । ସେମାନଙ୍କ ପ୍ରଚେଷ୍ଟାରେ ବନ୍ଦରରେ ନୂତନ ଭାବେ ଯୋଗଦାନ କରିଥିବା କିଛି କର୍ମଚାରୀ ଓ ସ୍ଥାନୀୟ ଯୁବ ପ୍ରତିଭା ସବୁ ଦିନ ସକାଳେ କେବଳ ଖେଳୁ ନାହାନ୍ତି ତା ସଙ୍ଗେ ସଙ୍ଗେ ନିଜକୁ ସୁସ୍ଥ ରଖି ପାରିଛନ୍ତି ଓ କିଛି ପ୍ରତିଭା ବିଭିନ୍ନ ସ୍ତରରେ ନିଜକୁ ପ୍ରତିପାଦିତ ମଧ୍ୟ କରି ପାରିଛନ୍ତି । ତେବେ ଶନିବାର ଦିନ ଆୟୋଜିତ ଏହି ଫୁଟବଲ ପ୍ରତିଯୋଗିତାକୁ ବନ୍ଦରର ସିଏମ୍ଇ ସୁଶୀଲ ନାହାକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଦ୍ୱୀପ ପ୍ରଜ୍ୱଳନ ତଥା ପତାକା ଉତ୍ତୋଳନ କରି ଉଦ୍ଘାଟନ କରିଥିଲେ । ଫାଇନାଲ ମ୍ୟାଚରେ ପାରାଦୀପ ବନ୍ଦର ଦଳ ପେନାଲ୍ଟୀ ସୁଟ୍ ଆଉଟ୍ ରେ ସବଷ୍ଟେସନ ଦଳକୁ ୧-୦ ଗୋଲରେ ପରାସ୍ତ କରି ଚମ୍ପିଅନ ହୋଇଥିଲା । କ୍ଲବର ସଭାପତି ପାରାଉ ଟୁଡୁ ଚମ୍ପିଅନ ଦଳକୁ ୫୦୦୦ ଟଙ୍କା ଓ ରନରସଅପ୍ ଦଳକୁ ୩୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳକୁ ଅଜୟ ବେହେରା, ଶ୍ରୀରାମ ମାରାଣ୍ଡି, ଡକ୍ଟର ବିବେକ ଲେଙ୍କା ଆଦି ପରିଚାଳନା କରିଥିଲେ ।

## ଶ୍ରୀରାମପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅନ୍ତିମ ମ୍ୟାଚ ଗଡ଼ ରାଜେଶ୍ୱରୀ କ୍ଲବ ବିଜୟୀ

ଦଶପଲ୍ଲା,(ମହାଭାରତ): ଚାରିଦିନ ଧରି ସେବାବାହିନୀ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଶ୍ରୀରାମପୁର ବିଦ୍ୟାଳୟ ପଡ଼ିଆରେ ଚାଲିଥିବା ଶ୍ରୀରାମପୁର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଅନ୍ତିମ ମ୍ୟାଚ ଗଡ଼ ରାଜେଶ୍ୱରୀ କ୍ଲବ,ଦଶପଲ୍ଲା ଏବଂ ଜଳେଶ୍ୱର ଦକ୍ଷିଣକାଳୀ କ୍ରିକେଟ କ୍ଲବ, ଶ୍ରୀରାମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା, ଉକ୍ତ ମ୍ୟାଚରେ ଗଡ଼ ରାଜେଶ୍ୱରୀ କ୍ଲବ ଜିତି ୨୦୨୬ ର ଶ୍ରୀରାମପୁର କପକୁ ଆପଣେଇ ବିଜେତା ହୋଇଥିଲା ଜଳେଶ୍ୱର ଦକ୍ଷିଣକାଳୀ କ୍ଲବ ଉପବିଜେତା ହୋଇଥିଲା ଏହି ଟୁର୍ଣ୍ଣାମେଣ୍ଟ ରେ ଆଠ ଟି ଦଳ ଭାଗ ନେଇଥିଲେ, ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ନେଳିଗୁଡ଼ା ରାଜସ୍ୱ ବିଭାଗର ଅମିନ ପ୍ରଦୀପ୍ତ କୁମାର ବେହେରା, ସେବାବାହିନୀ କ୍ଲବ ର ଉପସଭାପତି ଶ୍ରୀଯୁକ୍ତ ଯୁଗଳ ବେହେରା ଏବଂ ଶ୍ରୀଯୁକ୍ତ ଅନିରୁଦ୍ଧ ସାହୁ ଯୋଗ ଦେଇଥିଲେ ।. ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ଦଳ ବେହେରା ଖେଳାଳୀ ମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ କ୍ରୀଡ଼ା ହେଉଛି ଭାଇଚାରା, ନୂତନ ଆଶା ର ସଂଚାର ଆଉ ଶରୀର ର ବ୍ୟାୟାମ ର ଅଂଶ ବିଶେଷ ।

## କୁଆଁରିଆରେ ବିଜେପିର ସାଂଗଠନିକ ବୈଠକ

# ବିଜୟ ପାଇଁ ଗୁରୁମନ୍ତ୍ର ଦେଲେ ମନମୋହନ



ଦଶପଲ୍ଲା,(ମହାଭାରତ):ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଆଁରିଆଠାରେ ଭାରତୀୟ ଜନତା ପାର୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ କର୍ମକର୍ତ୍ତାଙ୍କୁ ଆଗାମୀ ରଣନୀତି ସମ୍ପର୍କରେ ଗୁରୁମନ୍ତ୍ର ଦେବା ସହ ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବାକୁ ଆହ୍ୱାନ ଦେଇଛନ୍ତି । ବୈଠକରେ ବିଶେଷ ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, କନ୍ଧମାଳ ସଂସଦୀୟ କ୍ଷେତ୍ରର ସମସ୍ତ ବିଧାୟକ ପ୍ରାର୍ଥୀ ଏବଂ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ । ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବୁଥ୍ରେ କିଭଳି 'ପଦ୍ମ' ଫୁଟିବ ଏବଂ ଜନସାଧାରଣଙ୍କ ସମର୍ଥନ କିଭଳି ବିଜେପି ସପକ୍ଷରେ ଆସିବ, ସେ ନେଇ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା । ରାଜ୍ୟ ସଭାପତି ଶ୍ରୀ ସାମଲ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ କର୍ମୀମାନେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରନ୍ତୁ । ଦଶପଲ୍ଲାର ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ ଲଢ଼ିବାକୁ ସେ ପରାମର୍ଶ ଦେଇଥିଲେ । ଏହି ସାଂଗଠନିକ ବୈଠକକୁ ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ ସୁଚାରୁ ରୂପେ ପରିଚାଳନା କରିଥିଲେ । ଏହି ଅବସରରେ ଅଞ୍ଚଳର ଶତାଧିକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଦଳୀୟ ସଂଗଠନକୁ ଆଗକୁ ନେବା ପାଇଁ ଶପଥ ନେଇଥିଲେ ।

## ଖରାଦିନରେ ନିଆଁ ଚିନ୍ତା

# ବର୍ଷକରେ ୩୦୯୦ ଅଗ୍ନିକାଣ୍ଡ, ୩୫୦ ହେକ୍ଟର ଜମି କ୍ଷତିଗ୍ରସ୍ତ



ରାଉରକେଲା: ଗ୍ରୀଷ୍ମ ଦିନରେ ତାପମାତ୍ରା ବଢ଼ିବା ସହିତ ଜଙ୍ଗଲ ଓ ଅଣ-ଜଙ୍ଗଲ ଜମିରେ ନିଆଁ ଲାଗିବା ନିତିଦିନିଆ ହେଲାଣି । ଏହି କ୍ରମରେ ଜିଲ୍ଲାରେ ତିନି ବନଖଣ୍ଡ ଯଥା,- ରାଉରକେଲା ସୁନ୍ଦରଗଡ଼ ଓ ବଣାଇ ବନଖଣ୍ଡ ଅଧିନସ୍ଥ ବିଭିନ୍ନ ସ୍ଥାନରେ ନିଆଁ ଲାଗିବା ଘଟଣା, ଏବେ ଏକ ବଡ଼ ସମସ୍ୟା ପାଲଟିଛି । ଅବଶ୍ୟ ନିଆଁ ଲାଗିବା ପଛରେ ଏକାଧିକ ମନୁଷ୍ୟକୃତ କାରଣଗୁଡ଼ିକ ରହିଛି । କେବଳ ଗତ ବର୍ଷକରେ ଜିଲ୍ଲାରେ ୩୦୯୦ଟି ସ୍ଥାନରେ ନିଆଁ ଲାଗିଥିଲା । ଏଥିରେ ୩୪୮.୪୮ ହେକ୍ଟର ଜମି କ୍ଷୟକ୍ଷତିହୋଇଥିବା ଜଣାପଡ଼ିଛି ।ଗତବର୍ଷ, ଜିଲ୍ଲାର ବିଭିନ୍ନ ବନଖଣ୍ଡର ସଂରକ୍ଷିତ ଜଙ୍ଗଲର ୨୨୫୧ ସ୍ଥାନରେ ନିଆଁ ଲାଗିଥିବାବେଳେ ୮୩୯ଟି ଅଣ-ଜଙ୍ଗଲ ସ୍ଥାନରେ ନିଆଁ ଲାଗିଥିବା ରେକର୍ଡ କରାଯାଇଥିଲା । ତେବେ ସୁନ୍ଦରଗଡ଼ ବନଖଣ୍ଡ ଅଧିନରେ ସର୍ବାଧିକ ଅଗ୍ନିକାଣ୍ଡ ଘଟଣା ଦେଖିବାକୁ ମିଳିଥିଲା । ସୁନ୍ଦରଗଡ଼ ବନଖଣ୍ଡରେ ମୋଟ୍ ୧୫୭୭ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ବଣାଇରେ ୧୦୦୯ ଓ ରାଉରକେଲାରେ ୫୦୪ଟି ସ୍ଥାନରେ ନିଆଁ ଲାଗିଥିଲା । ସେହିଭଳି ସୁନ୍ଦରଗଡ଼ ବନଖଣ୍ଡରେ ସର୍ବାଧିକ ଜମି, ଅର୍ଥାତ ୨୫୪.୮୨ ହେକ୍ଟର ଜମି ନଷ୍ଟ ହୋଇଥିବାବେଳେ ବଣାଇରେ ୭୨.୬୭ ହେକ୍ଟର ଓ ରାଉରକେଲାରେ ୧୦.୯୯ ହେକ୍ଟର ଜମି ପ୍ରଭାବିତ ହୋଇଥିଲା ।ଅଗ୍ନିକାଣ୍ଡ ରୋକିବାକୁ ବନବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କୁହାଯାଉଛି । ବିଶେଷକରି ଅଗ୍ନିଶମ ସେବା କର୍ମଚାରୀ ନିୟୋଜନ, ଫାୟାର ଲାଇନ୍ ସୃଷ୍ଟି, ଅତ୍ୟାଧୁନିକ ଯନ୍ତ୍ରପାତି ଯଥା,-'ଲିଫ୍ ବ୍ଲୋଅର', ଯାନବାହନ ସମେତ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥାର ସାଟେଲାଇଟ୍ ମନିଟରିଂ ସିଷ୍ଟମ୍ ମାଧ୍ୟମରେ ନଜର ରଖାଯାଉଛି । ଏହା ସ□ ଘ□ ଜଙ୍ଗଲ ଓ ମାନବୀୟ କାରଣରୁ ଅଗ୍ନିକାଣ୍ଡଜନିତ କ୍ଷୟକ୍ଷତି ବୃଦ୍ଧି ପାଉଛି ସିନା କମିବାର ନାଁ ନେଉନ ।

## ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ପୂଟୁଳିଆ ଗ୍ରାମରେ ସ୍ଥାପନ ହେବାକୁ ଥିବା ଜେ.ଏମ୍.ଏଫ୍.ସି କୋର୍ଟ ଭୂମି ଉପରେ ରହିଥିବା ବାସସ୍ଥାନ କିମ୍ବା ଅନ୍ୟାନ୍ୟ ବ୍ରୋୟଲର ଫାର୍ମ ଗୁଡିକ ମାଜିଷ୍ଟ୍ରେଟ୍ ରବିଶଙ୍କର ହେମ୍ବ୍ରମ ଙ୍କ ଅଧକତାରେ ପାଟଣା ତହସିଲ ଦାର ଅଶ୍ୱନୀ କୁମାର ନାଏକ, ଅତିରିକ୍ତ ତହସିଲ ଦାର ଶରଣ କୁମାର ଜେନା,ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ, ଅତିରିକ୍ତ ଥାନା ଅଧିକାରୀ ଲକ୍ଷ୍ମଣ ମାଝୀ ତଥା ରାଜସ୍ ବିଭାଗ ର ରଜସ୍ ଅଧିକାରୀ ଓ ପୋଲିସ ପ୍ରଶାସନ ର ଏକ ପ୍ଲାଟୁନ୍ ଫର୍ସ ଙ୍କ ଉପସ୍ଥିତ ରେ ନିର୍ମାଣ ହେବାକୁ ଥିବା ୩ଏକର ୪୮ଡିସିମିଲ୍ ଜେ.ଏମ୍.ଏଫ୍.ସି କୋର୍ଟ ନାଁ ରେ ସରକାରୀ କ୍ଷେତ୍ର ରେ ଜମି ପଟ୍ଟା ରହିଥିବା ସତ୍ତ୍ୱେ ବି ପୁଟୁଳିଆ ଗ୍ରାମ ର ଦିବ୍ୟଲୋଚନ ମହାନ୍ତ ,କଇଁନ୍ତା ମହାନ୍ତ ବିଗତ ବର୍ଷ ରୁ ଏକ ମାଟି ଟାଇଲ ଘରେ ମାଆ ପୁଅ ରହି ଆସୁ ଥିବା ବେଳେ କିଛି ମାସ ହେବ କୋର୍ଟ କାର୍ଯ୍ୟାଳୟ ନିର୍ମାଣ ହେବାକୁ ସୂଚନା ପାଇ ଅଭିମନ୍ୟୁ ମହାନ୍ତ କିଛି ମାସ କୋର୍ଟ କାର୍ଯ୍ୟାଳୟ ହେବାକୁ ଯାଉ ଥିବା ଜାଣିପାରି ରାତି ଭିତରେ ଏକ ବାସସ୍ଥାନ ତିଆରି କରି ରହି ଆସିଥିବା ବେଳେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ସୋମବାର ଦିନ ଜବରଦଖଲ ଉଚ୍ଛେଦ କରାଯାଇଛି । ଏହି ଉଚ୍ଛେଦ ସମୟରେ କଇଁନ୍ତା ମହାନ୍ତ,ବର୍ଣ୍ଣମାଳା ମହାନ୍ତ, ପ୍ରଶାସନ ପକ୍ଷରୁ ଘର ଭଙ୍ଗା ରୁଜା କୁ ହେଉ ଥିବା ନେଇ ଭାବ ବିଭଳ ହୋଇ ପ୍ରସାଶନ ସହ ମୁହାମୁହି ହେବା ସହିତ ଭାଙ୍ଗିରୁଜା କୁ ରକିବାକୁ ଯାଇ ଉତ୍ତେଜନା ଦେଖିବାକୁ ମିଳି ଥିଲା । ସେଥି ମଧ୍ୟରେ ପୋଲିସ ପ୍ରଶାସନ ପକ୍ଷରୁ ଉତ୍ତେଜନା କୁ ଶାନ୍ତ କରାଯାଇ ଥିଲା ।

## ଉଦଘାଟନ ପୂର୍ବରୁ କାର୍ଯ୍ୟକ୍ଷମ ହେଲା ମାତୃ ଓ ଶିଶୁ ଗୃହ



ଦଶପଲ୍ଲା,(ମହାଭାରତ): ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ବିକାଶ ପାଇଁ ସରକାର ଅଣ୍ଟା ଭିଡ଼ିଥିବା ବେଳେ ବିକାଶ ପରିବର୍ତ୍ତେ ଅବସାନ ଆଡ଼କୁ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଗତିକରୁଥିବା ଦେଖାଦେଇଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ରେ ମାତୃ ଓ ଶିଶୁ ଗୃହ ନିର୍ମାଣ ପାଇଁ ୨୦୧୫ମସିହାରୁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା । କିନ୍ତୁ ଦୁଃଖର ବିଷୟ ୧୧ବର୍ଷ ହୋଇଗଲା ହେଲେ ନିର୍ମାଣ କାର୍ଯ୍ୟ ସରିଥିଲେହେଁ ଉଦଘାଟନ ହୋଇପାରିନଥିଲା । ଚଳିତ ମାସ ର କିଛିଦିନ ପରେ ମାତୃ ଓ ଶିଶୁ ବିଭାଗ ର ନୂତନ ଗୃହ ଉଦଘାଟନ ହେବାର ଥିଲା ହେଲେ ଉଦଘାଟନ ପୂର୍ବରୁ ନୂତନ ଗୃହ ହୋଇଗଲା କାର୍ଯ୍ୟକ୍ଷମ । କାହା ଇସାରାରେ ଏମିତି ହେଲା ନା ନିଜର ଅହମଭାବ ଲାଗି ଉଦଘାଟନ ପୂର୍ବରୁ କାର୍ଯ୍ୟକ୍ଷମ କରାଗଲା ତାହା ତଦନ୍ତ ସାପେକ୍ଷ ବୋଲି ଜନ ସାଧାରଣରେ ଆଲୋଚନା ହେଉଛି ।

## ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ମୃତ୍ତିକା ସଂରକ୍ଷଣ ତଥା ଜଳ ଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି ।୩୦,୪,୨୦୨୬ ତାରିଖରେ ସେ ଅବସର ଗ୍ରହଣ କରିଛନ୍ତି । ଗଜପତି ଜିଲ୍ଲାରେ କାର୍ଯ୍ୟରେ ଯୋଗ ଦେବା ଠାରୁ ଜିଲ୍ଲାର ବିକାଶ ମୂଳକ କାର୍ଯ୍ୟ ସକାଶେ ସେ ସଦା ସର୍ବଦା ଚେଷ୍ଟିତ ଥିଲେ । ଚାଷୀଙ୍କ ସକାଶେ ବିଭାଗ ପକ୍ଷରୁ ହେଉଥିବା ବିଭିନ୍ନ ଯୋଜନା ପ୍ରକୃତ ହିତାଧିକାରୀଙ୍କ ପାଖରେ କିପରି ପହଞ୍ଚିବ ତା ଉପରେ ସଦାସର୍ବଦା ଚେଷ୍ଟିତ ଥିଲେ । ଚାଷୀଙ୍କର କିପରି ଉନ୍ନତି ହୋଇ ପାରିବ ସେମାନଙ୍କର ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି ହୋଇ ପାରିବ ଚେଷ୍ଟା କରୁଥିଲେ ବୋଲି ମତ ପ୍ରକାଶ ପାଇଛି । ଏହିଭଳି କାର୍ଯ୍ୟ ପାଇଁ ସେ ଜିଲ୍ଲା ପ୍ରଶାସନ ପକ୍ଷରୁ ବହୁ ଥର ପ୍ରଥମ ପୁରସ୍କାର ପାଇଛନ୍ତି ।ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା କରିଥିବାରୁ ବିଭାଗ କର୍ମଚାରୀ ତାଙ୍କର ନିରାମୟ ଓ ଦୀର୍ଘାୟୁ କାମନା ସହ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେରଶ୍ମି ନାୟକ ଏ ପ ଡି ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଅଫିସ କର୍ମ ଚାରି ଓ କ୍ଷେତ୍ର କର୍ମଚାରୀ ଗଣ ପୁଷ୍ପ ଗୁଚ୍ଛ ଦେଇ ବିଦାୟ ଦେଇଥିଲେ । ଶେଷରେ ଗୌରାଙ୍ଗ ବାରିକ ପୁଷ୍ପ ଗୁଚ୍ଛ ଦେଇଥିଲେ ।

## ଶ୍ୱଶୁର ଘର ନିକଟରୁ ଜ୍ୱାଇଁଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବେଶିଙ୍ଗା:ମୟୂରଭଞ୍ଜଜିଲ୍ଲା ବେତନଟୀ ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଭୁରୁଡିଆ ଗ୍ରାମର ଘଟଣା । ସୂଚନା ଅନୁଯାୟୀ ଉଦଳା ଅଞ୍ଚଳର ଜ୍ୱାଇଁ ଶଶୁର ମଙ୍ଗୁଲୁ ଦଳେଇଙ୍କ ଘରକୁ ଆସିଥିବା ବେଳେ ଘର ନିକଟ ଆମ୍ବଗଛରେ ଦଉଡ଼ିରେ ଫାଶୀହୋଇ ଜ୍ୱାଇଁଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ସକାଳୁ ଉଦ୍ଧାର କରାଯାଇଛି । ମୃତକ ହେଉଛନ୍ତି ଉଦଳା ଥାନା ତେଲଦିହୁଡି ଗ୍ରାମର ସ୍ୱର୍ଗତ ପଣ୍ଡୁ ମଲ୍ଲିକଙ୍କ ପୁଅ ସୀତାକାନ୍ତ ମଲ୍ଲିକ (୩୫) ।ତେବେ ବିବାହ ୧୨ବର୍ଷ ପୂର୍ବରୁ ହୋଇଥିବାବେଳେ ୭ଦିନ ପୁର୍ବରୁ ସୀତାକାନ୍ତ ତାଙ୍କ ୪ ସନ୍ତାନ ଓ ସ୍ତ୍ରୀଙ୍କ ସହିତ ଆସି ଶ୍ୱଶୁର ଘରେ ରହୁଥିବା ବେଳେ ରବିବାର ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା । ତେବେ ବିଳମ୍ବିତ ରାତିରେ ସୀତାକାନ୍ତ ଘରୁ ବାହାରି ଆସି ବିଲ ପାଖ ଏକ ଆମ୍ବଗଛରେ ଆତ୍ମହତ୍ୟା କରିଥିବାବେଳେ ସକାଳୁ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇଥିଲେ ବୋଲି ଶଶୁର ଘର ଲୋକେ କହୁଛନ୍ତି । ଅପରପକ୍ଷରେ ପୁଅକୁ ମାରି ଆତ୍ମହତ୍ୟା ରୂପ ଦିଆଯାଇଛି ବୋଲି ତାଙ୍କ ପରିବାର ପକ୍ଷରୁ ବେତନଟୀ ଥାନାରେ ଅଭିଯୋଗ ହୋଇଛି । ମାଣତ୍ରୀ ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ ପୂର୍ବକ ତଦନ୍ତ ଆରମ୍ଭ କରିଛି ।

## ୧୯ ରଥ ଚକ ନିର୍ମାଣ ଶେଷ

ପୁରୀ: ରଥ ନିର୍ମାଣକୁ ୨୦ ଦିନ ପୂରିଛି । ଭଉଁରିରେ ଚକା ଡେରା ନୀତି ହୋଇଥିବା ବେଳେ ଆଜି ଚକ ନିର୍ମାଣ କାର୍ଯ୍ୟ ଜାରି ରହିଛି । ତାଳଧ୍ୱଜ ରଥର ୫ଟି ଚକ କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇଛି ।ଆଉ ୨ଟି ଚକର ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେହିପରି ନନ୍ଦିଘୋଷ ରଥ ଓ ଦର୍ପଦଳନ ରଥର ୭ଟି ଲେଖାଏଁ ଚକ କାମ ସମ୍ପୂର୍ଣ୍ଣ ହୋଇସାରିଛି ।ସଂପ୍ରତି ଖରାର ପ୍ରବଳ କୋପରେ ଚକ ଫାଟିଯିବାର ଆଶଙ୍କା ଯୋଗୁଁ ଚକ ନିର୍ମାଣ ପରେ ଘୋଡ଼ାଇ ସାଇତା ଯାଇଛି । ତିନି ରଥର ମହାରଣା ସେବକମାନେ ଜୋକା କାମ ଜାରି ରଖିଛନ୍ତି । ଏଥିସହ ୨୦ ଫୁଟିଆ ପାର୍ଶ୍ୱ ମୁହାଁଟ କାମ ସମ୍ପନ୍ନ କରିଛନ୍ତି । ୬ଟି ଲେଖାଏଁ ଆଗ ଆଣି ଓ ପଛ ଆଣି ମୁହାଁଟ କାର୍ଯ୍ୟ କାଠ ଜାରି ରହିଛି । ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ଯୋକା କାର୍ଯ୍ୟ ପାଇଁ କାଠ ଚାଳିକୁ ଯୋଗାଇଛନ୍ତି । ସିଙ୍ଗଡ଼ା ବାଡ଼ିଆ ପରେ ପଇ ପଇଠ କରିଛନ୍ତି । ରୂପକାର ସେବକମାନେ ସାଲଗୁଜ କାମ ସମ୍ପୂର୍ଣ୍ଣ କରି ତିଖ ଗୁଜ କାମ ଜାରି ରଖିଛନ୍ତି । ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ରଥ ଚକରେ ଲାଗୁଥିବା ବଳା, ପନ୍ଦାରି, ଚାବି, ଅର କଣ୍ଟା ଆଦି ପ୍ରସ୍ତୁତି ଜାରି ରଖିଛନ୍ତ ।

## ମାନସିକ ବିକାର ଗ୍ରସ୍ତ ମହିଳା ଉଦ୍ଧାର

ଅନୁଗୋଳ,(ମହାଭାରତ)ଅନୁଗୋଳ ମୁନ୍ସିପାଲଟି ଅନ୍ତର୍ଗତ ହାତୀଶାଳପଡା ନିକଟରେ କିଛି ଦିନ ହେବ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ବସିରହୁଥିବା ର ନଜର ଆସିଥିବା ଦେଖି ସ୍ଥାନୀୟ ଲୋକ ଖବର ଦେବା ପରେ ଶିରିଡି ସାଇ ଆତ୍ମ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ସଭାପତି ବିଦ୍ୟାଧର ନାଏକ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୀଷ ଏକ୍କା ଙ୍କ ତତ୍ତ୍ୱାବଧାନ ରେ ଟ୍ରଷ୍ଟ କର୍ମକର୍ତା ଅଜୟ ତ୍ରିପାଠୀ , ରାଜା ସିଂ ମହିଳା ଙ୍କୁ କାବୁ କରିଥିଲେ ଏବଂ ତାଳଚେର ସ୍ଥିତ ମିଶନ ଆଶ୍ରା ଠାରେ ଛଡା ଯାଇଥିଲା ଉଦ୍ଧାର ମହିଳା ଙ୍କ ବୟସ ଆନୁମାନିକ ୨୩ହୋଇଥିବା ବେଳେ ସେ ଅନୁଗୋଳ ଅଞ୍ଚଳ ର ବୋଲି ସନ୍ଦେହ କରାଯାଉଅଛି । ଶିରିଡି ସାଇ ଆତ୍ମ ଦର୍ଶନ ଚାରିଟେବୁଲ ଏଯାଏଁ ୯୯ ଜଣ ମାନସିକ ବିକାର ଗ୍ରସ୍ତ ମହିଳା ଓ ୧୬ ଜଣ ପୁରୁଷ ଙ୍କୁ ଉଦ୍ଧାର କରିଅଛି ।

# ଅନିଶ୍ଚିତତା ଭଦ୍ରକ ଜିଲ୍ଲାରେ ମନରେଗା ପ୍ରକଳ୍ପ



ଭଦ୍ରକ : ୨୦୧୬-୨୭ ଆର୍ଥିକ ବର୍ଷରେ ଭଦ୍ରକ ଜିଲ୍ଲାର ୭ଟି ବ୍ଲକରେ ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଅକାମୀ ହୋଇପଡ଼ିଛି । କେନ୍ଦ୍ର ସରକାର ଗତବର୍ଷ ଠାରୁ ଏହି ପ୍ରକଳ୍ପ ଉପରେ କଟକଣା କରିବାରୁ ଆକ୍ସନ୍ ପ୍ଲାନ ପ୍ରସ୍ତୁତ ହେଲାନାହିଁ । ପ୍ରତିବର୍ଷ ମାର୍ଚ୍ଚ ମାସ ଶେଷ ପୂର୍ବରୁ ନୂଆ ଆର୍ଥିକ ବର୍ଷ ପାଇଁ ଶ୍ରମିକଙ୍କ ପାଇଁ କର୍ମ ନିଯୁକ୍ତି କରିବା ପାଇଁ ମନେରଗା ଯୋଜନାର ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତି କରାଯାଏ । ୨୦୨୬-୨୦୨୭ ବର୍ଷ ପାଇଁ ଭଦ୍ରକ ଜିଲ୍ଲାର ୨୧୮ ପଞ୍ଚାୟତରେ ଆକ୍ସନ୍ ପ୍ଲାନ୍ ମନରେଗା ପ୍ରକଳ୍ପ ପାଇଁ ତିଆରି ହୋଇନାହିଁ, ଯାହାକି ୭ଟି ବ୍ଲକ ପାଇଁ ୨୫୦ କୋଟି ଟଙ୍କାର ପ୍ରକଳ୍ପ ଫାଇଲରେ ବନ୍ଧା ହୋଇରହିଛି । ଏହାକୁ ନେଇ ଶ୍ରମିକମାନେ କାମ ପାଉ ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜିଲ୍ଲାରେ ୭ଟି ବ୍ଲକର ବିଡିଓମାନେ ୨୦୨୫-୨୬ ପୁରୁଣା ପ୍ରକଳ୍ପକୁ ଅନ୍ ଗୋଇଙ୍ଗ୍ ପ୍ରକଳ୍ପ ଭାବରେ ବାଣ୍ଟୁଛନ୍ତି । ପ୍ରକାଶ ଥାଉ କି, ଶ୍ରମିକଙ୍କ ଅସନ୍ତୋଷକୁ ଲକ୍ଷ କରି ଜିଲ୍ଲାପାଳ ଏବଂ ପିଡି ବିଡିଓମାନଙ୍କୁ ନିର୍ଦ୍ଦେଶ ଦେବା ପରେ ପ୍ରତି ବ୍ଲକ ପିଛା ୧୦୦ରୁ ୧୫୦ ପ୍ରକଳ୍ପ ଖୋଜୁଛନ୍ତି । ଗୋଟିଏ ମାସ ମଧ୍ୟରେ କାମ କରିବାକୁ । ନିୟମ ଅନୁସାରେ ଜୁନ୍ ୧୪ରେ ମୌସୁମୀ ଆସିବ ଓ ମନରେଗା କାମ ବନ୍ଦ ହେବୟ ତେଣୁ ଏହି କାମ ୭ ତାରିଖ ମଧ୍ୟରେ ସାରି ୩୫ ଦିନ ମଧ୍ୟରେ ପ୍ରତି ବ୍ଲକ ଅତି କମ୍ରେ ପୁରୁଣା ଅନୁ ଗୋଇଙ୍ଗ ୧୦୦ ପ୍ରକଳ୍ପ ଖୋଜି କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ହୋଇଛି । ମନରେଗା ପ୍ରକଳ୍ପରେ ଅଧିକାଂଶ ମାଟି ଖୋଳା କାମ ହୋଇଥିବାରୁ ଏହି କାମ ସବୁ ବର୍ଷା ଦିନ ପୂର୍ବରୁ କରାଯିବା ପାଇଁ ନିର୍ଦ୍ଦେଶ ରହିଛି ।୨୦୨୫-୨୦୨୬ ଆର୍ଥିକ ବର୍ଷରେ ମଧ ନରେଗା ପ୍ରକଳ୍ପ ବାଟବଣା ହୋଇଥିଲା । ଜିଲ୍ଲାରୁ ୨୫୦ କୋଟି ଟଙ୍କାର ପ୍ରକଳ୍ପ ତାଲିକା ଯାଇଥିଲା । ଯାହାକି ୪୨ ହଜାର ପ୍ରକଳ୍ପ ଭୁକ୍ତ ହୋଇଥିଲାୟ ପ୍ରତି ବ୍ଲକରେ ୬୦୦୦ରୁ ଅଧିକ ପ୍ରକଳ୍ପ ଆକ୍ସନ୍ ପ୍ଲାନ ଜରିଆରେ ଗତବର୍ଷ ଯାଇଥିଲା । ସେଥିରୁ କେଉଁ ବ୍ଲକକୁ ୫ ହଜାର ଆଉ କେଉଁ ବ୍ଲକକୁ ମଧ୍ୟ କେନ୍ଦ୍ର ସରକାରଙ୍କ ଅଙ୍କୁଶ ଯୋଗୁ ଏହା ୪ ହଜାର ପ୍ରକଳ୍ପ ଅନୁମୋଦନ ହୋଇଥିଲେ ମଧ୍ୟ ବାସ୍ତବରେ ତାହା ଫଳବତୀ ହେଲାନାହିଁ । ଏବେ ସୁଦ୍ଧା ବ୍ଲକ ପିଛା ୧ କୋଟିରୁ ୨ କୋଟି ଟଙ୍କା ମନରେଗା ପ୍ରକଳ୍ପର ଟଙ୍କା ପ୍ରଦାନ କରାଯାଇ ପାରୁ ନାହିଁ । କେନ୍ଦ୍ର ସରକାର ମନରେଖା ପ୍ରକଳ୍ପକୁ ନାମ ବଦଳାଇ ଶ୍ରମିକମାନଙ୍କ ପାଇଁ ନୂଆ ଯୋଜନା କରିଛନ୍ତି । ଏଥିପାଇଁ ଅର୍ଥ ବି ଆସିନାହ । ତେଣୁ ୨୦୨୬-୨୭ ବର୍ଷ ପାଇଁ ଶ୍ରମିକମାନଙ୍କ ପାଇଁ ମନରେଗା ଅନ୍ଧାରରେ ରହିଗଲା । ବିଡିଓମାନେ ଏବେ ପୁରୁଣା ୨୦୨୫- ୨୬ର ଅନ୍ଗୋଇଙ୍ଗ ପ୍ରକଳ୍ପ ଖୋଜି ପୁରୁଣା କମ ପ୍ରସ୍ତୁତ କରୁଛନ୍ତି, ଯାହାକି ପ୍ରତି ବ୍ଲକ ପିଛା ୧୦୦ ପ୍ରକଳ୍ପ ଗୋଟିଏ ମାସ ପାଇଁ ଅନୁଦାନ ମିଳିବ । ଭଦ୍ରକ ଜିଲ୍ଲାରେ ମନରେଗା ପ୍ରକଳ୍ପ ଆଗକୁ ଯାଇ ପାରି ନଥିବା ବେଳେ ଶ୍ରମିକ ଶ୍ରେଣୀର ଲୋକମାନେ ଉପଯୁକ୍ତ କାମ ପାଇବାରୁ ବଞ୍ଚିତ ହେଉଥିବାରୁ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ହର୍ମୁଜ୍ ପ୍ରଣାଳୀରେ ସମୁଦ୍ରତଳ ଇଣ୍ଟରନେଟ୍ କେବୁଲ ଉପରେ ଇରାନର ଟିକସ ଯୋଜନା, ବଢ଼ିଲା ଡିଜିଟାଲ୍ ଯୁଦ୍ଧ ଆଶଙ୍କା



ତେହେରାନ: ଇରାନ ସହିତ ଯୁଦ୍ଧ ଆଉ କେବଳ କ୍ଷେପଣାସ୍ତ୍ର, ଲଢୁଆ ବିମାନ ଏବଂ ଯୁଦ୍ଧଜାହାଜ ମଧ୍ୟରେ ନୁହେଁ, ବରଂ କ୍ଲାଉଡ୍ ଏବଂ ଇଣ୍ଟରନେଟ୍ କେବୁଲ୍‌ରେ ମଧ୍ୟ ହେବାକୁ ଯାଉଛି।ହରମୁଜ୍ ପ୍ରଣାଳୀରେ ଏକ ଦୋହରା ଅବରୋଧ କାର୍ଯ୍ୟକାରୀ ହେଉଛି। ଗୋଟିଏ ପଟେ ଇରାନ ନିଜ ସହମତି ବିନା ଜାହାଜଗୁଡ଼ିକୁ ଯିବାକୁ ନିଷେଧ କରୁଛି। ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅବରୋଧ ଜାରି ରହିଛି। ଯାହାଦ୍ୱାରା ଇରାନୀ ଜାହାଜଗୁଡ଼ିକୁ ଯିବାକୁ ବାରଣ କରାଯାଉଛି। ତେଲ ବିକ୍ରିରେ ସମସ୍ୟା ଯୋଗୁଁ ଇରାନ ବହୁ କ୍ଷତି ସହୁଛି। ଫଳରେ ଇରାନ ଜାହାଜଗୁଡ଼ିକ ଉପରେ ଟୋଲ୍ ଟିକସ ଆଦାୟ କରି କ୍ଷତିପୂରଣ ଭରଣା କରି ଆସୁଛି। ତେବେ ଏବେ ଇରାନ ସେହି ବାଟେ ସମୁଦ୍ରର ପାଣିତଳେ ଦେଇ ଯାଉଥିବା ଡିଜିଟାଲ୍ ତଥ୍ୟର ମାଧ୍ୟମ କେବୁଲ ଉପରେ ଟିକସ ଆଦାୟ କରିବାକୁ ପ୍ରସ୍ତୁତ ହେଉଛି।

ଇରାନ ହର୍ମୁଜ୍‌ରେ ଥିବା ଫାଇବର ଇଣ୍ଟରନେଟ୍ କେବୁଲଗୁଡ଼ିକ ଉପରେ ଏକ ଶୁଳ୍କ ଲାଗୁ କରିପାରେ। ଏହି ଅଞ୍ଚଳ ଦେଇ ଡାଟା ଟ୍ରାନ୍ସମିସନ୍ ପାଇଁ ଇରାନକୁ ଟିକସ ଦେବାକୁ ପଡିବ। ଯେଉଁ ଦେଶଗୁଡ଼ିକ ଏହି ଶୁଳ୍କ ଦେଇପାରିବେ ନାହିଁ ସେମାନଙ୍କର ଡାଟା ଟ୍ରାନ୍ସଫରକୁ ଇରାନ ଅବରୋଧ କରିବ। ଏହାକୁ ନେଇ ୟୁରୋପରୁ ଏସିଆ ପର୍ଯ୍ୟନ୍ତ ଦେଶଗୁଡ଼ିକର ଉତ୍ତେଜନା ବୃଦ୍ଧି କରିଛି। ରିପୋର୍ଟରେ କୁହାଯାଇଛି ଯେ, ଏହି କେବୁଲଗୁଡ଼ିକ ମାଧ୍ୟମରେ ସୁଇଫ୍ଟ ବ୍ୟାଙ୍କିଂ ମେସେଜ୍, ଷ୍ଟକ୍ ମାର୍କେଟ ବାଣିଜ୍ୟ ତଥ୍ୟ ଏବଂ ଟଙ୍କା ସ୍ଥାନାନ୍ତର ତଥ୍ୟ ସ୍ଥାନାନ୍ତରିତ ହୁଏ। ପ୍ରତିଦିନ ପ୍ରାୟ ୧୦ ଟ୍ରିଲିୟନ ଡଲାର ମୂଲ୍ୟର ଆର୍ଥିକ ତଥ୍ୟ ଏହି କେବୁଲଗୁଡ଼ିକ ଦେଇ ଗତି କରିଥାଏ। ଇରାନ ଅନୁସାରେ ଏପରି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ କାର୍ଯ୍ୟକଳାପ ଏହାର ଅଧିକାର କ୍ଷେତ୍ର ମଧ୍ୟରେ ଘଟୁଛି ଏବଂ ଇରାନକୁ ଏହା ବଦଳରେ ଶୁଳ୍କ ମିଳିବା ଉଚିତ। ଇରାନ ମଧ୍ୟ ନିଜର ଦାବିକୁ ସମର୍ଥନ କରିବା ପାଇଁ ଅନ୍ତର୍ଜାତୀୟ ଆଇନର ଉଦାହରଣ ଦେଉଛି। ଇରାନ ଏବେ ଜାତିସଂଘର ସମୁଦ୍ର ଆଇନ ଧାରା ୩୪ର ସାହାରା ନେଇଛି। ଏହି ଆଇନ ଅନୁଯାୟୀ, ଯେକୌଣସି ପ୍ରଣାଳୀ ଆନ୍ତର୍ଜାତୀୟ ନୌପରିବହନ ପାଇଁ ସମ୍ପୂର୍ଣ୍ଣ ଖୋଲା। ଏହାକୁ ବନ୍ଦ କରାଯାଇପାରିବ ନାହିଁ, ଅର୍ଥାତ୍ ଯେଉଁ ଦେଶ ଅଧୀନରେ ଏହି ପ୍ରଣାଳୀ ପଡ଼ିଥାଏ, ସେ ଦେଶ ଜାହାଜଗୁଡ଼ିକର ଗତିକୁ ଅବରୋଧ କରିପାରିବ ନାହିଁ। ଏହା ସ୍ପଷ୍ଟ କରେ ଯେ, ପ୍ରଣାଳୀର ଜଳକ୍ଷେତ୍ର, ସମୁଦ୍ରତଟ ଏବଂ ଆକାଶପଥ ସେହି ଦେଶ ଦ୍ୱାରା ନିୟନ୍ତ୍ରିତ ହେବ ଯାହାର ଉପକୂଳ ଏହା ନିକଟରେ ରହିଥିବ। ଆନ୍ତର୍ଜାତୀୟ ସାମୁଦ୍ରିକ ଆଇନର ଧାରା ୭୯ ଅନୁଯାୟୀ କୌଣସି ଦେଶର ଜଳସୀମାରେ କେବୁଲ ବିଛାଇବା ପାଇଁ ଅନୁମୋଦନ ଆବଶ୍ୟକ। ଇରାନ ଏବେ ଏହି ଆଇନକୁ ବ୍ୟବହାର କରିବାକୁ ଚାହୁଁଛି। ହର୍ମୁଜ୍‌ରେ ବିଛାଯାଇଥିବା କେବୁଲର ଏକ ବଡ଼ ଅଂଶ ଇରାନର କ୍ଷେତ୍ରୀୟ ଜଳସୀମା ଦେଇ ଯାଇଛି। ଯଦି କେବୁଲ କ୍ଷତିଗ୍ରସ୍ତ ହୁଏ, ତେବେ ଏହାକୁ ମରାମତି କରିବା ପାଇଁ ଇରାନର ଅନୁମତି ଆବଶ୍ୟକ ହେବ। ଏଥିପାଇଁ ଇରାନ ଏକ ଦୁଇ ପର୍ଯ୍ୟାୟ ଯୋଜନା ପ୍ରସ୍ତୁତ କରିଛି,ଯାହା ଅନୁଯାୟୀ ମେଟା, ଆମାଜନ ଏବଂ ମାଇକ୍ରୋସଫ୍ଟ ଭଳି ବଡ଼ ଟେକ୍ କମ୍ପାନିଗୁଡ଼ିକୁ ଡାଟା ପଠାଇବା ପାଇଁ ଇରାନରୁ ଅନୁମତି ନେବାକୁ ପଡିବ ଏବଂ ବାର୍ଷିକ ଶୁଳ୍କ ଦେବାକୁ ପଡିବ। କେବୁଲଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ମରାମତି କେବଳ ଇରାନୀ କମ୍ପାନିଗୁଡ଼ିକୁ ପ୍ରଦାନ କରାଯିବ। ଏହା କେବଳ ଇରାନକୁ ଆର୍ଥିକ ସମ୍ବଳ ଯୋଗାଇବ ନାହିଁ ବରଂ କେବୁଲଗୁଡ଼ିକର ଭୌତିକ ସୁରକ୍ଷା ଏବଂ ତଥ୍ୟ ସ୍ଥାନାନ୍ତର ଉପରେ ଏହାର ତଦାରଖକୁ ମଧ୍ୟ ବୃଦ୍ଧି କରିବ। ଏହା ଦ୍ୱାରା ଡିଜିଟାଲ୍ ଅର୍ଥନୀତି ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେବ। ଏହି ଧମକ ସ୍ପଷ୍ଟ ଭାବରେ ସୂଚାଇ ଦିଏ ଯେ, ଯଦି ଇରାନକୁ ଟିକସ ଦେବାରେ କେ ?ଣସି ଦେଶ ବିଫଳ ହୁଏ, ତେବେ ସମୁଦ୍ର ତଳେ ଥିବା ସମ୍ପୃକ୍ତ ଦେଶର ଯୋଗାଯୋଗ କେବୁଲଗୁଡ଼ିକୁ ଟାର୍ଗେଟ କରାଯିବ ଏବଂ କାଟି ଦିଆଯାଇପାରେ। ଯଦି ଇରାନକୁ ଡାଟା ସ୍ଥାନାନ୍ତର ପାଇଁ ଟିକସ ଦିଆ ନ ଯାଏ, ତେବେ ଇରାନ ଆରବ ବିଶ୍ୱରେ ଏକ ଡିଜିଟାଲ ବ୍ଲାକଆଉଟ୍ ଯୋଜନା କରିଛି। ହର୍ମୁଜ୍ ପ୍ରଣାଳୀରେ ପାଣି ତଳେ ଯୋଗାଯୋଗ କେବୁଲଗୁଡ଼ିକୁ କାଟି ଏହି ଯୋଜନା ସଫଳ କରିବ। ଇରାନ ଜାଣେ ଯେ ୟୁରୋପୀୟ କିମ୍ବା ଆରବ ଦେଶଗୁଡ଼ିକ କୌଣସି ମୂଲ୍ୟରେ ଏହି କେବୁଲଗୁଡ଼ିକୁ କ୍ଷତି ପହଞ୍ଚାଇବାକୁ ଦେବେ ନାହିଁ। ତେଣୁ, ଇରାନର ସର୍ତ୍ତଗୁଡ଼ିକୁ ଗ୍ରହଣ କରିବା ବ୍ୟତୀତ ସେମାନଙ୍କର ଅନ୍ୟ କୌଣସି ବିକଳ୍ପ ପନ୍ଥା ନାହିଁ।

## ପଲାନିସ୍ୱାମୀଙ୍କ ଇସ୍ତଫା ଦାବି କଲେ ଶନମୁଗମଙ୍କ ନେତୃତ୍ୱାଧୀନ ଗୋଷ୍ଠୀ



ଚେନ୍ନାଇ: ତାମିଲନାଡୁ ବିଧାନସଭା ନିର୍ବାଚନରେ ଦଳର ପରାଜୟ ପରେ ଏଆଇଏଡିଏମ୍‌କେ ମଧ୍ୟରେ ଅଶାନ୍ତିର ନୂତନ ସଙ୍କେତ ଦେଖାଦେଇଛି। ବିଧାୟକ ଏବଂ ପୂର୍ବତନ ମନ୍ତ୍ରୀମାନଙ୍କର ଏକ ଗୋଷ୍ଠୀ ଦଳର ମୁଖ୍ୟ ଏଡାପ୍ପାଡି କେ ପଲାନିସ୍ୱାମୀଙ୍କ ଇସ୍ତଫା ଦାବି କରିଛନ୍ତି ବୋଲି ସୂତ୍ରରୁ ଜଣାପଡିଛି। ତଥାପି,ସୂତ୍ରଗୁଡ଼ିକ ଆହୁରି କହିଛନ୍ତି ଯେ ଦଳର ବିଭିନ୍ନ ବର୍ଗର ଚାପ ସତ୍ତ୍ୱେ ପଲାନିସ୍ୱାମୀ ଇସ୍ତଫା ଦେବାକୁ ଇଚ୍ଛୁକ ନୁହଁନ୍ତି। ଏଆଇଏଡିଏମ୍‌କେର ଶୀର୍ଷ ସୂତ୍ର ଅନୁଯାୟୀ , ଦଳର ବରିଷ୍ଠ ନେତା ସିଭି ଶାନମୁଗମଙ୍କ ସହ ମିଳିତ ବିଧାୟକ ଏବଂ ପୂର୍ବତନ ମନ୍ତ୍ରୀ ପଲାନିସ୍ୱାମୀଙ୍କୁ ଜଣାଇ ଦେଇଛନ୍ତି ଯେ, ସେମାନେ ଲଗାତାର ଚାରି ଥର ନିର୍ବାଚନୀ ପରାଜୟ ପରେ ତାଙ୍କ ନେତୃତ୍ୱକୁ ଆଉ ଗ୍ରହଣ କରିବାକୁ ରାଜି ନୁହଁନ୍ତି।

୨୩ ଏପ୍ରିଲରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଏଆଇଏଡିଏମ୍‌କେ ୨୩୪ ଆସନରୁ ମାତ୍ର ୪୭ଟି ଜିତିବାରେ ସଫଳ ହୋଇଥିଲା। ୨୦୨୧ ନିର୍ବାଚନରେ, ଦଳକୁ ଏକ ଦଶନ୍ଧି ପରେ ଡିଏମ୍‌କେ ନେତୃତ୍ୱାଧୀନ ମେଣ୍ଟ ଦ୍ୱାରା କ୍ଷମତାରୁ ବାହାର କରାଯାଇଥିଲା। ସେତେବେଳେ ଦଳକୁ ମାତ୍ର ୭୫ଟି ଆସନ ମିଳିଥିଲା। ୨୦୧୯ ଲୋକସଭା ନିର୍ବାଚନରେ ଦଳ ରାଜ୍ୟର ୩୯ଟି ଆସନ ମଧ୍ୟରୁ କେବଳ ଗୋଟିଏ ଜିତିଥିଲା ଏବଂ ୨୦୨୪ ସଂସଦୀୟ ନିର୍ବାଚନରେ ଖାତା ଖୋଲି ପାରିନଥିଲା।

ସୂତ୍ର ଅନୁଯାୟୀ, ବାରମ୍ବାର ନିର୍ବାଚନୀ ପରାଜୟ ଏଆଇଏଡିଏମ୍‌କେ କର୍ମୀଙ୍କ ମନୋବଳକୁ ପ୍ରଭାବିତ କରିଛି ଏବଂ ନେତୃତ୍ୱର ରାଜନୈତିକ ରଣନୀତି ଉପରେ ଆଭ୍ୟନ୍ତରୀଣ ଅସନ୍ତୋଷ ବୃଦ୍ଧି କରିଛି। ପଲାନିସ୍ୱାମୀଙ୍କ ଶିବିର ଏବଂ ଶନମୁଗମଙ୍କ ସହିତ ମିଳିତ ନେତାମାନଙ୍କ ମଧ୍ୟରେ ବଢୁଥିବା ବିଭାଜନ ଏଆଇଏଡିଏମ୍‌କେ ମଧ୍ୟରେ ସମ୍ଭାବ୍ୟ ବିଭାଜନର ଆଶଙ୍କାକୁ ବଢ଼ାଇଛି। ପୂର୍ବରୁ ଏକ ଚର୍ଚ୍ଚା ହୋଇଥିଲା ଯେ, ଶନମୁଗମଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ଅଭିନେତା-ରାଜନେତା ବିଜୟଙ୍କ ତାମିଲାଗା ଭେଟ୍ରି କାଝାଗମ (ଟିଭିକେ)ସହିତ ମେଣ୍ଟ କରିପାରେ। ଯେତେବେଳେ ଟିଭିକେ ବହୁମତ ସଂଖ୍ୟା ଅତିକ୍ରମ କରିବାରେ ଲାଗିଥିଲେ, ବିଜୟଙ୍କ ନେତୃତ୍ୱାଧୀନ ଦଳ ସହିତ ମେଣ୍ଟ କରିବାର ବଢୁଥିବା ଚର୍ଚ୍ଚା ମଧ୍ୟରେ ଶାନମୁଗମଙ୍କ ସମେତ ୩୦ରୁ ଅଧିକ ବିଧାୟକ ଗତ ସପ୍ତାହରେ ପୁଡୁଚେରୀର ଏକ ରିସର୍ଟରେ ଡେରା ପକାଇଥିଲେ । ପରେ ପଲାନିସ୍ୱାମୀ ତାଙ୍କ ଦଳକୁ ଏକଜୁଟ ରଖିବା ପାଇଁ ରିସର୍ଟକୁ ପଠାଯାଇଥିବା କହିଥିଲେ। ଏପରି ମଧ୍ୟ ରିପୋର୍ଟ ଥିଲା ଯେ, ଡିଏମ୍‌କେ ଏବଂ ଏଆଇଏଡିଏମ୍‌କେ ମଧ୍ୟରେ ପରଦା ପଛରେ ଆଲୋଚନା ଆରମ୍ଭ ହୋଇଛି। ଯାହା ଶନମୁଗମଙ୍କୁ ବିରକ୍ତ କରିଥିଲା ଏବଂ ତାଙ୍କୁ ଟିଭିକେ ନେତୃତ୍ୱାଧୀନ ସରକାର ସହିତ ହାତ ମିଳାଇବାକୁ ନିଷ୍ପତ୍ତି ନେବାକୁ ପ୍ରେରଣା ଦେଇଥିଲା।

## ଏସ୍‌ଆଇଆର୍ ଉପରେ ଉତ୍ତର ଦେବା ଜରୁରୀ ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ନେଇ ପ୍ରଶ୍ନ ଉଠାଇଲେ ଶଶି ଥରୁର



ୱାସିଂଟନ: ଆମେରିକାର କାଲିଫର୍ନିଆରେ ଷ୍ଟାନଫୋର୍ଡ ଇଣ୍ଡିଆ ସମ୍ମିଳନୀରେ 'ଇଣ୍ଡିଆ, ଦ୍ୟାଟ୍ ଇଜ୍ ଇଣ୍ଡିଆ-ଗ୍ରୋଥ୍,ଗଭର୍ଣ୍ଣେନ୍ସ ଆଣ୍ଡ ଆଇଡିଣ୍ଟିଟି' ଶୀର୍ଷକ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ନେତା ତଥା ସାଂସଦ ଶଶି ଥରୁର, ବିଜେପି ନେତା ଅନ୍ନାମଲାଇ ଏବଂ ତେଜସ୍ୱୀ ସୂର୍ଯ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ସମୟରେ ଦେଶର ଅନେକ ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ, ଏସ୍‌ଆଇଆର୍, ଲୋକସଭାରେ ଆସନ ସଂଖ୍ୟା ଏବଂ ସଂସଦରେ ଦକ୍ଷିଣ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ ଶଶି ଥରୁର ସଦ୍ୟ ସମାପ୍ତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମ୍ପର୍କରେ ସରକାରଙ୍କ ଉପରେ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ଭୋଟର ତାଲିକାରୁ ବହୁ ସଂଖ୍ୟକ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ଆବେଦନ ଯାଞ୍ଚ କରିବାରେ ବିଳମ୍ବ ରାଜ୍ୟର ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିଛି। ପ୍ରାୟ ୯୧ ଲକ୍ଷ ଭୋଟରଙ୍କୁ ଏସ୍‌ଆଇଆର୍‌ରୁ ବାଦ୍ ଦିଆଯାଇଛି। ସେଥିମଧ୍ୟରୁ ୩୪ ଲକ୍ଷ ଭୋଟର ନିଜକୁ ପ୍ରକୃତ ଭୋଟର ବୋଲି ଦାବି କରି ଅପିଲ୍ ଦାଖଲ କରିଛନ୍ତି। ଏସ୍‌ଆଇଆର୍ ବିଷୟରେ କିଛି ପ୍ରଶ୍ନ ଅଛି ଯାହାର ଉତ୍ତର ଦେବା ଜରୁରୀ। ପରବର୍ତ୍ତୀ ସମୟରେ ଏହା ପ୍ରକାଶ ପାଇପାରେ ଯେ, ବାକି ବର୍ଷଗୁଡ଼ିକରେ ପ୍ରାୟ ୩୧-୩୨ ଲକ୍ଷ ଲୋକ ପ୍ରକୃତରେ ଯୋଗ୍ୟ ଭୋଟର ଥିଲେ, କିନ୍ତୁ ମାମଲାଟି ଶୁଣାଣି ଚାଲିଥିବା ବେଳେ, ସେମାନେ ଭୋଟ୍ ଦେବାର ସୁଯୋଗ ହରାଇଛନ୍ତି। ବିଜେପି ପଶ୍ଚିମବଙ୍ଗଳରେ ୩୦ ଲକ୍ଷ ଭୋଟ ବ୍ୟବଧାନରେ ଜିତିଥିଲା। ଏହା କ'ଣ ସମ୍ପୂର୍ଣ୍ଣ ନିରପେକ୍ଷ ଏବଂ ଗଣତାନ୍ତ୍ରିକ କେରଳ ନିର୍ବାଚନ ଫଳାଫଳ ବିଷୟରେ କହିଛନ୍ତି, ନାମଗୁଡ଼ିକୁ ହଟାଇବା କଂଗ୍ରେସକୁ ଲାଭ ଦେଇଥିଲା, କାରଣ ସିପିଆଇଏମ୍ ଦୀର୍ଘ ସମୟ ଧରି ଦୁଇଗୁଣା, ତିନିଗୁଣା ଏବଂ ଚାରିଗୁଣା ନାମାଙ୍କନ ଦାଖଲ କରିବାରେ ପାରଙ୍ଗମ ଥିଲା। ଏହା ବାରମ୍ବାର ଘଟୁଥିଲା। ତେଣୁ, ଏସ୍ ?ଆଇଆର୍ ? ମାଧ୍ୟମରେ ସେମାନଙ୍କୁ ତାଲିକାରୁ ହଟାଇ ଦିଆଯାଇଥିଲା। ଆମେ ଏପରି ଏକ ପରିସ୍ଥିତିର ସମ୍ମୁଖୀନ ହେଉଛୁ ଯେଉଁଠାରେ ଉତ୍ତର ରାଜ୍ୟଗୁଡ଼ିକ ଜନସଂଖ୍ୟାରେ ଏକ ବିରାଟ ବୃଦ୍ଧି ପାଇଛି। ଏଠାରେ ପ୍ରତ୍ୟେକ ସାଂସଦ ଦକ୍ଷିଣ ରାଜ୍ୟଗୁଡ଼ିକର ସାଂସଦଙ୍କ ତୁଳନାରେ ବହୁତ ଅଧିକ ଲୋକଙ୍କ ପ୍ରତିନିଧିତ୍ୱ କରନ୍ତି। ଦକ୍ଷିଣ ରାଜ୍ୟଗୁଡ଼ିକ ଅନୁଭବ କରିବେ ଯେ ସେମାନଙ୍କ ଅଧିକାର ଛଡ଼ାଇ ନିଆଯାଇଛି। କାରଣ ଉତ୍ତର ରାଜ୍ୟଗୁଡ଼ିକର ଅନେକ ପ୍ରସଙ୍ଗରେ ସମ୍ପୂର୍ଣ୍ଣ ବହୁମତ ହେବ, ଏବଂ ସମ୍ଭବତଃ ଖୁବ୍ ଶୀଘ୍ର ଦୁଇ-ତୃତୀୟାଂଶ ବହୁମତ ହେବ, ଏବଂ ସେମାନେ ଅନ୍ୟମାନଙ୍କ ଉପରେ ସେମାନଙ୍କର ମତାମତ ଲଦି ପାରିବେ ବୋଲି ସେ କହିଥିଲେ। ପ୍ରତିବର୍ଷ, କେହି ନା କେହି ହିନ୍ଦୀକୁ ଜାତୀୟ ଭାଷା କରିବା ପାଇଁ ଏକ ଆଇନ ପାସ କରିବାକୁ ଚେଷ୍ଟା କରିବେ, ଏବଂ ତାମିଲ ଭାଷାଭାଷୀ ଲୋକମାନେ ଉଠି ଏହାର ତୀବ୍ର ବିରୋଧ କରିବେ। ଏନେଇ ବିଜେପି ନେତା ଆନ୍ନାମାଲାଇ ପ୍ରତିକ୍ରିୟା ଦେଇଥିଲେ, ଜନଗଣନା ତଥ୍ୟ ଅନୁଯାୟୀ, ଉତ୍ତର ଭାରତ ଅଧିକ ପ୍ରତିନିଧିତ୍ୱ ପାଇବା ଯୋଗ୍ୟ। ଚେତାବନୀ ଦେଇ ଶଶି ଥରୁର କହିଥିଲେ, ସୀମା ନିର୍ଦ୍ଧାରଣ ପରେ ଦକ୍ଷିଣ ଭାରତ ବଞ୍ଚିତ ହୋଇଥିବାର ଅନୁଭବ କରିପାରେ। ଶଶି ଥରୁର ଉତ୍ତର ପ୍ରଦେଶର ଜନସଂଖ୍ୟା ବିଷୟରେ ସେ କହିଥିଲେ, ୨୮ କୋଟି ଜନସଂଖ୍ୟା ବିଶିଷ୍ଟ ଉତ୍ତର ପ୍ରଦେଶ ଭଳି ରାଜ୍ୟ ରହିବା କ'ଣ ଯୁକ୍ତିଯୁକ୍ତ ? ଆମେ ରାଜ୍ୟ ପୁନର୍ଗଠନ କମିସନକୁ ଅଧିକ କ୍ଷମତା ଦେବା ଉଚିତ୍ ନୁହେଁ କି ? ଯେତେବେଳେ ମାୟାବତୀ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଥିଲେ, ସେ ଉତ୍ତର ପ୍ରଦେଶକୁ ଚାରୋଟି ପୃଥକ ରାଜ୍ୟରେ ବିଭକ୍ତ କରିବା ପାଇଁ ଏକ ପ୍ରସ୍ତାବ ପାରିତ କରିଥିଲେ।

## କାଗଜରେ ସହର ହେଲା ୩୫୨ ଗାଁ ମୌଳିକ ସୁବିଧାରୁ ବଞ୍ଚିତ ସ୍ଥାନୀୟ ଲୋକ


ନୂଆଦିଲ୍ଲୀ: ଦିଲ୍ଲୀର ଇତିହାସରେ ଏକ ବଡ଼ ପ୍ରଶାସନିକ ପରିବର୍ତ୍ତନ ଘଟିଛି। ରାଜଧାନୀର ସମସ୍ତ ୩୫୨ଟି ଗାଁକୁ ସରକାରୀ ସ୍ତରରୁ ସହରାଞ୍ଚଳ ଭାବେ ଘୋଷଣା କରାଯାଇଛି। ଏହା ସହିତ ଦିଲ୍ଲୀରେ "ଗାଁ" ବୋଲି କୌଣସି ପ୍ରଶାସନିକ ଅସ୍ତିତ୍ୱ ଆଉ ବାକି ରହିଲା ନାହିଁ। କିନ୍ତୁ ଏହି ପରିବର୍ତ୍ତନ ହୋଇଛି କେବଳ କାଗଜପତ୍ରରେ। କାରଣ ସହର ହୋଇଯାଇଥିବା ଏହି ଗାଁଗୁଡ଼ିକ ଆଜିବି ମୌଳିକ ସୁବିଧା ପାଇଁ ସଂଘର୍ଷ କରୁଛନ୍ତି। ସଂକୀର୍ଣ୍ଣ ରାସ୍ତା, ଭଙ୍ଗା ଡ୍ରେନେଜ୍, ପାର୍କିଂ ସମସ୍ୟା ଓ ଅନିୟମିତ ନିର୍ମାଣ ଏବେ ବି ଲୋକଙ୍କ ଦୈନିକ ଜୀବନର ଅଂଶ ହୋଇ ରହିଛି।

୧୯୬୩ ମସିହାରେ ପ୍ରଥମ ମାଷ୍ଟର ପ୍ଲାନ୍ କାର୍ଯ୍ୟକାରୀ ହେବା ପରେ ଦିଲ୍ଲୀର ଗ୍ରାମଗୁଡ଼ିକୁ ସହରାଞ୍ଚଳରେ ପରିଣତ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମେ ୧୯ଟି ଗାଁକୁ ସହରାଞ୍ଚଳ ଘୋଷଣା କରାଯାଇଥିଲା। ପରେ ବିଭିନ୍ନ ପର୍ଯ୍ୟାୟରେ ଏହି ସଂଖ୍ୟା ବଢି ? ଚାଲିଥିଲା। ୨୦୧୭ରେ ୮୯ଟି, ୨୦୧୯ରେ ୭୯ଟି ଏବଂ ଏବେ ୨୦୨୬ରେ ଶେଷ ୪୮ଟି ଗାଁକୁ ମଧ୍ୟ ସହରାଞ୍ଚଳ ଘୋଷଣା କରାଯାଇଛି। ଦିଲ୍ଲୀ ପୌର ନିଗମ(ଗଡଉ) ଏହି ସମଗ୍ର ପ୍ରକ୍ରିୟାକୁ ଆଠଟି ପର୍ଯ୍ୟାୟରେ ସମାପ୍ତ କରିଛି। ତେବେ ସହରୀକରଣର ଏହି ଦାବି ଭିତରେ ଲୁଚିଛି ଗାଁଲୋକଙ୍କ ଅସନ୍ତୋଷ। ପୂର୍ବତନ ସାଂସଦ ଚୌଧୁରୀ ତାରିଫ ସିଂହଙ୍କ କହିବା ଅନୁସାରେ, ଗାଁକୁ ସହର କରିବାର ମୂଳ ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ସହର ଭଳି ସୁବିଧା ଯୋଗାଇବା, କିନ୍ତୁ ଆଜିବି ଅନେକ ଗାଁରେ ଲୋକେ ଭଲ ରାସ୍ତା, ଡ୍ରେନେଜ୍ ଓ ପାର୍କିଂ ସୁବିଧା ପାଇଁ ଅପେକ୍ଷା କରୁଛନ୍ତି। ଏହି ସମୟରେ, ପୂର୍ବତନ ମେଟ୍ରୋପଲିଟାନ୍ କାଉନସିଲର ରୋହତାଶ ଡାବାସ କହିଛନ୍ତି ଯେ ସହରୀକରଣ ନାମରେ ଗାଁରେ କେବଳ ଟିକସ ଏବଂ ନିୟମ ଲାଗୁ କରାଯାଇଛି, କିନ୍ତୁ କୌଣସି ସୁବିଧା ଯୋଗାଇ ଦିଆଯାଇନାହିଁ।

ସହରୀକରଣ ପରେ ଗାଁଗୁଡ଼ିକରେ ସମ୍ପତ୍ତି କର, ନିର୍ମାଣ ନିୟମ ଏବଂ ଦିଲ୍ଲୀ ବିକାଶ କର୍ତ୍ତୃପକ୍ଷ(ଡଡଇ)ର ନିୟମ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ, ଲୋକଙ୍କ ପାଇଁ କୌଣସି ବିଶେଷ ସୁବିଧା ସୃଷ୍ଟି ହୋଇନାହିଁ। ଗାଁଲୋକଙ୍କ ଅଭିଯୋଗ ହେଉଛି, ପାରମ୍ପରିକ ଗାଁର ଗଠନକୁ ଧ୍ୟାନରେ ନ ରଖି ସହରୀୟ ନିୟମ ଲାଗୁ କରାଯାଇଥିବାରୁ ଘର ନିର୍ମାଣ କିମ୍ବା ମରାମତି କରିବା ମଧ୍ୟ ଏକ ବଡ଼ ସମସ୍ୟା ହୋଇପଡ଼ିଛି। ସହର ଯୋଜନାକାରୀମାନଙ୍କ ମତରେ, ଦିଲ୍ଲୀର ଗାଁଗୁଡ଼ିକୁ କେବଳ କାଗଜରେ ସହର କରାଯାଇଛି ।କିନ୍ତୁ ତୃଣମୂଳ ସ୍ତରରେ ସେହି ଅନୁସାରେ ବିକାଶ ହୋଇପାରିନାହିଁ। ଗାଁର ସାମାଜିକ ଓ ଐତିହାସିକ ପରିଚୟକୁ ରକ୍ଷା କରି ବିକାଶର ଅଲଗା ମଡେଲ ତିଆରି ହୋଇନଥିବାରୁ, ଏହି ଅଞ୍ଚଳଗୁଡ଼ିକ ନା ପୂରାପୁରି ଗ୍ରାମାଞ୍ଚଳ ରହିପାରିଲା ନା ଆଧୁନିକ ସହରର ରୂପ ନେଇପାରିଲା।

ଦିଲ୍ଲୀ ପଞ୍ଚାୟତ ସଂଘର ମୁଖ୍ୟ ଥାନ ସିଂହ ଯାଦବ କହିଛନ୍ତି ଯେ ସରକାର ଏବଂ ସମ୍ପୃକ୍ତ ସଂସ୍ଥାଗୁଡ଼ିକ କେବଳ ଗ୍ରାମଗୁଡ଼ିକୁ ସହରାଞ୍ଚଳ ଘୋଷଣା କରିବାରେ ନିଜକୁ ସୀମିତ ରଖିବା ଉଚିତ ନୁହେଁ। ବରଂ ସେହି ଅନୁଯାୟୀ ଭିତ୍ତିଭୂମି, ପାର୍କିଂ, ରାସ୍ତା, ଡ୍ରେନେଜ୍, ସାମୁଦାୟିକ ସୁବିଧା ଏବଂ ନିଯୁକ୍ତି ସୁଯୋଗ ବିକାଶ କରିବା ଉପରେ ଧ୍ୟାନ ଦେବା ଉଚିତ।

## ଟ୍ରମ୍ପ ଇରାନର ଶାନ୍ତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପରେ ଅଶୋଧିତ ତୈଳ ଦରରେ ୪% ବୃଦ୍ଧି



ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକାର ଶାନ୍ତି ପ୍ରସ୍ତାବ ପ୍ରତି ଇରାନର ସଦ୍ୟତମ ପ୍ରତିକ୍ରିୟାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିଛନ୍ତି। ଫଳରେ ଶାନ୍ତି ଆଲୋଚନା ବାଧାପ୍ରାପ୍ତ ହୋଇଛି। ଏହା ପ୍ରଭାବରେ ତୈଳ ଦର ବୃଦ୍ଧି ପାଇଛି, ହର୍ମୁଜ୍ ପ୍ରଣାଳୀ ପ୍ରଭାବଶାଳୀ ଭାବରେ ବନ୍ଦ ରହିଛି, ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ) ଏବଂ ବ୍ରେଣ୍ଟ ଦର ବୃଦ୍ଧି ପାଇଥିବାବେଳେ ସୁନା ଦର ହ୍ରାସ ପାଇଛି। ଟ୍ରମ୍ପ ଇରାନର ସଦ୍ୟତମ ପ୍ରତିକ୍ରିୟାକୁ ପ୍ରତ୍ୟାଖ୍ୟାନ କରିବା ପରେ, ଅସ୍ତ୍ରବିରତି ନେଇ ଭାଙ୍ଗିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରାଯିବାରୁ ସୋମବାର ଅଶୋଧିତ ତୈଳ ଦର ଦ୍ରୁତ ଗତିରେ ବୃଦ୍ଧି ପାଇ ବ୍ୟାରେଲ ପିଛା ୧୦୫ ଡଲାରରେ ପହଞ୍ଚିଛି। ପ୍ରସ୍ତାବ ପ୍ରତ୍ୟାଖ୍ୟାନ ପରେ ଡବ୍ଲ୍ୟୁଟିଆଇ ଅଶୋଧିତ ତୈଳର ଦର ଅନ୍ତର୍ଜାତୀୟ ବଜାରରେ ୪ ପ୍ରତିଶତ ବୃଦ୍ଧି ପାଇ ପୁଣି ଥରେ ପ୍ରତି ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁଛି। ସେହିପରି ବ୍ରେଣ୍ଟ ଅଶୋଧିତ ତୈଳର ଦର ବ୍ୟାରେଲ ପିଛା ୧୦୫ ଛୁଇଁଛି। ଏହି ଘଟଣା ପରେ ସୁନା ଦର ସୋମବାର ଦିନ ଆଉନ୍ସ ପ୍ରତି ୪,୭୦୦ ଡଲାର ହ୍ରାସ ପାଇଛି, ଯାହା ଗତ ସପ୍ତାହର ଲାଭକୁ ହ୍ରାସ କରିଛି। ବଜାରରେ ସୁଧାର ୧୦ ସପ୍ତାହ ଧରି ଚାଲିଥିବା ଯୁଦ୍ଧର ଶାନ୍ତି ସମାଧାନର ଆଶାରେ ଆସିଥିଲା। ପଶ୍ଚିମ ଏସିଆରେ ଶାନ୍ତି ଆଶା ମଉଳିଯିବାରୁ ଷ୍ଟକ୍ ବଜାରରେ ମଧ୍ୟ ବିପର୍ଯ୍ୟୟର ପ୍ରଭାବ ଦେଖିବାକୁ ମିଳିଛି। ପ୍ରାରମ୍ଭିକ କାରବାରରେ ବିଏସ୍‌ଇ ସେନସେକ୍ସ ୧,୦୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଛି, ଯେତେବେଳେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୫୦ ସୂଚକାଙ୍କ ୩୦୦ ପଏଣ୍ଟରୁ ଅଧିକ ହ୍ରାସ ପାଇଛି। ପୂର୍ବାହ୍ନ ୯:୪୦ ରେ, ସେନସେକ୍ସ ୧,୦୪୫.୪୫ ପଏଣ୍ଟ ଅର୍ଥାତ୍ ୧.୩୫% ହ୍ରାସ ପାଇ ୭୬,୨୮୨.୭୪ରେ କାରବାର କରୁଥିଲା। ନିଫ୍ଟି ୨୮୮.୩୦ ପଏଣ୍ଟ ଅର୍ଥାତ୍ ୧.୧୯% ହ୍ରାସ ପାଇ ୨୩,୮୮୭.୮୫ରେ ପହଞ୍ଚିଛି। ଭାରତୀୟ ଟଙ୍କା ମଧ୍ୟ ଡଲାର ତୁଳନାରେ ୦.୪% ହ୍ରାସ ପାଇ ୯୪.୮୮ରେ ଖୋଲିଛି। ପୂର୍ବ ଅଧିବେଶନରେ ଏହା ୯୪.୪୮ ରେ ବନ୍ଦ ହୋଇଥିଲା। ଏହା ଯୋଗୁ ବିଏସ୍‌ଇ-ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାର ପୁଞ୍ଜି ପ୍ରାୟ ୬ ଲକ୍ଷ କୋଟି ହ୍ରାସ ପାଇ ୪୬୭ ଲକ୍ଷ କୋଟି ହୋଇଛି।

## ଖାଇକୁ ଖସିଲା କାର୍, ୬ ମୃତ

ହିମାଚଳ ପ୍ରଦେଶ : ଚମ୍ବା-ନୁରପୁର ନ୍ୟାସନାଲ ହାଇୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଚମ୍ବା ଜିଲ୍ଲାର କକିରା ସ୍ଥିତ ଘାର ଅଞ୍ଚଳରେ ସକାଳ ୩ଟାରେ ଏକ କାର୍ ଅନିୟନ୍ତ୍ରିତ ହୋଇ ୩୦୦ ମିଟର ଗଭୀର ଖାଇକୁ ଖସିପଡିଥିଲା । ଘଟଣାରେ ୬ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ସୂଚନା ଅନୁସାରେ, ଗୁଜରାଟର କିଛି ପର୍ଯ୍ୟଟକ ସିମଲା ବୁଲିବାକୁ ଆସିଥିଲେ । ଏମାନେ ମଣ୍ଡିରୁ ଏକ ଗାଡ଼ି ଭଡ଼ା କରି ବୁଲୁଥିବା ବେଳେ ଗାଡ଼ିଟି ଅନିୟନ୍ତ୍ରିତ ହୋଇ ୩୦୦ ଫୁଟ ଗଭୀର ଖାଇକୁ ଖସିପଡିଥିଲା । ଦୁର୍ଘଟଣାଗ୍ରସ୍ତ ଗାଡ଼ିରେ ଗୁଜରାଟର ଟୁରିଷ୍ଟ ଥିଲେ । ଏମାନେ ମନାଲୀରୁ ଡଲହୋଜୀ ବୁଲିବାକୁ ଯାଉଥିଲେ । ଦୁର୍ଘଟଣା ସମୟରେ ପ୍ରବଳ ବର୍ଷା ହେଉଥିଲା । ଆଉ ଗାଡିରେ ୧୦ ଜଣ ଲୋକ ଥିଲେ ।

## ୧୩ ରୁ ୧୫ ମେ' ପର୍ଯ୍ୟନ୍ତ ଚୀନ୍ ଗସ୍ତରେ ଯିବେ ଟ୍ରମ୍ପ

ବେଜିଂ/ୱାସିଂଟନ: ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ଏପର୍ଯ୍ୟନ୍ତ ଥମି ନାହିଁ। ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚୀନ୍ ଗସ୍ତର ତାରିଖ ପ୍ରକାଶ ପାଇଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଟ୍ରମ୍ପ ୧୩ ମେ'ରୁ ୧୫ ତାରିଖ ପର୍ଯ୍ୟନ୍ତ ଚୀନ୍‌ରେ ରହିବେ ଏବଂ ବେଜିଂରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାକ୍ଷାତ କରିବେ। ଏବେ ପ୍ରଶ୍ନ ଉଠୁଛି ଯେ, ଟ୍ରମ୍ପ ଏବଂ ଜିନପିଙ୍ଗଙ୍କ ମଧ୍ୟରେ ଏହି ବୈଠକ ଇରାନ ସଙ୍କଟର ସମାଧାନ ପାଇଁ କୌଣସି ରାସ୍ତା ଖୋଲିବ କି ? ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଏହି ବୈଠକ ସମୟରେ ଟ୍ରମ୍ପ ଇରାନ ଏବଂ ରୁଷକୁ ସହାୟତା ବନ୍ଦ କରିବା ପାଇଁ ଚୀନ୍ ଉପରେ ଚାପ ପକାଇବେ। ଆମେରିକା ଅଭିଯୋଗ କରିଛି ଯେ, ଚୀନ୍ ଏପରି ସାମଗ୍ରୀ ଏବଂ ପ୍ରଯୁକ୍ତିବିଦ୍ୟା ଯୋଗାଇ ଦେଉଛି ଯାହା ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି। ଅଧିକାରୀମାନେ କହିଛନ୍ତି, ଟ୍ରମ୍ପ ପୂର୍ବରୁ ସି ଜିନପିଙ୍ଗଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି ଏବଂ ହେବାକୁଥିବା ବୈଠକରେ ମଧ୍ୟ ଏହା ଏକ ପ୍ରମୁଖ ବିଷୟ ହେବ। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ମେ' ୬ ତାରିଖରେ ବେଜିଂରେ ପହଞ୍ଚିଥିଲେ। ସେ ସେଠାରେ ଚୀନ୍ ?ର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ଭେଟିଥିଲେ। ସେବେଠାରୁ, ଶାନ୍ତି ଚୁକ୍ତିରେ ଚୀନ୍‌ର ଭୂମିକା ଗ୍ରହଣ ନେଇ କଳ୍ପନାଜଳ୍ପନା ଚାଲିଛି। ଆରାଘଚିଙ୍କ ସହ ତାଙ୍କ ସାକ୍ଷାତରେ, ବୈଦେଶିକ ମନ୍ତ୍ରୀ ୱାଙ୍ଗ ଶାନ୍ତି ଆଲୋଚନାକୁ ସହଜ କରିବା ଏବଂ ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରାଇ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ୪୦ ଦିନିଆ ଆମେରିକା-ଇରାନ ବିବାଦ ସମୟରେ, ଚୀନ୍ ଏହି ଅଞ୍ଚଳରେ ଶାନ୍ତି ପାଇଁ ନିବେଦନ କରିଥିଲା ଏବଂ ଆମେରିକାକୁ ସମାଲୋଚନା କରିଥିଲା। ୫ ମେ'ରେ, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଥିଲେ ଯେ, ସେ ଆଶା କରୁଛନ୍ତି ଚୀନ୍ ଇରାନକୁ ହର୍ମୁଜ୍ ପ୍ରଣାଳୀ ଉପରେ ନିଜର ନିୟନ୍ତ୍ରଣ କୋହଳ କରିବା ପାଇଁ ଚାପ ପକାଇବ। ତଥାପି, ପ୍ରଶ୍ନ ହେଉଛି ଯେ, ବେଜିଂ ଦୁଇ ପକ୍ଷ ମଧ୍ୟରେ ଶାନ୍ତି ଆରମ୍ଭ କରିବା ପାଇଁ କେତେ ଚାପ ପ୍ରୟୋଗ କରିବାକୁ ଇଚ୍ଛୁକ, କାରଣ ସି ଜିନପିଙ୍ଗ ଚୀନ୍ ?କୁ ଆମେରିକାର ବିକଳ୍ପ ଭାବରେ ସ୍ଥାପନ କରିବାକୁ ଚେଷ୍ଟା କରୁଛନ୍ତି। କିଛି ଦିନ ପୂର୍ବରୁ, ଆମେରିକା ଅନେକ ଚୀନ୍ କମ୍ପାନି ଉପରେ ନୂତନ କଟକଣା ଲଗାଇଥିଲା।

# ରାଜନଗର ବାବା ସ୍ୱପନେଶ୍ୱର କ୍ରିକେଟ କ୍ଲବର ୨୫ ତମ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ରାଜନଗର ,୧୧।୦୫: ରାଜନଗର ବାବା ସ୍ୱପନେଶ୍ୱର କ୍ରିକେଟ କ୍ଲବର ଆନୁକୂଲ୍ୟର ରାଜନଗର ଠାରେ ୨୫ ତମ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍ ?ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚରେ ତରପଦା କ୍ରିକେଟ କ୍ଲବ ୬୪ ରନରେ ଜରିମୂଳ କ୍ରିକେଟ କ୍ଲବକୁ ପରାସ୍ତ କରି ବିଜୟଲାଭ କରିଛି । ପ୍ରଥମେ ତରପଦା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୫ ଓଭରରେ ୫ ଉଇକେଟ ବିନିମୟରେ ୬୪ ରନ ସଂଗ୍ରହ କରିଥିଲା । ଜବାବରେ ଜରିମୂଳ ଟିମ୍ ନିର୍ଦ୍ଧାରିତ ଓଭରରେ ସମସ୍ତ ୬ ଉଇକେଟ ହରାଇ ମାତ୍ର ୪୭ ରନ କରି ପରାଜିତ ହୋଇଥିଲା। ସମାଜସେବୀ ସରୋଜ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଭୟ ଟିମ୍‌ର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।ସୋମ୍ୟରଞ୍ଜନ ଦାସ ଓ ଦୀପକ ସେଠି ମ୍ୟାଚ ପରିଚାଳନା କରିଥିଲେ।




# ମୁମ୍ବାଇକୁ ପରାସ୍ତ କଲା ବେଙ୍ଗାଲୁରୁ

ରାୟପୁର,୧୧।୫: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୫୪ତମ ମ୍ୟାଚ୍ ରୋମାଞ୍ଚକର ହୋଇଛି। ଶେଷ ବଲରେ ବେଙ୍ଗାଲୁରୁ ୨ ରନ୍ ସଂଗ୍ରହ କରି ଏହି ମ୍ୟାଚ୍ ଜିତିଛି। ବେଙ୍ଗାଲୁରୁକୁ ଏହି ମ୍ୟାଚ୍ ଜିତିବା ପାଇଁ ୧୬୭ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। କିନ୍ତୁ ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ବେଙ୍ଗାଲୁରୁ ୨୦ ଓଭରରେ ୮ଟି ୱିକେଟ ହରାଇ ଆବଶ୍ୟକ ରନ୍ ହାସଲ କରିଛି। ଭୁବନେଶ୍ୱର କୁମାର (୭ରନ୍) ଏବଂ ରସିକ ସାଲମ ଡାର (୩ରନ୍) ଅପରାଜିତ ଫେରିଥିଲେ।ବିରାଟ କୋହଲି, ଦେବଦୂତ୍ତ ପଡ୍ଡିକଲ ଏବଂ ରଜତ ପାଟିଦାର ଅତି ଶସ୍ତାରେ ଆଉଟ୍ ହୋଇଥିଲେ। ବିରାଟ କୋହଲି ଖାତା ଖୋଲି ପାରି ନଥିଲା ବେଳେ ପଡ୍ଡିକଲ ୧୨ ରନ୍ ଏବଂ ଅଧିନାୟକ ରଜତ ପାଟିଦାର ୮ ରନ୍ କରି ଆଉଟ୍ ହୋଇଥିଲେ। ଏହି ଖେଳାଳିମାନେ ୩୯ ରନ୍ ଭିତରେ ଆଉଟ୍ ହୋଇଥିଲେ। ସ୍କୋର ୯୪ ଥିବା ବେଳେ ଜାକୋବ ବେଥେଲ ଆଉଟ ହୋଇଥିଲେ। ସେ ବ୍ୟକ୍ତିଗତ ଭାବେ ୨୭ ରନ୍ ସଂଗ୍ରହ କରିଥିଲେ।



ରାୟପୁରସ୍ଥିତ ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ବେଙ୍ଗାଲୁରୁ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ସୂର୍ଯ୍ୟକୁମାର ଯାଦବଙ୍କ ଟିମ୍ ବ୍ୟାଟିଂ କରିଥିଲା ଏବଂ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୬୬ ରନ୍ ସଂଗ୍ରହ କରିଥିଲା। ମୁମ୍ବାଇ ପାଇଁ ତିଳକ ବର୍ମା ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୨ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ୫୭ ରନ୍ ସଂଗ୍ରହ କରିଥିଲେ। ସେହିପରି ନମନ ଧୀର ୩୨ଟି ବଲ୍ ଖେଳି ୫ଟି ଚୌକା ଏବଂ ୨ଟି ଛକା ବଳରେ ୪୭ ରନ୍ କରିଥିଲେ। ହିଟ୍ ମ୍ୟାନ୍ ରୋହିତ ଶର୍ମା ୨୨ ରନ୍ କରିଥିଲେ। ସେ ୧୦ଟି ବଲ୍ ସାମ୍ନା କରି ୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ।

ମୁମ୍ବାଇର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଦଳ ମାତ୍ର ୪ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ବିସ୍ଫୋରକ ବ୍ୟାଟର ରିୟାନ ରିକେଲ୍ଟନ (୨ ରନ୍) ଅତି ଶସ୍ତାରେ ଆଉଟ୍ ହୋଇଥିଲେ। ସେ ୪ଟି ବଲ୍ ଖେଳି ଭୁବନେଶ୍ୱରଙ୍କ ଦ୍ୱାରା ରଜତ ପାଟିଦାରଙ୍କ ହାତରେ ଆଉଟ୍ ହୋଇଥିଲେ। ସ୍କୋର ୨୮ ରନ୍‌ରେ ରୋହିତ ଶର୍ମା ଏବଂ ସୂର୍ଯ୍ୟକୁମାର ଯାଦବଙ୍କୁ ବେଙ୍ଗାଲୁରୁ ଆଉଟ୍ କରିଥିଲଶ। ଚତୁର୍ଥ ୱିକେଟରେ ଯଦିଓ ୮୮ ରନ୍‌ର ଭାଗିଦାରୀ ହୋଇଥିଲା, ପରବର୍ତ୍ତୀ ସମୟରେ ସ୍କୋର ଧିମା ଗତିରେ ବିଥିଲା।

ବେଙ୍ଗାଲୁରୁ ପାଇଁ ଭୁବନେଶ୍ୱର କୁମାର ସର୍ବଶ୍ରେଷ୍ଠ ବୋଲିଂ କରିଥିଲେ। ସେ ୪ ଓଭରରେ ୪ଟି ୱିକେଟ୍ ନେଇଥିଲେ। ଜୋସ ହେଜଲଉଡ୍, ରସିକ ସାଲମ ଡାର ଏବଂ ରୋମାରିଓ ଶେଫର୍ଡ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ବିବାହର ୧୦ବର୍ଷ ପରେ କନ୍ୟା ସନ୍ତାନର ବାପା ହେଲେ ସୂର୍ଯ୍ୟକୁମାର

ନୂଆଦିଲ୍ଲୀ,୧୧।୫: : ଭାରତୀୟ ଟି-୨୦ର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କ ପ୍ରଶଂସକଙ୍କୁ ଏକ ଖୁସି ଖବର ଦେଇଛନ୍ତି। ବିବାହର ୧୦ବର୍ଷ ପରେ ସୂର୍ଯ୍ୟକୁମାର ବାପା ହେବାର ସୌଭାଗ୍ୟ ପାଇଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ପତ୍ନୀ ଦେବୀଶା ସେଚ୍ଚି କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଦମ୍ପତି ସନ୍ତାନର ନାମ ରଖିଛନ୍ତି ରିଦ୍ଧିମା । ସୂର୍ଯ୍ୟ ସୋସିଆଲ ମିଡିଆରେ ଏକ ଭାବପ୍ରବଣ ପୋଷ୍ଟ ସହିତ ଏହି ବିଶେଷ ମୁହୂର୍ତ୍ତକୁ ସେୟାର କରିଛନ୍ତି।

ସୂର୍ଯ୍ୟକୁମାର ଯାଦବ ଏବଂ ଦେବୀଶାଙ୍କ ପ୍ରେମ କାହାଣୀ କଲେଜ ସମୟରୁ ଆରମ୍ଭ ହୋଇଥିଲା। ୨୦୧୬ ଜୁଲାଇ ୭ ତାରିଖରେ ଦୁହେଁ ପ୍ରେମ ବିବାହ କରିଥିଲେ। ସୂର୍ଯ୍ୟ ଦୁଇଥର ଟି-୨୦ ବିଶ୍ୱକପ୍ ଜିତିଥିବା କିଛି ଖେଳାଳିଙ୍କ ମଧ୍ୟରୁ ଜଣେ। ଏହା ବ୍ୟତୀତ, ଚଳିତ ବର୍ଷ ଆରମ୍ଭରେ ତାଙ୍କ ଅଧିନାୟକତ୍ୱରେ କ୍ରିକେଟର ସବୁଠାରୁ ଛୋଟ ଫର୍ମାଟରେ ଭାରତୀୟ ଦଳକୁ ବିଶ୍ୱ ଟାଇଟଲ୍ ସ୍ଥିତିରେ ପହଞ୍ଚାଇଥିଲେ ସେ। ସୂର୍ଯ୍ୟକୁମାର ଯାଦବଙ୍କୁ ଟିମ୍ ଇଣ୍ଡିଆର ସବୁଠାରୁ ଲୋକପ୍ରିୟ ଖେଳାଳିଙ୍କ ମଧ୍ୟରୁ ଜଣେ । ତାଙ୍କର ଚମତ୍କାର ବ୍ୟାଟିଂ ପାଇଁ ପ୍ରଶଂସକମାନେ ତାଙ୍କୁ 'ମିଷ୍ଟର ୩୬୦' ବୋଲି ଡାକି ଥାଆନ୍ତି।

ସୋସିଆଲ ମିଡିଆରେ ସେୟାର କରାଯାଇଥିବା ଏକ ପୋଷ୍ଟରେ, ସୂର୍ଯ୍ୟକୁମାର ଏବଂ ଦେବୀଶା ସେମାନଙ୍କ ଝିଅର ନାମ ପ୍ରକାଶ କରି ଲେଖିଛନ୍ତି, 'ଆମର ସବୁଠାରୁ ମୂଲ୍ୟବାନ ଆଶୀର୍ବାଦ, ରିଦ୍ଧିମାଙ୍କୁ ଭେଟନ୍ତୁ।' 'ରିଦ୍ଧିମା' ନାମର ଅର୍ଥ ସମୃଦ୍ଧି, ପ୍ରେମ ଏବଂ ସୌଭାଗ୍ୟ ବୋଲି ବିଶ୍ୱାସ କରାଯାଏ।

# ମୁମ୍ବାଇ ଇଣ୍ଡିଆନ୍ସରେ ପାଣ୍ଡ୍ୟାଙ୍କ ବଢୁଛି ଟେନସନ୍

ମୁମ୍ବାଇ,୧୧।୫: ଆଇପିଏଲର ଚଳିତ ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ପ୍ଲେଅଫରେ ପହଞ୍ଚିବା ଏବେ ଅସମ୍ଭବ ହୋଇପଡିଛି। ଗତ ରବିବାର, ଆରସିବିଠାରୁ ଦୁଇ ୱିକେଟରେ ପରାଜୟ ପରେ ମୁମ୍ବାଇ ଦଳ ଆଇପିଏଲ ୨୦୨୬ ଗୈଡ଼ରୁ ବାଦ ପଡିଛି। ଏହି ଖରାପ ପ୍ରଦର୍ଶନର ଏକ ପ୍ରମୁଖ କାରଣ ଭାବରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦର୍ଶାଯାଇଥିଲା। ହାର୍ଦ୍ଦିକ ଗତ ଦୁଇଟି ମ୍ୟାଚରୁ ବାହାରେ ଅଛନ୍ତି, ତଥାପି ଏମଆଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଦର୍ଶନ କରିବାରେ ବିଫଳ ହୋଇଛି।

ମୁମ୍ବାଇର ଖରାପ ପ୍ରଦର୍ଶନ ଏବଂ ପ୍ଲେଅଫ୍ ଗୈଡ଼ରୁ ବାଦ ପଡ଼ିବା ପରେ, ହାର୍ଦ୍ଦିକଙ୍କ ଅଧିନାୟକତ୍ୱ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏଠାରେ ତିନୋଟି କାରଣ ଅଛି ଯେ କାହିଁକି ହାର୍ଦ୍ଦିକ ପରବର୍ତ୍ତୀ ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହୋଇପାରିବେ ନାହିଁ।





ମୁମ୍ବାଇ ଇଣ୍ଡିଆନ୍ସ ୨୦୨୪ରେ ରୋହିତ ଶର୍ମାଙ୍କ ବଦଳରେ ଯେତେବେଳେ ତାଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଥିଲା, ଏମଆଇ ମ୍ୟାନେଜମେଣ୍ଟ ତାଙ୍କୁ ଏକ ଦୀର୍ଘକାଳୀନ କ୍ୟାପଟେନ ଭାବରେ ଦେଖିବାକୁ ଚାହୁଁଥିଲା। ତଥାପି, ଫଳାଫଳ ଆଶାର ବିପରୀତ ହୋଇଛି, କାରଣ ହାର୍ଦ୍ଦିକଙ୍କ ଅଧିନାୟକତ୍ୱରେ ଏମଆଇ ତିନି ସିଜିନ ଧରି ଟ୍ରଫି ପାଇନାହିଁ ଏବଂ କେବଳ ଥରେ ପ୍ଲେଅଫରେ ପହଞ୍ଚିଛି। ଲଗାତାର ବିଫଳତା ଏମଆଇ ମ୍ୟାନେଜମେଣ୍ଟକୁ ଅଧିନାୟକ ପରିବର୍ତ୍ତନ କରିବାର କଠିନ ନିଷ୍ପତ୍ତି ନେବାକୁ ବାଧ କରିପାରେ।

ଫିଟନେସ୍ ସମସ୍ୟା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କଷ୍ଟ ଦେଉଛି। ଏହି କାରଣରୁ ସେ ଟେଷ୍ଟ କ୍ରିକେଟ୍ ଖେଳନ୍ତି ନାହିଁ ଏବଂ ବର୍ତ୍ତମାନ, ଧଳା ବଲ୍ କ୍ରିକେଟ୍ ରେ ମଧ୍ୟ ପିଠି ଯନ୍ତ୍ରଣା ତାଙ୍କୁ ହଇରାଣ କରୁଛି। କୁହାଯାଏ ଯେ ହାର୍ଦ୍ଦିକଙ୍କ ଫିଟନେସ୍ ସମସ୍ୟା ତାଙ୍କୁ ଭାରତର ଟି୨୦ ଦଳର ଅଧିନାୟକତ୍ୱ କରିବାରୁ ବାଧା ଦେଇଥିଲା। ବର୍ତ୍ତମାନ, ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସ ଦଳ ସହିତ ସମାନ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି।

ଆଇପିଏଲ ୨୦୨୬ରେ ମୁମ୍ବାଇ ଇଣ୍ଡିଆନ୍ସର ଖରାପ ପ୍ରଦର୍ଶନର ଏକ ପ୍ରମୁଖ କାରଣ ହେଉଛି ଅଧିନାୟକ ହାର୍ଦ୍ଦିକଙ୍କ ଖରାପ ନିଷ୍ପତ୍ତି। କ୍ରିକେଟ ବିଶେଷଜ୍ଞମାନେ ସମଗ୍ର ସିଜିନରେ ଖରାପ ଫିଲ୍ଡିଂ ଏବଂ ତାଙ୍କ ବୋଲରଙ୍କୁ ମନଇଚ୍ଛା ବ୍ୟବହାର ପାଇଁ ତାଙ୍କୁ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ, ତାଙ୍କର ବ୍ୟକ୍ତିଗତ ପ୍ରଦର୍ଶନ ବି ସେତେ ଖାସ ରହିନାହିଁ। କାରଣ ସେ ଆଇପିଏଲ ୨୦୨୬ରେ ଆଠଟି ମ୍ୟାଚ୍ ରେ ମାତ୍ର ୧୪୬ ରନ କରିଛନ୍ତି ଏବଂ କେବଳ ଚାରିଟି ୱିକେଟ ନେଇଛନ୍ତି।

# ପାକିସ୍ତାନ ଯିବେନି କମିନ୍ସ, ହେଡ୍ ଓ ହେଜେଲ୍‌ଉଡ୍

ମେଲବର୍ଣ୍ଣ,୧୧।୫: ଆସନ୍ତା ପାକିସ୍ତାନ ଓ ବାଂଲାଦେଶ ଗସ୍ତ ପାଇଁ 'କ୍ରିକେଟ୍ ଅଷ୍ଟ୍ରେଲିଆ' ପକ୍ଷରୁ ମିଚେଲ୍ ମାର୍ସଙ୍କ ନେତୃତ୍ୱରେ ଦଳ ଘୋଷଣା ହୋଇଛି। ପାକିସ୍ତାନ ଗସ୍ତ ପାଇଁ ତିନି ବରିଷ୍ଠ ଖେଳାଳି ପ୍ୟାଟ୍ କମିନ୍ସ, ଟ୍ରାଭିସ୍ ହେଡ୍ ଓ ଜୋସ୍ ହେଜେଲ୍‌ଉଡ୍‌ଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଫଳରେ ସେମାନେ ନିଜର ଆଇପିଏଲ୍ ଦାୟିତ୍ୱ ନିର୍ବାହ କରିବା ନେଇ ସ୍ଥିତି ସ୍ପଷ୍ଟ ହୋଇଛି। ତେବେ ବାଂଲାଦେଶ ଗସ୍ତ ପାଇଁ ଘୋଷିତ ଦଳରେ କେବଳ ଟ୍ରାଭିସ ହେଡ୍‌ଙ୍କ ପ୍ରତ୍ୟାବର୍ତ୍ତନ ହୋଇଛି।




ଅଷ୍ଟ୍ରେଲିଆ ଦଳରେ ଘୋଷିତ ଓଲି ପିକେ, ଲିଆମ୍ ସ୍କଟ୍ ଓ ଜୋଏଲ୍ ଡେଭିସ୍‌ଙ୍କ ପ୍ରଥମ ଥର ପାଇଁ ଜାତୀୟ ଦଳରେ ସାମିଲ କରାଯାଇଛି। ପିକେଙ୍କୁ କେବଳ ପାକିସ୍ତାନ ଗସ୍ତ ଲାଗି ସାମିଲ କରାଯାଇଥିବାବେଳେ ସ୍କଟ୍‌ଙ୍କୁ ବାଂଲାଦେଶ ଗସ୍ତରେ ବି ସାମିଲ କରାଯାଇଛି। ମିଚେଲ୍ ମାର୍ସଙ୍କ ଆଇପିଏଲ୍ ଦଳ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଇତି ମଧ୍ୟରେ ପ୍ଲେଅଫ୍‌ରୁ ବାଦ୍ ପଡ଼ିଥିବାରୁ ତାଙ୍କ ପାଇଁ ପାକିସ୍ତାନ ଗସ୍ତରେ ଯିବା କୌଣସି ସମସ୍ୟା ହେବ ନାହିଁ। ଅନ୍ୟପକ୍ଷରେ ଟ୍ରାଭିସ୍ ହେଡ୍ (ସନ୍‌ରାଇଜର୍ସ ହାଇଦ୍ରାବାଦ), କୁପର କନୋଲି, ବେନ୍ ଦ୍ୱାରସ୍ୱିସ୍ ଓ ଜାଭିଏର୍ ବ୍ରାର୍ଟଲେଟ୍ (ପଞ୍ଜାବ କିଙ୍ଗ୍ସ)ଙ୍କ ଆଇପିଏଲ୍ ଦଳମାନେ ପ୍ଲେଅଫ୍ ଖେଳିବାର ସମ୍ଭାବନା ରହିଛି । ଏଣୁ ସେମାନଙ୍କୁ କେବଳ ବାଂଲାଦେଶ ଗସ୍ତରେ ସାମିଲ କରାଯାଇଛି।

# ମେହୁଲ ରାଠୋର ଜିତିଲେ ଡବଲ ଟ୍ରଫି

ଭୁବନେଶ୍ୱର୧୧।୫ : ସେମି ଓ ଫାଇନାଲ ପର୍ଯ୍ୟାୟରେ ମ୍ୟାଚ ସହ ପ୍ରଥମ ରାଜ୍ୟ ସ୍କ୍ୱାସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଭୁବନେଶ୍ୱରର ପୁରୁଣା କ୍ରୀଡା ନିର୍ଦ୍ଦେଶାଳୟ ପରିସରରେ ଥିବା ସ୍କ୍ୱାସ୍ କୋର୍ଟରେ ଦୁଇ ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କ୍ୱାସ୍ ର୍ୟାକେଟ୍ ଫେଡେରେସନ୍ ଅଫ୍ ଇଣ୍ଡିଆର ଅନୁମୋଦିତ ସଂସ୍ଥା ଓଡିଶା ସ୍କ୍ୱାସ୍ ଆସୋସିଏସନ୍ ଏହାର ଆୟୋଜନ କରିଥିଲା। ଏହି ପ୍ରତିଯୋଗିତାରେ ଦୁଇଟି ବର୍ଗରେ ଚମ୍ପିଆନ୍ ହୋଇ ମେହୁଲ ରାଠୋର ଡବଲ ଟ୍ରଫି ହାସଲ କରିଛନ୍ତି।




ସେ ପୁରୁଷ ବର୍ଗରେ ଅଞ୍ଜନ ପଟ୍ଟନାୟକଙ୍କୁ ପରାଜିତ କରିଥିଲାବେଳେ ୩୫ବର୍ଷରୁ ଉର୍ଦ୍ଧ୍ୱବର୍ଗରେ ମଧ୍ୟ ସେହି ଅଞ୍ଜନ ପଟ୍ଟନାୟକଙ୍କୁ ପରାଜିତ କରି ଚମ୍ପିଆନ୍ ହୋଇଛନ୍ତି। ପୁରୁଷ ବର୍ଗର ଫାଇନାଲ ମ୍ୟାଚରେ ମେହୁଲ ୧୧-୪ ଓ ୧୧-୮ରେ ଅଞ୍ଜନଙ୍କୁ ପରାଜିତ କରିଥିଲେ। ମାଷ୍ଟର୍ସ ବର୍ଗରେ ଠିକ୍ ପୁରୁଷ ବର୍ଗର ଫାଇନାଲ ପୂର୍ବରୁ ଅଞ୍ଜନଙ୍କୁ ୧୨-୧୦ ଓ ୧୧-୫ରେ ହରାଇ ଦେଇଥିଲେ। କଟକର ଏହି ଦୁଇ ବନ୍ଧୁଙ୍କ କୋର୍ଟ ଭିତରେ ପ୍ରଚଣ୍ଡ ଟକ୍କରକୁ ସମସ୍ତେ ଉପଭୋଗ କରିଥିଲେ। ଅଞ୍ଜନ ପଟ୍ଟନାୟକ ଦୁଇଟି ବର୍ଗରେ ଉପବିଜେତା ହୋଇଛନ୍ତି। ପୁରୁଷ ବର୍ଗର ବ୍ରୋଞ୍ଜ ପଦକ ରୋଶନ ମିଶ୍ରଙ୍କୁ ମିଳିଛି।

ସେହିପରି ମାଷ୍ଟର୍ସ ବର୍ଗରେ ୩ୟ ସ୍ଥାନ ଦଖଲ କରିଛନ୍ତି ଶୁଭେନ୍ଦ୍ର କୁମାର ପୃଷ୍ଟି। ମହିଳା ବର୍ଗରେ ଏଲିନା ସଇଦ୍ ଚମ୍ପିଆନ୍ ହୋଇଥିଲାବେଳେ କ୍ଷିତିଜା ଜେନା ଉପବିଜୟିନୀ ଓ ଆହାନା ନିଶାଙ୍କ ୩ୟ ସ୍ଥାନ ଦଖଲ କରିଥିଲେ। ସଂଘର ପରାମର୍ଶଦାତା ତଥା କ୍ରୀଡା ସାମ୍ବାଦିକ ସମ୍ବିତ ମହାପାତ୍ରଙ୍କ ସଂଯୋଜନା ରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲ୍ଲିପ ତିର୍କୀ ପ୍ରତିଯୋଗିତାକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଓଡିଶାର କୌଣସି ଖେଳାଳି ଅଲିମ୍ପିକ୍ସରେ ଖେଳିବେ ବୋଲି ଆଶା ବ୍ୟକ୍ତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ତଥା ପୂର୍ବତନ କ୍ରିକେଟ୍ କୋଚ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସିଏସ୍ଏମ୍ ଟେକ୍‌ନୋଲୋଜିର ଅଧକ୍ଷ ପ୍ରିୟଦର୍ଶୀ ପାଣି, ଭାରତ ବନ ସେବାର ପଦସ୍ଥ ଅଧିକାରୀ ଡାକ୍ତର ସଞ୍ଜୟ ସ୍ୱାଇଁ ସାମିଲ ହୋଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାର ଟେକ୍‌ନିକାଲ ମୁଖ୍ୟ ଗୌତମ ଦାସ, ପ୍ରତିଯୋଗିତାର ଆୟୋଜନ ଅଧକ୍ଷ ନଫିଜ୍ ସଇଦ୍, ପ୍ରତିଯୋଗିତା ଅଧକ୍ଷ ରବି ନେଓଟିଆ ଏବଂ ପ୍ରତିଯୋଗିତାର ଆୟୋଜକ ଅଧିକାରୀ ସନୁ କୁମାର ପଣ୍ଡାଙ୍କୁ ସମ୍ମାନୀତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସାମିଲ ହୋଇଥିବା ଅତିଥିମାନେ କୋର୍ଟରେ ସ୍କ୍ୱାସ୍ ଖେଳି ଖୁବ୍ ଉପଭୋଗ କରିଥିଲେ।

# ମେସିଙ୍କ କାନ୍ଧରେ ହାତ ପକାଇଥିଲେ ପଶ୍ଚିମବଙ୍ଗ ମନ୍ତ୍ରୀ

କୋଲ୍‌କାତା୧୧।୫: ପଶ୍ଚିମବଙ୍ଗରେ ତୃଣମୂଳ ସରକାରର ପରାଜୟ ପରେ ମୁହଁ ଖୋଲିଛନ୍ତି 'ଲିଓନେଲ୍ ମେସି ଗୋଟ୍ ଟୁର୍'ର ଆୟୋଜକ ଶତଦ୍ରୁ ଦତ୍ତ। ସେ କହିଛନ୍ତି ଯେ ୨୦୨୫ ଡିସେମ୍ବରରେ ମେସିଙ୍କ ସଲ୍ଟଲେଟ୍ ଷ୍ଟାଡିୟମ କାର୍ଯ୍ୟକ୍ରମ ସମୟରେ ତୃଣମୂଳ ସରକାରର ମନ୍ତ୍ରୀ ଓ କର୍ମୀମାନେ ବିଶୃଙ୍ଖଳା ସୃଷ୍ଟି କରିଥିଲେ, କିନ୍ତୁ ତାଙ୍କୁ ଜେଲ୍ ପଠାଯାଇଥିଲା।

ସେ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମର ଆୟୋଜନ ତାଙ୍କ ଟିମ୍ ମୁମ୍ବାଇ, ହାଇଦ୍ରାବାଦ ଓ ଦିଲ୍ଲୀରେ କରିଥିଲେ ବି କୌଣସିଠାରେ ବିଶୃଙ୍ଖଳା ହୋଇନଥିଲା। କିନ୍ତୁ କୋଲକାତାରେ ବିଶୃଙ୍ଖଳା ହୋଇଥିଲା। ନିରାପତ୍ତା ଓ ଶୃଙ୍ଖଳା ରକ୍ଷା ପାଇଁ କୋଲକାତା ପୁଲିସ ସହ ସେ ବାରମ୍ବାର ବୈଠକ କରିଥିଲେ ବି ଏହି କାର୍ଯ୍ୟକ୍ରମରେ ଅନେକ ଅନଧିକୃତ ଲୋକ ପ୍ରବେଶ କରି ମେସିଙ୍କ ନିକଟକୁ ଚାଲିଯାଇଥିଲେ। ପ୍ରାୟ ୧୦୦ରୁ ୧୨୦ ଜଣ ଲୋକ ପଡ଼ିଆରେ ମେସିଙ୍କୁ ଘେରି ରହିଥିଲେ ଓ ଫଟୋ ଉଠାଇଥିଲେ। ମେସିଙ୍କ ନିକଟକୁ ଯିବାକୁ କ୍ରୀଡ଼ାମନ୍ତ୍ରୀ ଅରୁପ ବିଶ୍ୱାସଙ୍କୁ ଅନୁମତି ନଥିଲେ ବି ସେ ତାଙ୍କ ନିକଟକୁ ନିଜ ସମର୍ଥକମାନଙ୍କ ସହ ଯାଇଥିଲେ। ଏପରିକି ସେ ମେସିଙ୍କ କାନ୍ଧ ଓ ଅଣ୍ଟାରେ ହାତ ପକାଇଥିଲେ। ଏପିରିକି ପୁଲିସ କମିସନର ବି ନୀରବଦ୍ରଷ୍ଟା ସାଜିଥାନ୍ତି। ଏପରି ବିଶୃଙ୍ଖଳା ଦେଖି ମେସିଙ୍କ ସୁରକ୍ଷା ଦଳ ମାତ୍ର ୨୦ ମିନିଟ୍ ପରେ କାର୍ଯ୍ୟକ୍ରମ ବାତିଲ କରି ମେସିକୁ ନେଇଯାଇଥିଲେ ବୋଲି ଦତ୍ତ କହିଛନ୍ତି।

# ଡ୍ରେସିଂ ରୁମରେ ଆରସିବି ବିଜୟର ରହସ୍ୟ କୋହଲି

ମୁମ୍ବାଇ,୧୧।୫: ଗତକାଲି ଆଇପିଏଲରେ ମୁମ୍ବାଇ ବିପକ୍ଷରେ ଏକ ରୋମାଞ୍ଚକର ବିଜୟ ପରେ ବିରାଟ କୋହଲି ଖେଳାଳିମାନଙ୍କୁ ପ୍ରଶଂସା କରି କହିଥିଲେ ଯେ ଏକ ଦଳକୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଜିତିବା ପାଇଁ ଚାପରେ ଲଢ଼ିବା ପାଇଁ ଏହି ପ୍ରକାରର ଲଢୁଆ ମନୋଭାବ ଏବଂ ମାନସିକତା ଆବଶ୍ୟକ। କୋହଲି ବିଶେଷ ଭାବରେ କେପି(କନାଲ ପାଣ୍ଡ୍ୟା) ଙ୍କ ବ୍ୟାଟିଂର ପ୍ରଶଂସା କରି କହିଥିଲେ ଯେ ଏହା କୌଣସି ଆଇପିଏଲ ମ୍ୟାଚ୍‌ରେ ସେ ଦେଖିଥିବା ସର୍ବୋତ୍ତମ ଇନିଂସ। ସେ କହିଛନ୍ତି ଯେ ଅନେକ ଖେଳାଳି କଷ୍ଟକର ପରିସ୍ଥିତିରେ ଭାଙ୍ଗିପଡନ୍ତି, କିନ୍ତୁ ଆଘାତ ଏବଂ କ୍ରାମ୍ପ ଭଳି ଚ୍ୟାଲେଞ୍ଜ ସତ୍ତ୍ୱେ କେପି ଅଟଳ ରହିଥିଲେ।

ସେ କହିଛନ୍ତି ଯେ ଯେତେବେଳେ ଦଳ ସମସ୍ୟାରେ ଥିଲା, କେପି ଧୈର୍ଯ୍ୟ ଦେଖାଇଥିଲେ, ସଠିକ୍ ମୁହୂର୍ତ୍ତ ପାଇଁ ଅପେକ୍ଷା କରିଥିଲେ ଏବଂ ପରେ ବଡ଼ ସଟ୍ ମାରି ମ୍ୟାଚ୍‌କୁ ବଦଳାଇ ଦେଇଥିଲେ। କୋହଲି ବିଶେଷ ଭାବରେ କ୍ରାମ୍ପ ସତ୍ତ୍ୱେ ମାରିଥିବା ଦୁଇଟି ଛକାକୁ ସଫଳତାର ପଏଣ୍ଟ ଭାବରେ ଉଲ୍ଲେଖ କରିଥିଲେ।




ଦଳର ବିଜୟରେ ବୋଲରମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବିରାଟ କୋହଲି ଭୁବନେଶ୍ୱର କୁମାରଙ୍କ ପ୍ରଶଂସା କରି କହିଥିଲେ ଯେ ପାୱାରପ୍ଲେରେ ତାଙ୍କର ବୋଲିଂ ସମ୍ପୂର୍ଣ୍ଣ ବିଶ୍ୱସ୍ତରୀୟ ଥିଲା। ସେ ପ୍ରତିପକ୍ଷ ବ୍ୟାଟସମ୍ୟାନଙ୍କ ଉପରେ ନିରନ୍ତର ଚାପ ବଜାୟ ରଖିଥିଲେ ଏବଂ ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ ।ତଥାପି, ମ୍ୟାଚ୍‌ର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ସେତେବେଳେ ଆସିଥିଲା ଯେତେବେଳେ ଶେଷ ଓଭରରେ ବ୍ୟାଟିଂ କରିବାକୁ ଆସି ଭୁବନେଶ୍ୱର ଚାପରେ ଏକ ଚମତ୍କାର ଛକା ମାରିଥିଲେ। ଅଧିନାୟକ ମଜା କରି ମନ୍ତବ୍ୟ ଦେଇଥିଲେ ଯେ ସମସ୍ତେ ଜାଣନ୍ତି ଯେ ଜଣେ ବୋଲର ଭାବେ ଭୁବନେଶ୍ୱର କେତେ ଚମତ୍କାର, କିନ୍ତୁ ଏହି ମ୍ୟାଚ୍‌ରେ ସେ ଏହା ମଧ୍ୟ ପ୍ରମାଣ କରିଛନ୍ତି ଯେ ସେ ବ୍ୟାଟ୍ ସହିତ ଚମତ୍କାର କରିପାରିବେ।

କୋହଲି ଦଳର ଅନ୍ୟ ସଦସ୍ୟଙ୍କ ଅବଦାନକୁ ମଧ୍ୟ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ସୁୟଶ, ରସିକ ଏବଂ ସେଚ୍ଚି ବଲ୍ ସହିତ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଥିଲେ। ସେଚ୍ଚିଙ୍କ ସଠିକ୍ ଲାଇନ ଏବଂ ଲେନ୍ଥର ପ୍ରଶଂସା କରି କୋହଲି କହିଛନ୍ତି ଯେ ଯେତେବେଳେ ଜଣେ ଖେଳାଳି ଆତ୍ମବିଶ୍ୱାସୀ ଥାଏ, ତାଙ୍କର ଦକ୍ଷତା ଆହୁରି ଉଜ୍ଜ୍ୱଳ ହୋଇଥାଏ। ବ୍ୟାଟିଂରେ ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ, ଦଳ ହାର ମାନି ନଥିଲା। କୋହଲି ବେଥେଲ ଏବଂ କେପିଙ୍କ ମଧ୍ୟରେ ଭାଗୀଦାରୀକୁ ବିଜୟର ମୂଳଦୁଆ ଭାବରେ ଶ୍ରେୟ ଦେଇଥିଲେ। ସେ କହିଛନ୍ତି ଯେ ଉଭୟ ବ୍ୟାଟସମ୍ୟାନ ମ୍ୟାଚ୍ ପରିସ୍ଥିତିକୁ ବୁଝିପାରିଥିଲେ ଏବଂ ଧୈର୍ଯ୍ୟ ଏବଂ ଆକ୍ରମଣାତ୍ମକତା ମଧ୍ୟରେ ସଠିକ୍ ସନ୍ତୁଳନ ରକ୍ଷା କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k